

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-355 ◆BHUBANESWAR ◆MONDAY ◆23 JUNE 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୫୫ ◆ଭୁବନେଶ୍ୱର ◆ସୋମବାର ◆୨୩ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଯୁଦ୍ଧକୁ ଡେଇଁଲା ଆମେରିକା



## ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ବୋମାମାଡ଼

■ **ତେହରାନ/ୱାଶିଂଟନ, ୨୨।୬ (ଏଜେନ୍ସି):** ଗତ ଏକ ସପ୍ତାହ ଧରି ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧରେ ସାମିଲ ହୋଇଛି ଆମେରିକା। ଆମେରକାର ଯୁଦ୍ଧ ବିମାନ ଆଜି ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ପ୍ରଚଣ୍ଡ ବୋମାମାଡ଼ କରି ଏଗୁଡ଼ିକୁ ଧ୍ୱଂସ କରିଦେଇଛନ୍ତି। ଆମରିକାର ଏଭଳି ଆକ୍ରମଣକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜାତିସଂଘ ସମେତ ରୁଷ, ଚୀନ ଓ ଅନ୍ୟ କେତେକ ଦେଶ ଏହାର ନିନ୍ଦା କରିବା ସହିତ ସତର୍କ କରାଇ ଦେଇଛନ୍ତି ଯେ ଏହାଦ୍ୱାରା ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଆହୁରି ବିଗିଡ଼ିଯିବାର ସମ୍ଭାବନା ରହିଛି। ଇରାନ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ପ୍ରତିଶୋଧ ନେବାକୁ ଧମକ ଦେଇଛି। ଇରାନର ଧମକ ପରେ ଆମେରିକାର ଅନେକ ସହରରେ ହାଇଆଲର୍ଟ ଜାରି କରାଯାଇଛି।

ଇରାନ ଉପରେ ଆକ୍ରମଣ ପାଇଁ ଦୁଇ ସପ୍ତାହ ସମୟ ନେଇଥିବା ଆମରେିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ସକାଳେ ହିଁ ଇରାନ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆମେରିକାର ବୋମାବର୍ଷୀ ବିମାନ ବି-୨ ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ଶକ୍ତିଶାଳୀ ଜିବିୟୁ-୫୭ ଏମ୍‌ଓପି ନାମକ ବୋମା ମାଡ଼ କରିଥିଲା। ଫରଦୋ, ନତାଞ୍ଜ ଏବଂ ଏସ୍‌ଫାହନ୍ ପରମାଣୁ ପ୍ରତିଷ୍ଠାନ ଉପରେ ଦୁଇଟି ଲେଖାଏଁ ୬ଟି ଏଭଳି ବୋମା ପକାଇଥିଲା। ଗୋଟିଏ ବୋମାର ଓଜନ ୧୫ ଟନ୍ ଥିବା ବେଳେ ୨୦୦ ଫୁଟ୍ ଗଭୀର ଭୂତଳ ଟାର୍ଗେଟକୁ ଏହା ଭେଦ କରିପାରିବ। ଏହି ବୋମାମାଡ଼ରେ ▶ପୃଷ୍ଠା-୭

### ରୁଷ, ଚୀନର ନିନ୍ଦା; ମଧ୍ୟପ୍ରାଚ୍ୟ ଅଶାନ୍ତ

### ପ୍ରତିଶୋଧ ପାଇଁ ଇରାନର ଧମକ

### ଉଦ୍‌ବେଗ ଜଣାଇଲା ଭାରତ

**ହର୍ମୁଜ ଷ୍ଟ୍ରେଟ ବନ୍ଦ କରିବ ଇରାନ**

## ବଢ଼ିବ ତୈଳ ଦର !

■ **ତେହରାନ, ୨୨।୬ (ଏଜେନ୍ସି):** ଆମେରିକାର ଆକ୍ରମଣ ପରେ ଇରାନ ବଡ଼ ପଦକ୍ଷେପ ନେଇଛି। ଏହା ଦ୍ୱାରା ବିଶ୍ୱରେ ସଙ୍କଟ ସୃଷ୍ଟି ହୋଇପାରେ। ତୈଳ ଦର ଆକାଶ ଛୁଇଁପାରେ। ବିନା କ୍ଷେପଣାସ୍ତ୍ର ମାଡ଼ କରି ଇରାନ ଦୁନିଆକୁ ଦୋହଲାଇ ଦେଇପାରେ। ଆଜି ଇରାନ ସଂସଦରେ 'ଷ୍ଟ୍ରେଟ୍ ଅଫ ହର୍ମୁଜ' ବନ୍ଦ କରିବାକୁ ପ୍ରସ୍ତାବ ପାରିତ ହୋଇଯାଇଛି। ତେବେ ଇରାନ ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇ ଏହା ଉପରେ ଅନ୍ତିମ ନିଷ୍ପତ୍ତି ନେବେ। ହର୍ମୁଜ ଷ୍ଟ୍ରେଟ ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଚେକ୍ ପଏଣ୍ଟ। ଏହା ଓମାନ ଉପକୂଳ, ଓମାନ, ଇରାନ, ପାକିସ୍ତାନ ଏବଂ ୟୁଏଇ ମଧ୍ୟରେ ରହିଛି। ଏହା ଆରବ ସାଗରକୁ ପାର୍ସିଆନ ଗଲ୍ଫ ସହ ଯୋଡୁଛି। ଏହି କ୍ଷେତ୍ର ଇରାନ-ଇସ୍ରାଏଲ ସଂଘର୍ଷର ମୁଖ୍ୟ କାରଣ ପାଲଟିଛି। କାରଣ ବିଶ୍ୱର ୨୦ ପ୍ରତିଶତ ତୈଳ ଏବଂ ଗ୍ୟାସ ଏହି ଷ୍ଟ୍ରେଟ ଦେଇ ଯାଉଛି। ଏହି ରାସ୍ତାକୁ ବନ୍ଦ କରିବା ପାଇଁ ପୂର୍ବରୁ ଇରାନ ଧମକ ଦେଇସାରିଛି। ଯଦି ଏହା ବନ୍ଦ ▶ପୃଷ୍ଠା-୭

# ଅସ୍ତ୍ରୋପଚାର ସଫଳ; ନବୀନ ସୁସ୍ଥ

■ **ମୁମ୍ବାଇ, ୨୨।୬ (ସମିସ):** ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେସନ ସଫଳତାର ସହ ଶେଷ ହୋଇଛି। ତାଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ପ୍ରଖ୍ୟାତ ଚିକିତ୍ସକ ଡା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲର ସ୍ନାୟୁ ବିଶେଷଜ୍ଞ ଡାକ୍ତର ରାଜଶେଖର ଅସ୍ତ୍ରୋପଚାର କରିଛନ୍ତି। ଏହି ସମୟରେ ଏସିଆନ ହାର୍ଟ ଇନଷ୍ଟିଚ୍ୟୁଟର ବିଶେଷଜ୍ଞମାନେ ମଧ ଉପସ୍ଥିତ ଥିଲେ। ଅପରେସନ ପରେ ନବୀନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ଡାକ୍ତରଖାନାରେ ତାଙ୍କୁ ୪୮ ଘଣ୍ଟା ପର୍ଯ୍ୟବେକ୍ଷଣରେ ରଖାଯିବ। ଏହାପରେ ତାଙ୍କୁ କ୍ୟାବିନ୍‌କୁ ସ୍ଥାନାନ୍ତର କରାଯିବ। ୫ରୁ ୭ ଦିନ ମଧ୍ୟରେ ଷ୍ଟିଚ୍ ଖୋଲାଯିବ ଓ ଏହାପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ରବିବାର ସକାଳ ପ୍ରାୟ ୬ଟାରେ ନବୀନଙ୍କୁ ଅସ୍ତ୍ରୋପଚାର ପାଇଁ ଓଟିକୁ ନିଆଯାଇଥିଲା। ସକାଳ ୮ଟାରେ ତାଙ୍କର ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ୨ ଘଣ୍ଟା ▶ପୃଷ୍ଠା-୭



- **୪୮ ଘଣ୍ଟା ପର୍ଯ୍ୟବେକ୍ଷଣରେ ରହିବେ**
- **୫-୭ ଦିନ ମଧ୍ୟରେ ଖୋଲାଯିବ ଷ୍ଟିଚ୍**
- **ଡା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା**
- **ଡାକ୍ତରଖାନାରେ ଭାଇ ପ୍ରେମ୍ ଓ ଭାଉଜ ଉପସ୍ଥିତ**

**ଗୋ-ଚାଲାଣ ସନ୍ଦେହରେ କଙ୍ଗାରୁକୋର୍ଟ**

# ୨ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇଲେ



- **ଅଧାଲଣ୍ଡା କରି ଘାସ ଖୁଆଇଲେ**
- **ଗାଁ ଦାଣ୍ଡରେ ଆଣ୍ଠେଇ ଆଣ୍ଠେଇ ଚଲାଇଲେ**
- **ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୀମା ଲଂଘିଲା ନିର୍ଯାତନା**
- **ପୁଲିସ୍ ଉପରୁ ତୁଟୁଛି ଭରସା**

■ **ଧରାକୋଟ, ୨୨।୬ (ସମିସ):** ଟଙ୍କା ନ ଦେବାରୁ ୨ ନିରୀହ ଦଳିତଙ୍କୁ ମିଛରେ ଗୋ-ଚାଲାଣକାରୀ ସଜାଇ ଅଧାଲଣ୍ଡା କରି ଆଣ୍ଠେଇବା, ଘାସ ଖୁଆଇବା ଓ ନର୍ଦ୍ଦମା ପାଣି ପିଆଇବା ଭଳି ଅମାନବୀୟ ଘଟଣା ଗଞ୍ଜାମ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ ସ୍ୱଷ୍ଟ ଦିବାଲୋକରେ ଘଟିଥିବା ଏହି ଘଟଣା ସରକାର ଓ ପୁଲିସ ପ୍ରଶାସନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। କଙ୍ଗାରୁ କୋର୍ଟରେ ଅକାରଣରେ ଦଣ୍ଡ ପାଇଥିବା ଦୁଇ ଦଳିତ ହେଲେ, ଧରାକୋଟ ବ୍ଲକ୍‌ର ସିଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକ। ମୁଖ୍ୟମନ୍ତ୍ରୀ ସୋମବାର ଆସିକା ଗସ୍ତରେ ଆସିବାର ଥିବା ବେଳେ ତା' ପୂର୍ବରୁ ଏଭଳି ଏକ ଲୋମଟାଙ୍କୁରା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ▶ପୃଷ୍ଠା-୭




# ୩୭ ଘଣ୍ଟା ଉଡ଼ାଣ ପରେ ଇରାନରେ ଆକ୍ରମଣ କରିଥିଲା ବି-୨ ବମ୍ବର୍ସ



## ୧୨ ବଙ୍କର ବଷ୍ଟର, ୩୦ ଟମ୍ ହକ୍ କ୍ଷେପଣାସ୍ତ୍ର ଆକ୍ରମଣ

ୱାଶିଂଟନ, ୨୨।୬ (ଏଜେନ୍ସି):


ଇସ୍ରାଏଲ ଏବଂ ଇରାନ ସଂଘର୍ଷକୁ ଆମେରିକା ଡେଇଁଛି। ଏହି ଦେଶ 'ଅପରେସନ ମିଡ୍‌ନାଇଟ ହାମର' ଆରମ୍ଭ କରି ରବିବାର ସକାଳେ ଇରାନର ତିନୋଟି ପରମାଣୁ ଠିକଣାରେ ବୋମା ବର୍ଷା କରିଛି। ଏହି ଆକ୍ରମଣରେ ନତାଞ୍ଜ, ଫର୍ଦୋ ଏବଂ ଇସାଫାହନ ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଯାଇଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧରେ ଆମେରିକା ସାମିଲ ହୋଇ ସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଛି। ଇରାନ ଜବାବୀ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛି। ତେବେ ଇରାନ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ଆମେରିକା ଜୋରଦାର ଆକ୍ରମଣ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଇରାନ ଉପରେ ଆଜି ହୋଇଥିବା ଆକ୍ରମଣରେ ଆମେରିକାର ବି-୨ ଷ୍ଟିଲଥ୍ ବମ୍ବର୍ସ ସହିତ ୧୨୫ ଲଢୁଆ ବିମାନ ସାମିଲ ହୋଇଥିଲା। ପାହାଡ଼ କାଟି ଇରାନ ପରମାଣୁ କେନ୍ଦ୍ର ବନାଇ ଥିଲା। ତେଣୁ ଏହାକୁ ଧ୍ୱଂସ କରିବା ପାଇଁ ବି-୨ ବମ୍ବରର ଆବଶ୍ୟକତା ପଡ଼ିଥିଲା। ୨୫୦ ଫୁଟ୍ ତଳେ ଥିବା ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ ବଙ୍କର ବଷ୍ଟର ବ୍ୟବହାର କରାଯାଇଥିଲା। ପ୍ରଥମ ଥର ପାଇଁ ଆମେରିକା ଏହି ବୋମାକୁ ବ୍ୟବହାର କରିଛି। ତେବେ ଆକ୍ରମଣ ପରେ ପରମାଣୁ କେନ୍ଦ୍ରରୁ କୌଣସି ବିକିରଣ ହୋଇନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଏହି ଅଭିଯାନ ପାଇଁ ବି-୨ ବମ୍ବର୍ସ ଅନବରତ ୩୭ ଘଣ୍ଟା ପର୍ଯ୍ୟନ୍ତ ଉଡ଼ାଣ କରିଥିଲା। ସିଧାସଳଖ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଇରାନର ପରମାଣୁ କେନ୍ଦ୍ର ଉପରେ ବଙ୍କର ବଷ୍ଟର ମାଡ଼ କରିଥିଲା। ଆମେରିକା ରାଷ୍ଟ୍ରପତି ଏହି ସୂଚନା ଦେଇଛନ୍ତି। ଆମେରିକାର ମିସୋରିରୁ ବି-୨ ବିମାନ ଉଡ଼ାଣ ଆରମ୍ଭ କରିଥିଲା। ଏହା ଲକ୍ଷ୍ୟଭେଦ କରିବା ପୂର୍ବରୁ ୩୭ ଘଣ୍ଟାର ଯାତ୍ରା କରିଥିଲା। ଆକାଶ ମାର୍ଗରେ ଇନ୍ଧନ ଭର୍ତ୍ତି କରି ଏହି ଅଭିଯାନକୁ ସଫଳତାର ସହ ଶେଷ କରିଥିଲା। ପ୍ରାୟ ୨ ବିଲିୟନ ଡଲାର (୧, ୭୩, ୧୬, ୬୦, ୨୦, ୪୦୦ ଟଙ୍କା) ମୂଲ୍ୟର ଏହି ଉନ୍ନତ ଲଢୁଆ ବିମାନ ମିସୋରିରୁ ଇରାନ ଏବଂ ପୁଣି ଆମେରିକା ଫେରିବା ପର୍ଯ୍ୟନ୍ତ ୧୧, ୪୦୦ କିମି ପଥ ଅତିକ୍ରମ କରିଥିଲା। ଆକ୍ରମଣ ଦ୍ୱାରା ଫରଦୋରେ ୬ଟି ବଡ଼ ଖାଲ ହୋଇଯାଇଛି। ମାକ୍ସାର ଟେକ୍ନୋଲୋଜି ପାଖରୁ ଏହାର ଫଟୋ ଜାରି କରାଯାଇଛି। ଏହାର ଆଖପାଖରେ ମାଟି ଧସି ଯାଇଥିବା ମଧ୍ୟ ଦେଖିବାକୁ ମିଳୁଛି।

- 'ଅପରେସନ ମିଡ୍‌ନାଇଟ ହାମର'ରେ ସାମିଲ ଥିଲା ୧୨୫ ଯୁଦ୍ଧ ବିମାନ
- ଆକ୍ରମଣ ପୂର୍ବରୁ ଇରାନକୁ ଜଣାଇଥିଲା ଆମେରିକା

ଫରଦୋ ଠିକଣାରେ ୬ଟି ବଙ୍କର ବଷ୍ଟର ତଥା ଜିବିୟୁ-୫୭ ମାସିଭ ଅର୍ଡନାନ୍ସ ପେନେଟ୍ରେଟର (ଏମଓପି) ବୋମା ମାଡ଼ କରାଯାଇଥିଲା। ସେହିପରି ୩୦ ଟମ୍‌ହକ୍ କ୍ଷେପଣାସ୍ତ୍ର ମଧ୍ୟ ଆକ୍ରମଣ କରାଯାଇଥିଲା। ଅନ୍ୟ ଏକ ରିପୋର୍ଟରେ ଆମେରିକା ୧୨ଟି ବଙ୍କର ବଷ୍ଟର ବୋମା ମାଡ଼ କରିଥିବା କୁହାଯାଇଛି। ଆମେରିକାର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ଜେନେରାଲ ଡାନ କେନ କହିଛନ୍ତି ଯେ ଆକ୍ରମଣରେ ୭ଟି ବି-୨ ବିମାନ ସାମିଲ ଥିଲା। ଏହି ବିମାନ ଫର୍ଦୋ ଏବଂ ନତାଞ୍ଜରେ ପ୍ରାୟ ୧୪ ହଜାର କେଜିର ବୋମା ପକାଇ ଥିଲା। କିନ୍ତୁ ଇସ୍‌ଫାହନରେ ଟମ୍‌ହକ୍ ମିସାଇଲ ମାଡ଼ କରାଯାଇଥିଲା। ଏହି ଅଭିଯାନ ପାଇଁ ଧୋକାର ରଣନୀତି ଆପଣା ଯାଇଥିଲା। କିଛି ବୋମାବର୍ଷୀ ବିମାନକୁ ପ୍ରଶାନ୍ତ ମହାସାଗର ଅଭିମୁଖେ ପଠା ଯାଇଥିଲା। ଏହା ମାଧ୍ୟମରେ ଇରାନକୁ ଭୁଆଁ ବୁଲା ଯାଇଥିଲା। ସେହିଦିଗରୁ ଆକ୍ରମଣ ହେବ ବୋଲି ଇରାନ ଭାବିଥିଲା। କିନ୍ତୁ ଅନ୍ୟ ଦିଗରୁ ଆମେରିକା ଆକ୍ରମଣ କରିଥିଲା। ୨୦୦୧ ସେପ୍ଟେମ୍ବର ୧୧ ପରଠାରୁ ଏହା ସବୁଠୁ ବଡ଼ ବି-୨ ମିସନ ଥିଲା। ଏହି ଅଭିଯାନକୁ ଅତ୍ୟନ୍ତ ଗୁପ୍ତ ରଖାଯାଇଥିଲା। କିଛି ନିର୍ଦ୍ଦିଷ୍ଟ ସେନା ଅଧିକାରୀଙ୍କୁ ଏହି ସୂଚନା ଦିଆଯାଇଥିଲା। ଅନ୍ୟପଟେ ଆମେରିକା ଦିନକ ପୂର୍ବରୁ ଆକ୍ରମଣ ବିଷୟରେ ଇରାନକୁ ସୂଚନା ଦେଇଥିଲା ବୋଲି କୁହାଯାଉଛି। ଅମବାଜ ମିଡିଆ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆକ୍ରମଣ ପୂର୍ବରୁ ଆମେରିକା ଆଡଭାନ୍ସ ନୋଟିସ ପଠାଇ ଥିଲା। ନାମ ପ୍ରକାଶ ନ କରିବା ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି ଯେ ଗତ ୨୧ ତାରିଖରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆକ୍ରମଣ ପାଇଁ ସୂଚନା ଦିଆଯାଇଥିଲା। ଇରାନ ସହ ଯୁଦ୍ଧ କରିବା ଆମେରିକାର ଉଦ୍ଦେଶ୍ୟ ନୁହେଁ ବୋଲି କୁହାଯାଇଥିଲା। କେବଳ ତିନୋଟି ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରାଯିବ ବୋଲି ସୂଚନା ଦିଆଯାଇଥିଲା।

ଆମେରିକା ଆକ୍ରମଣ କରିବ ବୋଲି ପୂର୍ବରୁ ଇରାନ ଜାଣିପାରି ଥିଲା। ଏଥିପାଇଁ ସତର୍କ ହୋଇ ଯାଇଥିଲା। ଆକ୍ରମଣ ପୂର୍ବରୁ ଇରାନ ଫର୍ଦୋ ପରମାଣୁ କେନ୍ଦ୍ରରେ ଥିବା ଅଧିକାଂଶ ୟୁରାନିୟମକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରି ଦେଇଥିଲା। ଇରାନର ମେହର ନ୍ୟୁଜ୍ ଏଜେନ୍ସି ସୂତ୍ରକୁ ଏହି ସୂଚନା ମିଳିଛି। ଇସ୍ରାଏଲ ସହିତ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଇରାନ ସରକାର ଏହି ପଦକ୍ଷେପ ନେଇଥିଲେ। ତେବେ ଏହି ୟୁରାନିୟମ କେଉଁଠାକୁ ନିଆଯାଇଛି ତାହାର କୌଣସି ସୂଚନା ଦିଆଯାଇ ନାହିଁ।





### ବଙ୍କର ବଷ୍ଟର କ'ଣ

ଜିବିୟୁ ତଥା ବଙ୍କର ବଷ୍ଟର ତଥା ଏମଓପି ଭାବେ ପରିଚିତ ଏହି କ୍ଷେପଣାସ୍ତ୍ରର ଲମ୍ବ ୨୦.୭ ଫୁଟ। ଏଥିରେ ୪ଟି ଷ୍ଟାବିଲାଇଜର ଫିନ୍ସ, ୪ଟି ୱିଙ୍ଗ, ଲେଜର ସେନ୍‌ସର ଏବଂ ୱାର ହେଡ୍ ରହିଛି। ଏହାର ଓଜନ ପ୍ରାୟ ୧୪ ଟନ୍। ଏହା ୫,୩୪୨ ପାଉଣ୍ଡର ବିସ୍ଫୋରକ ନେଇପାରିବ। ଭୂତଳ ଭଣ୍ଡାର ଏବଂ କଠିନ ଲକ୍ଷ୍ୟକୁ ଭେଦ କରିବା ପାଇଁ ଏହି ବଙ୍କର ବଷ୍ଟରକୁ ଡିଜାଇନ କରାଯାଇଛି। ଏହା ୨୦୦ ଫୁଟ ତଳେ ଥିବା ଠିକଣାକୁ ମଧ୍ୟ ଧ୍ୱଂସ କରିଦେବ। ଏହି ବଙ୍କର ବଷ୍ଟରର ମୂଲ୍ୟ ୩.୫ ନିୟୁତ ଡଲାର ଅର୍ଥାତ୍ ୨୯ କୋଟି ଟଙ୍କା। ଏହା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଅଣ ପରମାଣୁ ଅସ୍ତ୍ର। ଏହାକୁ ବୋଇଂ ଡିଜାଇନ କରିଥିଲା। ଉଚ୍ଚ କ୍ଷମତା ସମ୍ପନ୍ନ ଷ୍ଟିଲ ଏଲୟରେ ଏହାକୁ ପ୍ରସ୍ତୁତ କରାଯାଇଛି।

### ବି-୨ ଷ୍ଟିଲ୍‌ଥ ବମ୍ବରର କ୍ଷମତା

ଏହି ବିମାନକୁ ଆମେରିକା ବାୟୁସେନାର ମେରୁଦଣ୍ଡ ଧରାଯାଏ। ବିଶ୍ୱର ପ୍ରମୁଖ ଶକ୍ତିଶାଳୀ ବିମାନ ମଧ୍ୟରୁ ଏହା ଅନ୍ୟତମ। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଏହାକୁ ଡିଜାଇନ କରାଯାଇଛି। ଏହାର ପର୍ଯ୍ୟବେକ୍ଷଣ କ୍ଷମତା ଅତ୍ୟନ୍ତ ତୀକ୍ଷଣ। ଯେକୌଣସି ଉଚ୍ଚତାରେ ଏହା ଉଡ଼ାଣ କରିବାକୁ ସକ୍ଷମ। ଏହା ସବୁଠାରୁ ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ମଧ୍ୟ ଭେଦ କରିଦେବ। ଏହା ଥରକେ ୧୧ ହଜାର କିମି ପର୍ଯ୍ୟନ୍ତ ଉଡ଼ାଣ କରିପାରିବ। ପୁଣି ଇନ୍ଧନ ଭର୍ତ୍ତି କରିବା ପରେ ୧୯ ହଜାର କିମି ପର୍ଯ୍ୟନ୍ତ ଉଡ଼ିପାରିବ। ଏହି ବିମାନ ଏକାଥରକେ ୨ଟି ବଙ୍କର ବଷ୍ଟର ବୋମା ନେଇ ଯାତ୍ରା କରିପାରିବ। କାରଣ ଏହି ବୋମାର ଓଜନ ପ୍ରାୟ ୩୦ ହଜାର ପାଉଣ୍ଡ ତଥା ୧୪ ଟନ୍ ହୋଇଥାଏ। ଅଧିକ ଓଜନର ହୋଇଥିବାରୁ ବି-୨ କେବଳ ୨ଟି ଏମଓପି ସହିତ ଅନ୍ୟ ଅସ୍ତ୍ରଶସ୍ତ୍ର ନେଇପାରିବ। ଏହି ବିମାନର ମୂଲ୍ୟ ୨ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୭ ହଜାର କୋଟି ଟଙ୍କା। ଏହାର ଓଜନ ୭୧ ହଜାର କେଜି। ଏହା ୧.୭୧ ଲକ୍ଷ କେଜି ସହ ଉଡ଼ାଣ କରିବାରେ ସକ୍ଷମ। ଏହି ବିମାନରେ ଏଫ୧୧୮-ଜିଇ-୧୦୦ ଇଞ୍ଜିନ ଲାଗିଛି। ଏହା ୪୦ ହଜାର ପାଉଣ୍ଡର ପେଲୋଡ ନେଇ ଯେକୌଣସି ଲକ୍ଷ୍ୟକୁ ୨୪ ଘଣ୍ଟା ମଧ୍ୟରେ ନଷ୍ଟ କରିପାରିବ।

## ମୋଦୀଙ୍କ ସହ କଥା ହେଲେ ଇରାନ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): ଇରାନ ଆଣବିକ କେନ୍ଦ୍ର ଉପରେ ଆମେରିକା ଆକ୍ରମଣ କରିବା ପରେ ସାରା ବିଶ୍ୱରେ ଏ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏ ନେଇ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସକିଆନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଇସ୍ରାଏ୍ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟରେ ଅଶାନ୍ତି ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଯଥାଶୀଘ୍ର ସଂଘର୍ଷ କମ୍ କରିବା ସହ କଥାବାର୍ତ୍ତା ଓ କୂଟନୈତିକ ପ୍ରୟାସ ଜରିଆରେ ଶାନ୍ତି ପ୍ରତିଷ୍ଠା କରିବାକୁ ମୋଦୀ ମାସୁଦ୍‌ଙ୍କୁ କହିଥିଲେ। ସମ୍ପ୍ରତିକ ସ୍ଥିତି ନେଇ ଦୁଇ ଦେଶର ରାଷ୍ଟ୍ରମୁଖ୍ୟ ବିସ୍ତୃତ ଭାବେ ୪୫ ମିନିଟ୍ ଧରି କଥା ହୋଇଥିଲେ। ଏଥିପାଇଁ ମାସୁଦ୍ ମୋଦୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ଭାରତ ହେଉଛି ଇରାନ୍‌ର ମିତ୍ର ଏବଂ ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ନିରାପତ୍ତା ଫେରାଇ ଆଣିବା ପାଇଁ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଇରାନ୍ ରାଷ୍ଟ୍ରପତି କହିଥିଲେ।

## ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବ ରୁଷ!

ତେହରାନ , ୨୨।୬(ଏଜେନ୍ସି):

ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣକୁ ରୁଷ ଓ ଚୀନ ବିରୋଧ କରିବା ସହିତ ଏହାର ଦୃଢ଼ ନିନ୍ଦା କରିଛନ୍ତି। ଆମେରିକାର ଏଭଳି ଆକ୍ରମଣ ମଧ୍ୟପ୍ରାଚ୍ୟରେ ପରିସ୍ଥିତିକୁ ବିଗାଡ଼ିଦେବ ବୋଲି ସେମାନେ ସତର୍କ କରାଇଛନ୍ତି। ରୁଷ ଏହି ଘଟଣାରେ ଉଦବେଗ ପ୍ରକାଶ କରିବା ସହିତ କହିଛି ଯେ ଅନେକ ଦେଶ ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି। ରୁଷ ମଧ୍ୟ ଇରାନକୁ ପରମାଣୁ ଶକ୍ତି ଓ ଜ୍ଞାନକୌଶଳ ଯୋଗାଇବ ବୋଲି ରୁଷର ପୂର୍ବତନ ରାଷ୍ଟ୍ରପତି କହିଛନ୍ତି। ଇରାନକୁ ରୁଷ ପରମାଣୁ ଅସ୍ତ୍ର ଯୋଗାଇପାରେ ବୋଲି ସୂଚନା ମିଳିଛି।

### ଆକ୍ରମଣକୁ ଚୀନ୍, ଜାତିସଂଘର ନିନ୍ଦା

ଚୀନ୍ ମଧ୍ୟ ଇରାନ ଉପ।।ରେ ଆକ୍ରମଣକୁ କଡ଼ା ନିନ୍ଦା କରିଛି। ଆମେରିକା ଅନ୍ତର୍ଜାତୀୟ ନିୟମ ଓ ଜାତିସଂଘ ନିୟମାବଳୀର ଉଲ୍ଲଂଘନ କରିଛି ବୋଲି ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି। ଏଥିସହ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରାଇ ଆଣିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଯେତେଶୀଘ୍ର ସମ୍ଭବ ଇସ୍ରାଏଲ୍ ଅସ୍ତ୍ରବିରତି ଘୋଷଣା କରୁ ଓ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ସହ କଥାବାର୍ତ୍ତା ଉପରେ ଗୁରୁତ୍ୱ ଦେଉ ବୋଲି ସେ କହିଛନ୍ତି। ଇରାନ ଉପରେ ଆମେରିକାର ଆକ୍ରମଣକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସ୍ ନିନ୍ଦା କରିଛନ୍ତି। ଏହା ମଧ୍ୟପ୍ରାଚ୍ୟ ସମେତ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଶାନ୍ତି ପ୍ରତିଷ୍ଠା ଓ ନିରାପତ୍ତା ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ବାହୁବଳ ତଥା ସାମରିକ ଶକ୍ତି ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇନାହିଁ। ସମସ୍ୟା ଓ ମତପାର୍ଥକ୍ୟ ଦୂର କରିବ ପାଇଁ କୁଟନୈତିକ ପ୍ରୟାସ ଜାରି ରଖିବା ଉଚିତ। ସାରା ବିଶ୍ୱରେ ଶାନ୍ତି ହିଁ ଏକମାତ୍ର ଆଶା ହେବା ଉଚିତ। ସବୁ ଦେଶ ଅନ୍ତର୍ଜାତୀୟ ନିୟମକୁ ଅନୁସରଣ କରିବା ଉଚିତ। ଯୁଦ୍ଧ କେବେ କୌଣସି ସମସ୍ୟାର ସମାଧାନ ନୁହେଁ ବୋଲି ସେ କହିଛନ୍ତି।

ଇରାନର ପରମାଣୁ କେନ୍ଦ୍ର ଉପରେ ଆମେରିକା କରିଥିବା ଆକ୍ରମଣକୁ ପାକିସ୍ତାନ ନିନ୍ଦା କରିଛି। ଏହି ଆକ୍ରମଣ ଅନ୍ତର୍ଜାତୀୟ ଆଇନ ବିରୋଧୀ ବୋଲି କୁହାଯାଇଛି। ଇରାନର ଆତ୍ମରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜାତିସଂଘ ଚାର୍ଟର ଅନୁଯାୟୀ ସାର୍ବଭୌମତ୍ୱ ଏବଂ ଲୋକଙ୍କ ସୁରକ୍ଷା ପାଇଁ ଜବାବ ଦେବାର ଅଧିକାର ଇରାନର ରହିଛି। ପାକିସ୍ତାନ ଚେତାବନୀ ଦେଇଛି ଯେ ଯଦି ଉତ୍ତେଜନା ଆହୁରି ବୃଦ୍ଧି ପାଏ ତେବେ ଏହା କେବଳ ଏହି କ୍ଷେତ୍ର ନୁହେଁ, ବରଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ। ସାଉଦୀ ଆରବ ସମେତ ଅନେକ ଆରବ ରାଷ୍ଟ୍ର ସାଂପ୍ରତିକ ପରିସ୍ଥିତି ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେମାନେ ପରିସ୍ଥିତି ଉପରେ ନଜର ରଖିଥିବା କହିଛନ୍ତି।

ଇରାନ ପରମାଣୁ ଠିକଣା ଉପରେ ଆକ୍ରମଣକୁ ନେଇ ଅନ୍ତର୍ଜାତୀୟ ଅଟୋମିକ ଏନର୍ଜି ଏଜେନ୍ସି (ଆଇଏଇଏ) ସୋମବାର ଜରୁରୀ ବୈଠକ ଡାକିଛି। ଆଇଏଇଏର ମୁଖ୍ୟ ରାଫେଲ ଗ୍ରୋସି ଏହି ସୂଚନା ଦେଇ କହିଛନ୍ତି ଯେ ଇରାନରେ ଜରୁରୀ ସ୍ଥିତି ଦେଖା ଦେଇଛି। ତେବେ ଇରାନର ଫରଦୋ, ନତାଞ୍ଜ ଏବଂ ଇସଫାହନ କେନ୍ଦ୍ରରୁ କୌଣସି ବିକିରଣ ହେଉ ନ ଥିବା କୁହାଯାଇଛି। ସ୍ଥିତି ଉପରେ ନଜର ରଖାଯାଇଛି।

## ଘରେ ପଶି ସ୍ୱାମୀଙ୍କୁ ଗୁଳି, ସ୍ତ୍ରୀ ଓ ପିଲାଙ୍କୁ ଅପହରଣ

ଭୋପାଳ, ୨୨।୬: ମଧ୍ୟପ୍ରଦେଶରେ ଛତରପୁର ଜିଲ୍ଲାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ପଷ୍ଟ ଦିବାଲୋକରେ କେତେକ ଲୋକ ଘରେ ପଶି ଜଣେ ପୁରୁଷଙ୍କୁ ଗୁଳିମାରିବା ସହ ବନ୍ଧୁକ ଦେଖାଇ ତାଙ୍କ ପତ୍ନୀ ଓ ଦୁଇ ଝିଅ (୫ ଓ ୭ ବର୍ଷର)ଙ୍କୁ ଅପହରଣ କରି ନେଇଛନ୍ତି। ଏହି ଘଟଣାର ଭିଡିଓ ଇଣ୍ଟରନେଟ୍ ବେଶ୍ ଭାଇରାଲ ହୋଇଛି। ବିଜେପି ଶାସିତ ମଧ୍ୟପ୍ରଦେଶରେ ଏହି ଘଟଣା ଘଟିଥିବାରୁ ବିରୋଧୀ ଦଳଗୁଡିକ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି।

ପାଖାପାଖି ୧୨ ଜଣ ଲୋକ ହାତରେ ପିସ୍ତଲ, ବାଡି, ରଡ୍ ଧରି ହରିରାମ ପାଲଙ୍କ ଘରେ ପଶିଥିଲେ। ଏକ ଏସ୍‌ୟୁଭି କାର ଓ ଏକାଧିକ ମଟର ସାଇକଲ ଚଢ଼ି ଅଭିଯୁକ୍ତମାନେ ହରିରାମଙ୍କ ଘରେ ପଶି ତାଙ୍କୁ ଗୁଳି ମାରିଥିଲେ ଓ ପରିବାର ସଦସ୍ୟଙ୍କୁ ଧକ୍କା ମାରିଥିଲେ। ହରିରାମ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ତାଙ୍କ ସ୍ଥିତି ସଙ୍କଟାପର୍ଣ୍ଣ ବୋଲି କୁହାଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ସିଂ ରାଜପୁତ ସେହି ଗ୍ରାମର ବୋଲି ପୁଲିସ କହିଛି। ସଞ୍ଜୟର ନେତୃତ୍ୱର ୧୦ରୁ ୧୫ ଜଣ ଲୋକ ଏହି କାଣ୍ଡ ଘଟାଇଛନ୍ତି। ବ୍ୟକ୍ତିଗତ ଶତ୍ରୁତା କାରଣରୁ ସଞ୍ଜୟ ଏହି କାଣ୍ଡ ଭିଆଇଛି ବୋଲି କୁହାଯାଉଛି।

ଏନେଇ ଅଧିକ ତଦନ୍ତ ହେଲେ ଆହୁରି ତଥ୍ୟ ସାମ୍ନାକୁ ଆସିବ। ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କହିଛି। ଏହି ମାମଲାରେ ୯ ଜଣ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଧାରା ୧୧ ଅନୁସାରେ ମାମାଲା ରୁଜୁ କରାଯାଇଛି। ଅପହରଣ ଓ ହତ୍ୟା ଉଦ୍ୟମ ଧାରା ସାମିଲ ରହିଛି। ୮ ଜଣ ଅଭିଯୁକ୍ତଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡିନାହିଁ।

## ପହଲ୍‌ଗାମ୍ ଆତଙ୍କୀଙ୍କୁ ଶରଣ ଦେଇ ୨ ଗିରଫ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କାବାଦୀ ଆକ୍ରମଣର ଦୁଇମାସ ପରେ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଏହି ମାମଲାରେ ଦୁଇଜଣଙ୍କୁ ଗରିଫ କରିଛି। ଆତଙ୍କବାଦୀମାନଙ୍କୁ ଏହି ଦୁଇଜଣ ଶରଣ ଦେଇଥିଲେ ବୋଲି ଏଜେନ୍ସି ତରଫରୁ କୁହାଯାଇଛି। ଗିରଫ୍ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ବାଟକୋଟର ପରଭେଜ ଅହମ୍ମଦ ଜୋଠାର ଓ ହିଲ୍ ପାର୍କର ବସୀର ଅହମ୍ମଦ ଜୋଠାର। ଏହି ୩ ଆତଙ୍କବାଦୀ ପାକିସ୍ତାନୀ ଥିଲେ ଓ ସେମାନେ କିଭଳି ଥିଲେ ସେ ନେଇ ଏହି ଦୁଇଜଣ ଏନ୍‌ଆଇଏକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଆତଙ୍କବାଦୀମାନେ ଲସ୍କର ଇ ତୋଏବା (ଏଲ୍‌ଇଟି) ଆତଙ୍କୀ ସଂଗଠନର ସଦସ୍ୟ ଥିଲେ ବୋଲି ଦୁହେଁ କହିଛନ୍ତି। ଏହି ୩ଜଣ ଆତଙ୍କବାଦୀଙ୍କୁ ପରଭେଜ ଓ ବସିର ଆକ୍ରମଣ ପୂର୍ବରୁ ହିଲ ପାର୍କ ସ୍ଥିତ ଏକ ଅସ୍ଥାୟୀ ବସ୍ତିରେ ଜାଣିଶୁଣି ରହିବା ପାଇଁ ସୁଯୋଗ ଦେଇଥିଲେ। ଆତଙ୍କବାଦୀଙ୍କୁ ସେଠାରେ ରଖିବା ସହ ସେମାନଙ୍କୁ ଅନ୍ୟାନ୍ୟ ସୁବିଧାସୁଯୋଗ ପ୍ରଦାନ କରିଥିଲେ। ତେବେ ଅଭିଯୁକ୍ତମାନେ ଏହି ୩ ଆତଙ୍କବାଦୀଙ୍କ ନାମ ବିଷୟରେ ସୂଚନା ଦେଇଛନ୍ତି କି ନା ସେ ନେଇ ଏନ୍‌ଆଇଏ କିଛି ସ୍ପଷ୍ଟ କରିନାହିଁ।

## ସମ୍ପୂର୍ଣ୍ଣ ୟୁକ୍ରେନ ଆମର: ପୁଟିନ୍

ସେଣ୍ଟ ପିଟର୍ସବର୍ଗ,୨୨।୬(ଏଜେନ୍ସି): ରୁଷି ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ ପୁଣି ଏକ ଅଜବ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ସମ୍ପୂର୍ଣ୍ଣ ୟୁକେନ୍ ହେଉଛି ଆମର। ୟୁକ୍ରେନ ଓ ରୁଷିଆର ଲୋକ ସମାନ ବୋଲି ସେ କହିଛନ୍ତି। ସେଣ୍ଟ ପିଟର୍ସବର୍ଗରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଇକୋନୋମିକ ଫୋରମ୍‌ରେ ପୁତିନ ଏହି କଥା କହିଛନ୍ତି। ୟୁକ୍ରେନ୍‌କୁ ଧ୍ୱଂସ କରିବା ରୁଷିଆ ଆଦୌ ଲକ୍ଷ୍ୟ ରଖିନାହିଁ। କିନ୍ତୁ ୟୁକ୍ରେନ୍ ରୁଷିଆର ଭୌଗଳିକ ସ୍ଥିତି ଓ ପ୍ରାଦେଶିକ ତଥା ଆଞ୍ଚଳିକ ପ୍ରାଧାନ୍ୟକୁ ସ୍ୱୀକାର କରିବା ଉଚିତ ବୋଲି ସେ ସ୍ପଷ୍ଟ କରିଛନ୍ତି। ରୁଷିଆ ଓ ୟୁକ୍ରେନ୍‌ର ନାଗରିକ ସବୁ ଦୃଷ୍ଟିକୋଣରୁ ସମାନ ବୋଲି ପୂର୍ବରୁ ଏକାଧିକବାର କହି ସାରିଛି। ତେଣୁ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସମ୍ପୂର୍ଣ୍ଣ ୟୁକ୍ରେନ ଆମର। କିନ୍ତୁ ଆମେ କେବେ ୟୁକ୍ରେନର ସାର୍ବଭୌମତ୍ୱକୁ ନେଇ ପ୍ରଶ୍ନ ଉଠାଇନାହୁଁ ବୋଲି ସେ କହିଛନ୍ତି। ୧୯୯୧ରେ ଯେତେବେଳେ ୟୁକ୍ରେନ ସ୍ୱାଧୀନତା ଲାଭ କରିଥିଲା, ସେତେବେଳେ ଏହି ଦେଶ କୌଣସି ଗୋଷ୍ଠୀରେ ସାମିଲ ନହେବାକୁ, ଆଣବିକ ଅସ୍ତ୍ର ପାଖରେ ନ ରଖିବାକୁ ଓ ଏକ ନିରପେକ୍ଷ ଦେଶ ହୋଇ ରହିବାକୁ ସର୍ତ୍ତ ରହିଥିଲା। ତେଣୁ ୟୁକ୍ରେନ ଏହି ସର୍ତ୍ତଗୁଡିକୁ ମାନିବା ଉଚିତ।

## ଗମ୍ଭୀର ରୋଗ ସହ ସଂଘର୍ଷ କରୁଛନ୍ତି ସଲମାନ

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍ ଏକାଧିକ ଗମ୍ଭୀର ରୋଗ ସହ ସଂଘର୍ଷ କରୁଛନ୍ତି। ୫୯ ବର୍ଷୀୟ ସଲମାନଙ୍କ ମସ୍ତିସ୍କରେ ସମସ୍ୟା ରହିଛି। ସେ ବ୍ରେନ୍ ଆନେଉରିଜମ୍ ନାମକ ଏକ ରୋଗରେ ପୀଡିତ ଅଛନ୍ତି। କିଛିଦିନ ତଳେ 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶର୍ମା' ଶୋ'ରେ ଯୋଗ ଦେଇ ସେ ଏ ନେଇ ଖୁଲାସା କରିଛନ୍ତି। କେବଳ ସେତିକି ନୁହଁ ସେ ଟ୍ରାଇଜେମିନାଲ ନେଉରାଲଜିଆ ଓ ଆର୍ଟେରିଓଭେନସ ମାଲଫର୍ମେସନ ରୋଗରେ ମଧ୍ୟ ପୀଡିତ ଅଛନ୍ତି। ଏହି କାରଣରୁ ତାଙ୍କ ଚେହେରା ଓ ମୁଣ୍ଡରେ ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ବ୍ରେନ୍ ଆନେଉରିଜମ୍ ପାଇଁ ତାଙ୍କ ଚିକିତ୍ସା ହେଉଛି। ଏହା କାରଣରୁ ଜୀବନ ମଧ୍ୟ ଯାଇପାରେ। ଏତେ ସବୁ ରୋଗରେ ପୀଡିତ ଥିଲେ ମଧ୍ୟ ଯନ୍ତ୍ରଣା ସହ କାମ କରିବାକୁ ପଡୁଛି ବୋଲି ସେ କହିଛନ୍ତି।

## ଡିଜିସିଏର ନୂଆ ମାର୍ଗଦର୍ଶିକା

ନୂଆଦିଲ୍ଲୀ, ୨୨।୬ (ଏଜେନ୍ସି):ବିମାନ ନିୟାମକ ଡିଜିସିଏ ଖରାପ ପାଣିପାଗରେ ଉଡ଼ାଣକୁ ନେଇ ନୂଆ ନିୟମ ଜାରି କରିଛି। ବିମାନ ଉଡ଼ାଣ କାର୍ଯ୍ୟସୂଚୀଠାରୁ ଯାତ୍ରୀ ଏବଂ କ୍ରୁଙ୍କ ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ପାଣିପାଗ ଖରାପ ଥିଲେ କିମ୍ବା ବିପଦ ଥିଲେ ବିମାନର ଗତିପଥ ବଦଳାଇବାକୁ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ପାଇଲଟଙ୍କୁ ପରାମର୍ଶ ଦିଆଯାଇଛି। କେଦାରନାଥରେ ହେଲିକପ୍ଟର ଏବଂ ଅହମଦାବାଦ ଦୁର୍ଘଟଣା ପରେ ଡିଜିସିଏ ଏହି ନିଷ୍ପତ୍ତି ନେଇଛି। ଏ ନେଇ ସମସ୍ତ ବିମାନ କମ୍ପାନୀମାନଙ୍କୁ ନୂଆ ସର୍କୁଲାର ଜାରି କରାଯାଇଛି।

## ୩ କୋଟିର ସମ୍ପତ୍ତି ପାଇଁ ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା

ଲକ୍ଷ୍ନୌ, ୨୨।୬ (ଏଜେନ୍ସି): ମଧ୍ୟପ୍ରଦେଶ ପରେ ଉତ୍ତର ପ୍ରଦେଶ ମୋରାଦାବାଦରୁ ଚାଞ୍ଚଲ୍ୟକର ମାମଲା ସାମ୍‌ନାକୁ ଆସିଛି। ୩ କୋଟିର ସମ୍ପତ୍ତି ପାଇଁ ପ୍ରେମିକ ସହ ମିଶି ସ୍ତ୍ରୀ ସ୍ୱାମୀକୁ ହତ୍ୟା କରିଛି। ଏହି ଜଘନ୍ୟ କାଣ୍ଡ ଘଟାଇବା ପରେ ମୃତଦେହକୁ ନେଇ ଉତ୍ତରାଖଣ୍ଡର କୋଟଦ୍ୱାର ଜଙ୍ଗଲରେ ପକାଇଛି। ସୂଚନା ଅନୁଯାୟୀ ପୀଡ଼ିତ ରବୀନ୍ଦ୍ର କୁମାର ନିଜର ୩ କୋଟିର ଘର ବିକ୍ରି କରି ଋଣ ପରିଶୋଧ କରିବାକୁ ଚାହୁଁଥିଲେ। ମାତ୍ର ପତ୍ନୀ ରୀନା ସିନ୍ଧୁ ଏହାକୁ ବିରୋଧ କରିଥିଲେ। ଏଥିପାଇଁ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ପରେ ସେ ପ୍ରେମିକ ପରିତୋଷ କୁମାର ସହ ମିଶି ସ୍ୱାମୀକୁ ମାରି ଦେଇଥିଲେ।

## ଟ୍ରାକ୍ଟର-ଡମ୍ପର ଧକ୍କା; ୫ ମୃତ

କୋଲକାତା, ୨୨।୬ (ଏଜେନ୍ସି): ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର କାନ୍ଦି ଥାନା ଅଞ୍ଚଳର ଗୋରକାନ୍ ପାୱାର ହାଉସ୍ ଛକରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ୩ ମହିଳା ଓ ଡ୍ରାଇଭର ସାମିଲ ଅଛନ୍ତି। ୧୦ ଜଣ ଆହତ ହୋଇଛନ୍ତି। ମୁର୍ଶିଦାବାଦ ମେଡିକାଲ୍ କଲେଜ୍ ହସ୍ପିଟାଲରେ ଏମାନଙ୍କର ଚିକିତ୍ସା ଚାଲିଛି। କିଛି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ ୨୦ ଜଣିଆ ତୀର୍ଥଯାତ୍ରୀଙ୍କ ଏକ ଦଳ ବୀରଭୂମର ବାଲୁକା ଅଞ୍ଚଳରୁ ଗାଧୋଇ ଟ୍ରାକ୍ଟରରେ ଫେରୁଥିଲେ। ଏହି ସମୟରେ ଟ୍ରାକ୍ଟରଟି ଏକ ଡମ୍ପର ସହିତ ଧକ୍କା ହୋଇ ଓଲଟି ପଡ଼ିଥିଲା।

## ଜମିଜମା ବିବାଦ — ବାପାଙ୍କୁ କାଠଫାଳିଆରେ ପିଟି ହତ୍ୟା

ନୂଆପଡ଼ା,୨୨।୬(ସମିସ): ନୂଆପଡ଼ା ଜିଲ୍ଲା ବେଲଟୁକୁରି ଥାନା କୁରୁମୁଣ୍ଡା ଗାଁ (ଚିରାପଡ଼ା)ରେ ଶନିବାର ଏକ ଅଭାବନୀୟ ଅଘଟଣ ଘଟିଛି। ଜମିଜମା ବିବାଦକୁ କେନ୍ଦ୍ର କରି କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା କରିଛି ପୁଅ। ମୃତକ ହେଲେ, ପବନ ବରିହା (୬୦)। ଏହିଘଟଣାରେଆଜି ପୁଲିସ୍‌ଅଭିଯୁକ୍ତ ତୁଳାରାମବରିହା(୩୫)କୁଗିରଫକରିକୋର୍ଟଚାଲାଣ କରିଛି। ବାପା-ପୁଅ ଏକାଠି ମଦ ପିଇ ମାତାଲ ହେବା ପରେ ଏହି ଘଟଣା ଘଟିଥିଲା। ପବନଙ୍କୁ ହତ୍ୟା କରିବା ପରେ ତୁଳାରାମ ତାଙ୍କୁ କ୍ଷେତରେ ଫିଙ୍ଗି ଦେଇଥିଲା। ନୂଆପଡ଼ା ଏସ୍‌ପି ଜିଆର ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ୍ ପବନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।



ଅଭିଯୁକ୍ତ ପୁଅ

ପବନଙ୍କ ୩ପୁଅ ଦିରବଲ, ଡିଲେଶ୍ୱର ଏବଂ ତୁଳାରାମଙ୍କ ମଧ୍ୟରୁ ଦିରବଲ ଏବଂ ଡିଲେଶ୍ୱର ଛତିଶଗଡ଼ରେ ନିଜ ନିଜ ଶଶୂର ଘରେ ରହୁଛନ୍ତି। ପବନ ତାଙ୍କ ସ୍ତ୍ରୀ ଏବଂ ନାତୁଣୀଙ୍କ ସହ ତୁଳାରାମଙ୍କ ସହ ଗାଁରେ ରହୁଥିଲେ। ୨ବର୍ଷ ହେବ, ଜମିବିକ୍ରିକୁ ନେଇ ବାପ-ପୁଅଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ସେବେଠାରୁ ପବନ ନିକଟସ୍ଥ ଆମୋଦି ଗାଁରେ ନିଜର ଜଣେ ସଂପର୍କୀୟ ଘରେ ଲୁଚି ରହୁଥିଲେ। ଗତ ଅକ୍ଟୋବରରେ ସ୍ତ୍ରୀ, ନାତୁଣୀ ସହ ପବନ ଦାଦନ ଖଟିବାକୁ ଉତ୍ତରପ୍ରଦେଶ ଯାଇଥିଲେ। ୩ ଦିନ ତଳେ ସେମାନେ ଘରକୁ ଫେରିଥିଲେ। ଶନିବାର ପବନ କୁରୁମୁଣ୍ଡା ଗାଁକୁ ଆସିଥିବା ବେଳେ ବାପ-ପୁଅ ଭେଟ ହୋଇଥିଲେ। ପରେ ଉଭୟ ଗାଁ ନିକଟ ନିଜ ଜମି ପାଖରେ ଏକାଠି ବସି ମଦ ପିଇଥିଲେ। ପରେ ନିଶାସକ୍ତ ଅବସ୍ଥାରେ ଜମିଜମା ବିକ୍ରିକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ତୁଳାରାମ ତାଙ୍କ ବାପା ପବନଙ୍କୁ ନିଜ କ୍ଷେତକୁ ଟାଣି ନେଇଥିଲେ। ସେଠାରେ ଏକ କାଠ ଫାଳିଆରେ ନିର୍ଘାତ ମାଡ଼ ମାରିଥିଲେ। ଫଳରେ ପବନ ସେହିଠାରେ ହିଁ ଟଳି ପଡ଼ିଥିଲେ। ପରେ ତୁଳାରାମ ଘରକୁ ଯାଇ ବାପାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ତା' ମା'କୁ କହିଥିଲା। ଏପରିକି, ବାପା ମରି ଯାଇଥିବାରୁ ମା'କୁ ଚୁଡ଼ି ଭାଙ୍ଗିବାକୁ କହିଥିଲା। କିନ୍ତୁ ଏହି ଘଟଣାକୁ ମା' ସହଜରେ ବିଶ୍ୱାସ କରି ନଥିଲେ। ହେଲେ ପରେ ଗାଁରେ କଥା ପ୍ରଘଟ ପରେ ହୋଇଥିଲା। ବିଳମ୍ବିତ ରାତିରେ ପୁଲିସ ଖବର ପାଇଥିଲା। ରବିବାର ସକାଳେ ବେଲଟୁକୁରୀ ଥାନାଧିକାରୀ ସୂର୍ଯ୍ୟକାନ୍ତୀ ଦାସଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗାଁରେ ପହଞ୍ଚି ଶବ ଜବତ କରିବା ସହ ଅଭିଯୁକ୍ତ ପୁଅକୁ ଗିରଫ କରିଥିଲା।

## ଗୁଣିଆ ସନ୍ଦେହରେ କକାଙ୍କୁ ଗଳାକାଟି ହତ୍ୟା

ତୁରେକେଲା, ୨୨।୬ (ସମିସ): ଗୁଣିଆ ସନ୍ଦେହରେ କକାଙ୍କୁ ଗଳାକାଟି ହତ୍ୟା। ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଖୁଜେନଗାଁରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ, ସେହି ଗାଁର ତୁଳାରାମ ଜାନି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ନମ୍ବର ୧୬୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୁତୁରା ଡିଙ୍ଗର ଜାନିକୁ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ତା'ର ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, କିଛି ଦିନ ତଳେ ଡିଙ୍ଗରର ବାପାଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ତେବେ, ଦୁଇ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଲାଗି ରହିଥିବା ବିବାଦରୁ ତୁଳାରାମ ହିଁ ତା' ବାପାଙ୍କୁ ଗୁଣିଗାରେଡ଼ି କରି ମାରିଦେଇଥିବା ଡିଙ୍ଗର ସନ୍ଦେହ କରିଥିଲା। ତେଣୁ ସେ ତୁଳାରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। ପ୍ରବଳ ଗରମ ଯୋଗୁଁ ଶନିବାର ରାତିରେ ତୁଳାରାମ ଘର ବାହାରେ ଶୋଇଥିଲେ। ରାତି ପ୍ରାୟ ୧୦ଟା ବେଳେ ଡିଙ୍ଗର ତାଙ୍କ ଗଳା କାଟି ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତୁଳାରାମ କବାଟ ବାଡ଼େଇ ଘର ଭିତରେ ଶୋଇଥିବା ସ୍ତ୍ରୀ ଏବଂ ଝିଅକୁ ଉଠାଇଥିଲେ। ପରିବାରଲୋକ ତୁରନ୍ତ ତାଙ୍କୁ ତୁରେକେଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ପକ୍ଷରୁ ତୁରେକେଲା ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ତୁଳାରାମଙ୍କ ୪ପୁତୁରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ତଦନ୍ତ ବେଳେ ଡିଙ୍ଗର୍ ହିଁ ଏହି ହତ୍ୟାକାଣ୍ଡ ଭିଆଇଥିବା ପୁଲିସ୍ ଜାଣିବାକୁ ପାଇଥିଲା। ସେପଟେ ତୁଳାରାମଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ଝିଅ ବେସାହାରା ହୋଇପଡ଼ିଛନ୍ତି।

## ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ

ରାଉରକେଲା, ୨୨।୬ (ସମିସ): ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଇଙ୍ଗ ଛକରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ଏଥିରେ ଆଉ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ, ସୁକାନ୍ତ ଡୁଙ୍ଗଡୁଙ୍ଗ (୩୫)। ସେ ଲାଇଙ୍ଗ ଅନ୍ତର୍ଗତ ବରପାଲି ବସ୍ତିରେ ରହୁଥିଲେ। କାଂଶବାହାଲ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ ଜବତ କରିଛି।





ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର ଓ ଯାଜପୁର ବିରଜା ମନ୍ଦିରରେ ପୂଜାର୍ଚ୍ଚନା

## ଅସୁରକ୍ଷିତ ଓଡ଼ିଶା — ଅନ୍ତର୍ଜାତୀୟ ଲଜ୍ଜା ରାଜ୍ୟର ବର୍ଷକର ଉପଲବ୍ଧି

**■ ଓଡ଼ିଶାର ନାଁ ବିଶ୍ୱଦରବାରରେ ଭୂଲୁଣ୍ଠିତ : ଅରୁଣ**
**■ ଗାଦି ଛାଡ଼ନ୍ତୁ ଓଡ଼ିଶାର ବିଜେପି ସରକାର: ତାରା**

ଭୁବନେଶ୍ୱର,୨୨।୬(ସମିସ): ସାରା ଦେଶ ଓ ବିଶ୍ୱରେ ଶାନ୍ତିପ୍ରିୟ ରାଜ୍ୟ ଭାବେ ଏକଦା ସମ୍ମାନ ଅର୍ଜନ କରିଥିବା ଓଡ଼ିଶା ଏବେ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ । ନିଜ ନାଗରିକମାନଙ୍କୁ ଓଡ଼ିଶା ନ ଯିବା ପାଇଁ ଆମେରିକା ବାରଣ କରିବା ପରେ ରାଜ୍ୟବାସୀଙ୍କ ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଛି । ବିହାର, ପଶ୍ଚିମବଙ୍ଗ ପରି ଓଡ଼ିଶାର ଆଇନଶୃଙ୍ଖଳା ପରିସ୍ଥିତି ଏକପ୍ରକାର ଭୁଶୁଡ଼ି ପଡ଼ିଛି ଏବଂ ଦୁଷ୍କର୍ମ ଘଟଣା ଦ୍ରୁତଗତିରେ ବୃଦ୍ଧି ପାଉଥିବା ଦର୍ଶାଇ ଆମେରିକା ବୈଦେଶିକ ମନ୍ତ୍ରଣାଳୟ ଓଡ଼ିଶା ସହ ୬ ଭାରତୀୟ ରାଜ୍ୟ ନ ଯିବାକୁ ନିଜ ନାଗରିକମାନଙ୍କୁ ପରାମର୍ଶ ଦେଇଛି। ଓଡ଼ିଶାକୁ ନେଇ ଆମେରିକାର ଏଭଳି ଟିପ୍ପଣୀ ପରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ବିଜେପି ସରକାର କ୍ଷମତା ଦଖଲର ମାତ୍ର ବର୍ଷକ ମଧ୍ୟରେ ଓଡ଼ିଶାକୁ ଆନ୍ତର୍ଜାତୀୟସ୍ତରରେ ଲଜ୍ଜିତ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ବିଜେଡି ବରିଷ୍ଠ ବିଧାୟକ ଡଃ ଅରୁଣ ସାହୁ କହିଛନ୍ତି ଯେ ରାଜ୍ୟରେ ଆଇନ୍‌ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ମହିଳାମାନେ ଅତ୍ୟାଚାର ଓ ବଳାତ୍କାରର ଶିକାର ହେଉଛନ୍ତି। ରାଜ୍ୟରେ ପ୍ରତିଦିନ ମୁଣ୍ଡ ଗଡ଼ୁଛି। ନବୀନ ସରକାରଙ୍କ ସମୟରେ ନକ୍ସଲ ଆକ୍ରମଣକୁ ଦମନ କରାଯାଇଥିବା ବେଳେ ଏବେ ଏହା ମୁଣ୍ଡ ଟେକୁଛି। ସମସ୍ତ କଥାକୁ ନେଇ ଆମେରିକା ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଏଭଳି ଘଟଣା ଦ୍ୱାରା ଓଡ଼ିଶା ବିଶ୍ୱଦରବାରରେ





ଯେଉଁ ନାଁ କରିଥିଲା, ତାହା ଏବେ ଭୂଲୁଣ୍ଠିତ ହୋଇଛି। ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଲଜ୍ଜିତ ହୋଇଛି। ରାଜ୍ୟ ସରକାରଙ୍କ ସତ୍‌ସାହସ ଥିଲେ ସେମାନେ ଟ୍ରମ୍ପଙ୍କୁ ଜୋର୍‌ଦାର ବିରୋଧ କରନ୍ତୁ; ମାତ୍ର ଏମାନେ ତାହା କରିପାରିବେ ନାହିଁ ବୋଲି ଡଃ ସାହୁ କହିଛନ୍ତି। ଓଡ଼ିଶା ଏବେ ଅଧୋଗତି ଆଡ଼କୁ ଯାଉଛି। ଆମେ ଯାହା କହିଥିଲୁ, ଏବେ ସେଇଆ ଘଟୁଛି। ସରକାର ଏ ଘଟଣାରେ ତୁରନ୍ତ ପ୍ରତିକାର ନ କଲେ ଆଗକୁ ଭୟାନକ ଆନ୍ଦୋଳନ ହେବ ବୋଲି ଡଃ ସାହୁ କହିଛନ୍ତି। ଗୋପାଳପୁର ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କ୍ଷେତ୍ର। ଗୋପାଳପୁର ଗଣଦୁଷ୍କର୍ମ ଏଭଳି ଘଟଣା ପାଇଁ ଖୋରାକ୍ ଯୋଗାଇଛି ବୋଲି ସେ କହିଛନ୍ତି।

ଓଡ଼ିଶା ଆନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେବା ପରେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହାନିପତି ସରକାରଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ପାଇଁ ଏହା ଏକ ଲଜ୍ଜାଜନକ ଘଟଣା। କଂଗ୍ରେସ ପୂର୍ବରୁ ମହିଳା ସୁରକ୍ଷା ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଛି। ଏଭଳି କାମ ପାଇଁ ସରକାର ମତେ ଦୁଇ ଥର ନିଲମ୍ବନ କରିଛନ୍ତି। ମହିଳାମାନେ ଓଡ଼ିଶାରେ ସୁରକ୍ଷିତ ନୁହଁନ୍ତି ବୋଲି କଂଗ୍ରେସ କରିଥିବା ଅଭିଯୋଗ ଏବେ ସତ୍ୟ ବୋଲି ପ୍ରମାଣିତ ହୋଇଛି। ଆମେରିକା ଓଡ଼ିଶାକୁ ନେଇ ଏଭଳି ମନ୍ତବ୍ୟ ଦେବା ପରେ ସରକାରରେ ରହିବା ପାଇଁ ତାଙ୍କର ଆଉ କୌଣସି ନୈତିକତା ନାହିଁ। ରାଜ୍ୟର ମନ୍ତ୍ରୀମାନେ ଓ ମୁଖ୍ୟମନ୍ତ୍ରୀଙ୍କର ନିଜସ୍ୱ ବୋଲି ଦାୟିତ୍ୱ ନାହିଁ। ଏମାନେ ସମସ୍ତ ଦାୟିତ୍ୱହୀନ ଲୋକ। ସେମାନେ ଇସ୍ତଫା ଦେଇ ଗାଦି ଛାଡ଼ିବା ଦରକାର ବୋଲି ଶ୍ରୀ ବାହିନିପତି କହିଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅକସ୍ମାତ ଭାବେ ଦୁଷ୍କର୍ମ ବଢ଼ିଛି। ବର୍ତ୍ତମାନ ରାଜ୍ୟରେ ଦୈନିକ ହାରାହାରି ୧୫ ଟି ଦୁଷ୍କର୍ମ ହେଉଛି। ଏହାସହିତ ଆଇନ୍‌ଶୃଙ୍ଖଳା ସ୍ଥିତି ମଧ୍ୟ ଭୁଶୁଡ଼ି ପଡ଼ିଥିବା ପରିଲକ୍ଷିତ ହେଉଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ଖୋଦ୍ ରାଜଧାନୀ ରାଜରାସ୍ତାରେ ଅପରାଧୀମାନେ ଖଣ୍ଡାରେ ହାଣି ମୁଣ୍ଡ ଗଡ଼ାଇ ଦେଉଛନ୍ତି। ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ପ୍ରଥମେ ରାଜଧାନୀ ରାଜରାସ୍ତାରେ ଅସଦାଚରଣ କରାଯିବା ଓ ପରେ ତାଙ୍କୁ ଥାନାରେ ଅକଥନୀୟ ନିର୍ଯ୍ୟାତନା ଦେବା ଖବର ସାରା ଦେଶରେ ଓଡ଼ିଶାର ଛବିକୁ ମଳିନ କରିଛି। ଏହି ଘଟଣା ମନରୁ ନ ଲିଭୁଣୁ ରାଜ୍ୟ ତଥା ଦେଶର ଏକ ପ୍ରମୁଖ ପର୍ଯ୍ୟଟସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ୧୦ ଜଣ ଗଣବଳାତ୍କାର ଘଟଣା ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସମୟରେ ନିଜ ନାଗରିକଙ୍କୁ ଓଡ଼ିଶା ନ ଯିବା ଲାଗି ଆମେରିକାର ପରାମର୍ଶ ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି ଓ ରାଜ୍ୟବାସୀଙ୍କୁ ଲଜ୍ଜିତ କରିଛି ।

## ୭ ରୁ କଳାବ୍ୟାଜ୍ ପିନ୍ଧିବେ ଅମଲା

**୧୪ରୁ ଅନିର୍ଦ୍ଦିଷ୍ଟ କାଳଯାଏଁ କାର୍ଯ୍ୟବନ୍ଦ**

ଭୁବନେଶ୍ୱର, ୨୨।୬(ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ରେଡ୍‌କ୍ରସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାର ନେତୃବୃନ୍ଦ ଓ ରାଜ୍ୟ କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ/ସଦସ୍ୟା ଯୋଗ ଦେଇଥିଲେ। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦାବିଗୁଡ଼ିକ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମସ୍ତ ସଦସ୍ୟ/ସଦସ୍ୟାମାନେ ରାଜ୍ୟ ସରକାରଙ୍କର ମନୋଭାବକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପୁନର୍ବାର କୌଣସି ଆଲୋଚନା ନକରି ସିଧାସଳଖ ଆନ୍ଦୋଳନମୂକ ପନ୍ଥା ଆପଣାଇବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଆଗାମୀ ୧୫ଦିନ ଭିତରେ ରାଜ୍ୟ ସରକାର ଦାବିଗୁଡ଼ିକ ପୂରଣ ନକଲେ ସଂଘ ଜୁଲାଇ ୭ ରୁ ୧୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବ। ଏହାପରେ ବି ସରକାର ଉପରୋକ୍ତ ଦାବି ଉପରେ ପଦକ୍ଷେପ ନ ନେଲେ, ଜୁଲାଇ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସଭାପତି ତ୍ରିପତି ବାଲାଜୀ ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ଜଣାଇଛନ୍ତି। ଦାବିଗୁଡ଼ିକ ହେଲା, ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି-୨୦୧୭ ନିୟମ ଅନୁଯାୟୀ ଲେବେଲ-୯କୁ ବୃଦ୍ଧି, ନୂତନ ପଦ ସୃଷ୍ଟି ଓ ପଦବୀ ପୁନର୍ଗଠନ, କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ୧୯ ୯୦ ମସିହାରେ ଲାଗୁ ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି, ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତପ୍ରତିଶତ ପଦୋନ୍ନତି ଇତ୍ୟାଦି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘ ଅଧ୍ୟକ୍ଷ ଲୋକେଶ୍ୱର ସାହୁ, କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, ରାଜ୍ୟ ସଂଘର କର୍ମକର୍ତ୍ତା ଏବଂ ସମସ୍ତ ଜିଲ୍ଲା ଶାଖାର ସଭାପତି ସମ୍ପାଦକ ସହିତ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଜୁନ୍ ୩୦ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ

କଟକ, ୨୨।୬ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ ପରୀକ୍ଷା ଆସନ୍ତା ଜୁନ୍ ୩୦ ତାରିଖରୁ ଆରମ୍ଭ ହେବ। ଚଳିତ ବାର୍ଷିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଏବଂ ପରୀକ୍ଷା ଦେଇପାରିନଥିବା ୩୨୩୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ସେମାନଙ୍କ ନିମନ୍ତେ ୯୮ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା ଆସନ୍ତା ୩୦ରୁ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ନିମନ୍ତେ ୧୦୩ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ରହିଛି। ପ୍ରାୟ ୧୦ ହଜାର ୮୦୯ ପରୀକ୍ଷାର୍ଥୀ ଉକ୍ତ ପରୀକ୍ଷା ଦେବେ। ଉଭୟ ପରୀକ୍ଷା ପାଇଁ ବୋର୍ଡ ୱେବସାଇଟ୍‌ରେ ପ୍ରବେଶ ପତ୍ର ଉପଲବ୍ଧ ଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

**୯୮ କେନ୍ଦ୍ରରେ ପରୀକ୍ଷା ଦେବେ ୩୨୩୨ ପରୀକ୍ଷାର୍ଥୀ**

## ନିଯୁକ୍ତି ଆବେଦନ ପାଇଁ ଲାଗିବ ଫି'

ଭୁବନେଶ୍ୱର,୨୨।୬(ସମିସ): ବିଭିନ୍ନ ନିଯୁକ୍ତି ପାଇଁ ଆବେଦନ କରିବାକୁ ଏଣିକି ନିର୍ଦ୍ଧାରିତ ଫି' ଦେବାକୁ ପଡ଼ିବ। ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କୁ ସେହି ଅର୍ଥ ଫେରସ୍ତ କରାଯିବ। ହେଲେ ପରୀକ୍ଷା ଦେଉ ନ ଥିବା ପରୀକ୍ଷାର୍ଥୀଙ୍କୁ ଆଉ ସେହି ଆବେଦନ ଫି' ଫେରସ୍ତ ମିଳବ ନାହିଁ। ଖାମଖିଆଲି ଭାବେ ଆବେଦନ କରୁଥିବା ଆଶାୟୀଙ୍କୁ ନିରୁତ୍ସାହିତ କରିବା ପାଇଁ ଏପରି ବ୍ୟବସ୍ଥା ଆଣିବାକୁ ନିଷ୍ପତ୍ତି ହୋଇଛି।

ଆବେଦନ ସତ୍ତ୍ୱେ ବହୁସଂଖ୍ୟ ଆଶାୟୀ ପରୀକ୍ଷା ଦେଉ ନାହାନ୍ତି। ଏନେଇ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗତ ମାର୍ଚ୍ଚ ୪ରେ ଅନୁଷ୍ଠିତ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଏହାର ନିରାକରଣ ସମ୍ପର୍କରେ ବିଚାରବିମର୍ଶ ପରେ ଫି' ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ନିଯୁକ୍ତି ପରିଚାଳନା କରୁଥିବା ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି)କୁ ମତାମତ ଓ ପ୍ରସ୍ତାବ ଦେବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ବିଭାଗ ପକ୍ଷରୁ କୁହାଯାଇଛି। କେଉଁ ପରୀକ୍ଷା ପାଇଁ କେତେ ଟଙ୍କା ଫି' ଧାର୍ଯ୍ୟ କରାଯିବ ଏବଂ ଆବେଦନକାରୀଙ୍କୁ କିପରି ତାହା ଫେରସ୍ତ କରାଯିବ ସେନେଇ ଆସନ୍ତା ୨୪ ତାରିଖ ମଧ୍ୟରେ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରେଲୱେ ବୋର୍ଡ ଓ ଏସ୍‌ଏସ୍‌ସି ପରି କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଏପରି ନୀତି ଆପଣାଇଛନ୍ତି। ଫଳରେ ଖାମଖିଆଲି ଆବେଦନକାରୀଙ୍କ ସଂଖ୍ୟା ପ୍ରାୟତଃ ନଥାଏ। କାରଣ ପରୀକ୍ଷା ନଦେଲେ ସେମାନଙ୍କ ଫି' ଫେରସ୍ତ ମିଳିବ ନାହିଁ ବୋଲି ଜାଣିବା ପରେ ସେମାନେ ଆବେଦନ କରୁନାହାନ୍ତି। ନୂଆ ନିଷ୍ପତ୍ତି ଦ୍ୱାରା ଆବେଦନକାରୀଙ୍କ ସଂଖ୍ୟା କମିବ। ଫଳରେ ପରୀକ୍ଷାକେନ୍ଦ୍ର କମିବା ସହ ଗୋଟିଏ ସିଫ୍ଟରେ ମଧ୍ୟ ପରୀକ୍ଷା ପରିଚାଳନା ହୋଇପାରିବ। ସରକାରଙ୍କ ବ୍ୟୟଭାର କମିବା ସହ ତ୍ୱରିତ ବେଗରେ ପରୀକ୍ଷା ହୋଇପାରିବ ବୋଲି ଓପିଏସ୍‌ସି ଆଶାୟୀ ଅମ୍ରିତ୍ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ରଥଯାତ୍ରାକୁ ଜଗିବ ୨୭୫ ଏଆଇ କ୍ୟାମେରା

**■ ପାଞ୍ଚଥାକିଆ ସୁରକ୍ଷା ବ୍ୟବସ୍ଥା, ୧୦ ହଜାର ସୁରକ୍ଷା କର୍ମୀ**
**■ ଜଳ, ସ୍ଥଳ ଓ ଆକାଶରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

ପୁରୀ,୨୨।୬(ସମିସ): ଏଥର ରଥଯାତ୍ରାରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହି ଭିଡ଼ ଭିତରେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ସହ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ସୁପରିଚାଳନା ପାଇଁ ପୁଲିସ ବ୍ୟାପକ ପ୍ରସ୍ତୁତି କରିଛି। ରବିବାର ଅନୁଷ୍ଠିତ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ।

ସେ କହିଥିଲେ ଯେ ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ସୁପରିଚାଳନା ଉପରେ ପୁଲିସର ପ୍ରାଥମିକତା ରହିଛି। ଏଥର ରଥଯାତ୍ରା ଅବସରରେ ପୁରୀ-ଭୁବନେଶ୍ୱର, ପୁରୀ-କୋଣାର୍କ ଏବଂ ପୁରୀ-ବ୍ରହ୍ମଗିରି ରାସ୍ତା ସମେତ ସହରର ପ୍ରମୁଖ ଜାଗାରେ ୨୭୫ଟି ଏଆଇ କ୍ୟାମେରା ଲଗାଯାଉଛି। ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଓଡ଼ିଶା ପୁଲିସ ଜାଗ୍ରତ ରହିଛି। ୩୬ଟି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ମୁକାବିଲା ପାଇଁ କୁଇକ୍-ରିଆକ୍ସନ୍ ଟିମ୍ ଓ ଆଣ୍ଟି-ଟେରରିଷ୍ଟ ସ୍କ୍ୱାଡ୍ ମୁତୟନ ହେବେ। ଶ୍ରୀମନ୍ଦିର ସମ୍ମୁଖରେ ସଶସ୍ତ୍ର ସୁରକ୍ଷା କର୍ମୀ ରହିବେ। ଜଳ, ସ୍ଥଳ, ଆକାଶ ମାର୍ଗରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ୧୦ ହଜାର ସୁରକ୍ଷା କର୍ମୀ ମୁତୟନ ହେବେ। ସମୁଦାୟ ଟ୍ରାଫିକ୍ ବ୍ୟବସ୍ଥା ୩ ଭାଗରେ ବିଭକ୍ତ କରାଯିବ। ଡ୍ରୋନ୍ ସହାୟତାରେ ଟ୍ରାଫିକ୍ ପରିଚାଳନା କରାଯିବ। ଏଥର ରଥଯାତ୍ରା ପାଇଁ ପାଞ୍ଚଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩୯ଟି ଟ୍ରାଫିକ୍ ପୋଷ୍ଟ ରହିବ। ଏଆଇ କ୍ୟାମେରା ଓ ଡ୍ରୋନ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ନିଆଁ ଲାଗିବା, ଭିଡ଼ ନିୟନ୍ତ୍ରଣ ଓ ଗୁଜବ ରୋକିବା ପାଇଁ ପ୍ରୟାସ କରାଯିବ। ସମୁଦ୍ରରେ ତଟରକ୍ଷୀ ବାହିନୀ ପାଟ୍ରୋଲିଂ କରିବେ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।

## ବର୍ଷାରେ ଧୋଇଗଲା ଡାଇଭର୍ସନ୍ ରାସ୍ତା

ତେଲକୋଇ,୨୨।୬ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ କୁନ୍ତଳା ପୂର୍ତ୍ତ ବିଭାଗ ରାସ୍ତାର ଲୋକନାଥପୁର ନିକଟ ବାଉଁଶଯୋର ପୋଲର ଡାଇଭର୍ସନ୍ ରାସ୍ତା ଧୋଇଯାଇଛି। ଫଳରେ



ତେଲକୋଇ-ଜଗମୋହନପୁର, ତେଲକୋଇ-ଦେବଗଡ଼, ତେଲକୋଇ-ସମ୍ବଲପୁର ଏବଂ ତେଲକୋଇ-ରାଉରକେଲାକୁ ଯାତାୟାତ ବ୍ୟାହତ ହୋଇଛି। ଏପରିକି, ୪୯ ନମ୍ବର ଜାତୀୟ ରାଜପଥକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି ତେଲକୋଇ ବ୍ଲକ୍‌ର ଛାମୁଣ୍ଡା, ଜଗମୋହନପୁର, ବିଞ୍ଜବାହାଲ ଆଦି ପଞ୍ଚାୟତର ୨୦ରୁ ଅଧିକ ଗ୍ରାମ ବ୍ଲକ୍ ମୁଖ୍ୟାଳୟରୁ ବିଚ୍ଛିନ୍ନ ହୋଇପଡ଼ିଛି। ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ଏବଂ ନିମ୍ନମାନର କାମ ଯୋଗୁଁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ରବିବାର ଭୋର୍‌ରେ ପ୍ରବଳ ବର୍ଷା ଯୋଗୁଁ ନାଳରେ ଅତ୍ୟଧିକ ଜଳ ପ୍ରବାହିତ ହୋଇଥିଲା। ଠିକାସଂସ୍ଥା ଡାଇଭର୍ସନ ରାସ୍ତାରେ ଅତି ସଙ୍କୁଚିତ ପୋଲ ନିର୍ମାଣ କରିଥିବାରୁ ପ୍ରବାହିତ ଜଳରେ ପୋଲ ଧୋଇ ଯାଇଥିଲା। ତେବେ ଶେଷ ଖବର ଲେଖା ହେବା ସୁଦ୍ଧା ଏପର୍ଯ୍ୟନ୍ତ ଏହାକୁ ମରାମତି କରାଯାଇନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ ଓ ଅନ୍ୟାନ୍ୟ ଗାଡ଼ି ସବୁ ଦୋବଲାପାଳ, ଛାମୁଣ୍ଡା ଦେଇ ଏକ ସଂକୀର୍ଣ୍ଣ ରାସ୍ତାରେ ବିପଦସଙ୍କୁଳ ଭାବେ ଯା'ଆସ କରୁଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

**୪୯ ନମ୍ବର ରାଜପଥକୁ ଯୋଗାଯୋଗ ବିଚ୍ଛିନ୍ନ**

## ମଣ୍ଡିରେ ପଡ଼ିରହିଛି ହଜାର ହଜାର କ୍ୱିଣ୍ଟାଲ ଧାନ

କଲମପୁର,୨୨।୬(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳର ମଣ୍ଡିଗୁଡ଼ିକରେ ଧାନ ଉଠାଣ ହୋଇ ନ ପାରି ହଜାର ହଜାର କ୍ୱିଣ୍ଟାଲ ପଡି ରହିଛି। ବର୍ଷାକୁ ଦୃଷ୍ଟିରେ ରଖି ଚାଷୀ ଧାନ ବିକିବାକୁ ତରତର ହେଉଛି; ହେଲେ ଧାନ ଉଠୁନି। ଏଥି ମଧ୍ୟରେ କେତେକଙ୍କ ଟୋକନ ତାରିଖ ସରିଗଲାଣି। ଆଉ କେତେକଙ୍କ ଟୋକନ ତାରିଖ ସରିବାକୁ ବସିଛି। ଧାନର ଆର୍ଦ୍ରତାକୁ ନେଇ ୫ରୁ ୭ କେଜି କଟିଂ କରି ନେବାକୁ ଚାଷୀ ରାଜି ହୋଇଥିଲେ ମଧ୍ୟ ମିଲର୍ସ ଧାନ ଉଠାଇବାକୁ ରାଜି ହେଉନାହିଁ। ୧୨ କିଲୋ କଟିଂ ନ ହେଲେ ଧାନ କିଣିବେ ନାହିଁ ବୋଲି ମିଲର ଜିଦ୍ ଧରି ବସିଛନ୍ତି। ମଣ୍ଡିଗୁଡ଼ିକରେ ଏମିତି ଧାନ ଜମା ହୋଇଛି ଯେ, ଆଉ ମହଜୁଦ ରଖିବାକୁ ଜାଗା ମିଳୁନାହିଁ। ଏହାଫଳରେ ଚାଷୀ ରାସ୍ତା କଡରେ ଧାନ ଜମା କରି ରଖିବାକୁ ବାଧ୍ୟ ହୋଇଛି। ଚାଷୀ ଧାନ ବିକି ପାରି ନ ଥିବା ବେଳେ ଆଗକୁ ଚାଷ ପାଇଁ ସଜବାଜ ହେବା କଷ୍ଟକର ହୋଇ ପଡ଼ିଛି।

ଗତବର୍ଷ ଏହି ସମୟ ମଧ୍ୟରେ ପ୍ରାୟ ଧାନ ଉଠି ମଣ୍ଡି ବନ୍ଦ ହେବାକୁ ବସିଥିଲା। ଚଳିତ ବର୍ଷ ଅଧାଅଧି ଧାନ ମଧ୍ୟ ଉଠିନି। ଅନ୍ୟପକ୍ଷେ ଏବେ ଟାର୍ଗେଟ ସମସ୍ୟା ମଧ୍ୟ ମୁଣ୍ଡ ଟେକିଛି। କିଛି ଏଜେଣ୍ଟ କହିଛନ୍ତି ଯେ ଟାର୍ଗେଟଠାରୁ ଅଧିକ ଧାନ ଉଠି ସାରିଲାଣି। ତେଣୁ ବର୍ତ୍ତମାନ ପଡିଥିବା ଧାନ କେଉଁଠୁ ଆସିଛି ତାହା ସନ୍ଦେହ ସୃଷ୍ଟି କରିଛି। କେତେକ ଚାଷୀ କହିଛନ୍ତି ଯେ ବଡବଡିଆଙ୍କ ଧାନ ଆରାମରେ ଉଠିଛି। ଏହା ବାଦ ଦଲାଲଙ୍କ ଧାନ ମଧ୍ୟ ଉଠୁଛି; କିନ୍ତୁ ଛୋଟ ଚାଷୀ ଓ ପ୍ରକୃତ ଚାଷୀ ବେଳକୁ ନିୟମ କାନୁନ ଦେଖା ଯାଉଛି।



**୧୨ କିଲୋ କଟନି ପାଇଁ ମିଲରଙ୍କ ଜିଦ୍**

ଚାଷୀଙ୍କ ଅଭିଯୋଗ ହେଲା ଯେ ମିଲର୍ସଙ୍କ ଏଜେଣ୍ଟ ବହୁ ବର୍ଷ ହେଲା ଏହି ବ୍ୟବସାୟରେ ଲିପ୍ତ ହୋଇ ଆସୁଛନ୍ତି। କେତେକ କର୍ମଚାରୀ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହା ଫଳରେ ସେହି ପାରମ୍ପରିକ ଅଭ୍ୟାସର ପରିବର୍ତ୍ତନ ହୋଇ ପାରୁନାହିଁ। ଯଦି ବର୍ଷା ହେବ ତେବେ ବିପୁଳ ପରିମାଣରେ କ୍ଷୟକ୍ଷତି ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବିଡ଼ମ୍ବନା ହେଉଛି ଚାଷୀମାନେ ଧାନ ବିକ୍ରିକୁ ନେଇ ଅସହଜ ପରିସ୍ଥିତିର ସମ୍ମୁଖୀନ ହୋଇଥିବାବେଳେ ପ୍ରଶାସନ ହାତବାନ୍ଧି ବସିଛି ଓ ସରକାର ଆଖି ମୁଦି ବସିଛନ୍ତି । ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ କଲମପୁର ଗସ୍ତ ସମୟରେ ଧାନ ବିକ୍ରିରେ ସମସ୍ୟା ହେଲେ ସେ ନିଜେ ହସ୍ତକ୍ଷେପ କରିବେ ବୋଲି କହିଥିଲେ। ମାତ୍ର ଏହାପରେ ବିଧାୟକ ମଧ୍ୟ ତୁଣ୍ଡ ଖୋଲୁ ନାହାନ୍ତି। କଳାହାଣ୍ଡି ଜିଲ୍ଲାରେ ମୌସୁମୀ ବର୍ଷା ଆରମ୍ଭ ହୋଇ ସାରିଲାଣି, ମାତ୍ର ଚାଷୀଙ୍କ ହଜାର ହଜାର କ୍ୱିଣ୍ଟାଲ ଧାନ ଏବେ ବି ରାସ୍ତା ଉପରେ ଗଦା ହୋଇଛି । ଥରେ ବର୍ଷା ପାଣି ଖାଇବା ପରେ ଧାନଗୁଡ଼ିକ ନଷ୍ଟ ହେବା ଆଶଙ୍କା ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

ବର୍ଷ ବର୍ଷ ଧରି ସରୁନି ପ୍ରକଳ୍ପ କାମ

# ପାଣି ପାଇଁ ଡହକବିକଳ ଯୁବାଗ୍ରାମବାସୀ

ବେଲପଡ଼ା, ୨୨।୬(ସମିସ)

ରାଜ୍ୟ ସରକାର ଶାସନ କରିବାର ଏକବର୍ଷ ପରେ ମଧ୍ୟ ଲୋକଙ୍କୁ ପାନୀୟ ଜଳ ଟୋପେ ମିଳୁପାରୁନି। ଲୋକ ପାଣି ପାଇଁ ଡହକ ବିକଳ ହେଉଛନ୍ତି। କେଉଁଠି ଟାଙ୍କି ଅଛି ପାଣି ନାହିଁ ତ କେଉଁଠି ବର୍ଷ ବର୍ଷ ଧରି ବସୁଧା ଯୋଜନାର ପ୍ରକଳ୍ପ କାମ ଶେଷ ହୋଇ ପାରୁନାହିଁ। ଏମିତିରେ ହର ଘର ଜଳ ଯୋଜନା କାହାପାଇଁ ବୋଲି ଏବେ ପ୍ରଶ୍ନ କରୁଛନ୍ତି। ଯାହାର ନମୁନା ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଯୁବାଗାଁରେ ଦେଖିବାକୁ ମିଳିଛି। ପାଣି ଟୋପେ ପାଇଁ କେମିତି ଲୋକମାନେ ହାହାକାର ହେଉଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରତିଦିନ ସକାଳ ହେଲେ ସମସ୍ତଙ୍କୁ ଘାରିଛି ପାଣି ଚିନ୍ତା। କିଏ କେମିତି ପିଇବା ପାଣି ସଂଗ୍ରହ କରିବ ତାକୁ ନେଇ ଚାଲିଛି ପ୍ରତିଯୋଗିତା। ଗାଁ ମୁଣ୍ଡରେ ଥିବା କୂଅ ହିଁ ଲୋକଙ୍କ ପାଇଁ ସାହା ଭରସା ପାଲଟିଥିବା ବେଳେ ଖୋଲାମେଲା ଚୂଆର





ପାଣି ପିଇ ଲୋକେ ରୋଗଗ୍ରସ୍ତ ହେଉଛନ୍ତି। ଅଭିଯୋଗ ମତେ ଯୁବାଗାଁରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିଲେ ହିଁ ଆବଶ୍ୟକ ନଳକୂପ ନାହିଁ। ଯେଉଁ ନଳକୂପ ରହିଛି ସେଥିରୁ ଗୋଳିଆ ପାଣି ବାହାରୁଛି। ଗାଁକୁ ବିଶୁଦ୍ଧ ଜଳ ଯୋଗାଣ ପାଇଁ ବ୍ଲକ ପାନୀୟ ଜଳ ପ୍ରକଳ୍ପ ଅଧୀନରେ ବସୁଧା ଯୋଜନାରେ ପାଣି ଟାଙ୍କି କୂଅ ଖନନ ହେଇଛି। ୨୦୧୯ ମସିହା ଠାରୁ କାମ ଚାଲିଥିଲେ ହିଁ ଆଜି ପର୍ଯ୍ୟନ୍ତ ଶେଷ ହୋଇ ପାରୁନାହିଁ। ଗାଁରେ ଲଗାଯାଇଥିବା ପାଣି ଟ୍ୟାପ ଗୁଡିକ ମଧ୍ୟ ଭାଙ୍ଗି ଗଲାଣି। ପାଇପ୍ କାମ ଶେଷ ହୋଇନାହିଁ। ଅନ୍ୟପଟେ ନିମ୍ନମାନ କାମ ଯୋଗୁଁ ନିର୍ମାଣ ଧିନ ପାଣିକୂଅରେ ଫାଟ ଦେଖାଗଲାଣି। ଟାଙ୍କି ମଧ୍ୟ ଅତ୍ୟନ୍ତ ଖରାପ କାମ ହୋଇଥିବା ଗାଁ ଲୋକ ଅଭିଯୋଗ କଲେଣି। ତଥାପି କାହାକୁ ଖାତିର ନକରି ମନଇଚ୍ଛା କାମ କରୁଛି ଠିକାଦାର।ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତରା ହୋଇ ନିମ୍ନମାନର କାମ ଚାଲିଥିବା ଗାଁର ରୁକ୍ମଣୀ ଭୁଏ, ଗୁରୁବାରୀ ଧରୁଆ, ପିଙ୍କୁ ପୁଟେଲଙ୍କ ସହ ଅନ୍ୟମାନେ ଅଭିଯୋଗ ଆଣୁଛନ୍ତି। ତୁରନ୍ତ ଗାଁକୁ ପାଣି ଯୋଗାଣ କରାନଗଲେ ଆଗକୁ ଆନ୍ଦୋଳନ କରିବାକୁ ଗାଁଲୋକ ଧମକ ଦେଇଛନ୍ତି। ଅନ୍ୟପଟେ ଏନେଇ ବେଲପଡ଼ା ଜଳ ଯୋଗାଣ ବିଭାଗ ଦାୟିତ୍ୱ ରେ ଥିବା କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋଚନ ମାଝୀଙ୍କୁ ପଚାରିବାରୁ ଆଉ ଅଳ୍ପ ଦିନ ମଧ୍ୟରେ ପାଣି ଟ୍ରାଲ କରାଯିବ, କାମ ଚାଲିଛି ଶୀଘ୍ର ଗାଁକୁ ପାଣି ଯୋଗାଇ ଦିଆଯିବ। କିନ୍ତୁ ଏତେ ଦିନ କେମିତି ପ୍ରକଳ୍ପ କାମ ସରିପାରୁନି ଅଧିକାରୀ ପାଖରେ ଉତ୍ତର ନାହିଁ। ଜିଲ୍ଲାପାଳ ତୁରନ୍ତ ଏଦିଗରେ ଦୃଷ୍ଟି ଦେଇ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗାଁକୁ ପାଣି ଯୋଗାଇ ବ୍ୟବସ୍ଥା କରିବାକୁ ଦାବି ହେଉଛି।

ଲୋୟର ସୁକତେଲ ପ୍ରକଳ୍ପ ପାର୍ଶ୍ୱସ୍ଥ ଖଣିଜ ଉପରେ କମ୍ପାନୀ ଆଖି

## ଖଣି ଖନନ ହେଲେ ଜୋରଦାର ହେବ ଆନ୍ଦୋଳନ

**ବଲାଙ୍ଗିର, ୨୨।୬(ସମିସ):** ବଣ, ଜଙ୍ଗଲ, ପାହାଡ଼, ପର୍ବତରେ ପରିପୂର୍ଣ୍ଣ ଓଡ଼ିଶାର ପଶ୍ଚିମାଞ୍ଚଳ। ଏଠାକାର ଯେଉଁ ଅଞ୍ଚଳକୁ ଦେଖିବେ ଖଣିଜ ଭରି ରହିଛି। ପାହାଡ଼ ପର୍ବତ ପାଇଁ ଅଞ୍ଚଳର ପରିବେଶ ସନ୍ତୁଳିତ ହୋଇ ରହିଥିବା ବେଳେ ଏଠାକାର ଅଧିବାସୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭାଶୀଳ। ଏହି ଅଞ୍ଚଳରେ ଖଣି ଖନନ ବନ୍ଦ କରାଯାଉ ବୋଲି କୋଶଳବାଦୀ ନେତା ତଥା ବରିଷ୍ଠ ଆଇନଜୀବୀ ପ୍ରମୋଦ ମିଶ୍ର ଦାବି କରିଛନ୍ତି। ବଲାଙ୍ଗିର ଜିଲ୍ଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକେତଲ ପ୍ରକଳ୍ପ ପାର୍ଶ୍ୱସ୍ଥ ପାଟଣାଗଡ଼ ଓ ଲୋଇସିଂହା ବ୍ଲକ ଅଧୀନସ୍ଥ କିଛି ଅଞ୍ଚଳରେ ଖଣି ଖନନ ପାଇଁ ସର୍ଭେ କାର୍ଯ୍ୟ କରାଯାଉଥିବା ଖବର ସାମ୍ନାକୁ ଆସିଛି।ଏହି ଅଞ୍ଚଳରେ ମୋଟ ୯ଟି ମାଇନିଂ ବ୍ଲକ ଗଠନ କରାଯାଇ ଖଣି ଖନନ ପାଇଁ ପ୍ରସ୍ତୁତି କରାଯାଉଛି। ଏଥିପାଇଁ ସ୍ଥାନୀୟବାସିନ୍ଦାକୁ ବିସ୍ଥାପିତ ହେବାକୁ ପଡ଼ିପାରେ ବୋଲି ସୂଚନା ପାଇବା ପରେ ସେମାନଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ଖେଳିଯାଇଛି। ଖଣି ଖନନକୁ ବିରୋଧ କରିବାକୁ ସେମାନେ ସଜବାଜ ହେଉଛନ୍ତି। ଏଭଳି ସମୟରେ ସାମ୍ନାକୁ ଆସି ଦଳମତ ନିର୍ବିଶେଷରେ ସମସ୍ତେ ସ୍ୱର ଉତ୍ତୋଳନ କରିବାକୁ ଶ୍ରୀ ମିଶ୍ର ଆହ୍ୱାନ କରିଛନ୍ତି। ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେବା ସହିତ ଖଣି ଖନନକୁ ଘୋର ବିରୋଧ କରିଛନ୍ତି। ବଲାଙ୍ଗିର ଜିଲ୍ଲାର ସାଲେପାଲି ଗ୍ରାମ ସମେତ ବିଭିନ୍ନ ଅଞ୍ଚଳରେ ଖଣି ଖନନ କରିବାକୁ ପ୍ରସ୍ତୁତି ଚାଲିଛି। ସରକାରଙ୍କ ଏହି ପ୍ରସ୍ତାବକୁ ବିରୋଧ କରି ଖଣି ଖନନ ହେଲେ ଅଞ୍ଚଳର ପରିବେଶ ପ୍ରଦୂଷିତ ହେବା ସହିତ



ବ୍ୟାପକ ବିସ୍ଥାପନ ହେବ। ତେଣୁକରି ପ୍ରସ୍ତାବିତ ଖଣି ଖନନ ସମ୍ପର୍କରେ ସରକାର ତୁରନ୍ତ ଏକ ଶ୍ୱେତପତ୍ର ଜାରି କରିବା ସହିତ ଖଣି ଖନନ ନିଷ୍ପତ୍ତି ବନ୍ଦ କରନ୍ତୁ ବୋଲି ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ସରକାର ଭୟଭୟ ଆନ୍ଦୋଳନ ହେବ ବୋଲି କହିଛନ୍ତି। ଏଥିପାଇଁ ଖୁବଶିଘ୍ର କୋଶଳ ରାଜ୍ୟ ସମନ୍ୱୟ ସମିତିର ଏକ କମିଟି ପ୍ରସ୍ତାବିତ ଅଞ୍ଚଳକୁ ଯାଇ ଲୋକଙ୍କ ସହିତ ଆଲୋଚନା କରି ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ପ୍ରମୋଦ ମିଶ୍ର ସୂଚନା ଦେଇଛନ୍ତି।

■ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

## ଲୋକଙ୍କ ଅଧିକାର ସୁରକ୍ଷା ପାଇଁ ସମ୍ବିଧାନ ସୁରକ୍ଷିତ ରହିବା ଜରୁରୀ

**ବଲାଙ୍ଗିର, ୨୨।୬(ସମିସ):** ଦେଶ ର ଜନତାଙ୍କ ଅଧିକାରକୁ କଂଗ୍ରେସ ସର୍ବାଗ୍ରେ ଗୁରୁତ୍ୱ ଦେଇଥାଏ। ଲୋକଙ୍କ ଅଧିକାର ସେତେବେଳେ ସୁରକ୍ଷିତ ରହିବ ଯେତେବେଳେ ଦେଶ ସମ୍ବିଧାନ ସୁରକ୍ଷିତ ରହିବ। ସେଥିପାଇଁ ଆମେ ସମ୍ବିଧାନ ବଞ୍ଚାଅ ଅଭିଯାନରେ ଆମେ ସମବେତ ହେଇଛୁଁ। ଏହି ଅଭିଯାନ ଲୋକଙ୍କ ପ୍ରତ୍ୟେକ ପାଖକୁ ପହଞ୍ଚିବ।ଏହାର ଲକ୍ଷ୍ୟ ହେଲା ବର୍ତ୍ତମାନ ଜନବିରୋଧି ବିଜେପି ସରକାର ଯେଭଳି ଭାବରେ ସମ୍ବିଧାନ ଏବଂ ବିଭିନ୍ନ ଗଣତାନ୍ତ୍ରିକ ସଂସ୍ଥାକୁ ନିଜର ରାଜନୈତିକ ଉଦ୍ଦେଶ୍ୟ ପୂରଣ ପାଇଁ ଆକ୍ରମଣ କରି ଚାଲିଛି ତାର ସେହି ଘୃଣ୍ୟ ଉଦ୍ଦେଶ୍ୟକୁ ପ୍ରତ୍ୟେକ ଲୋକଙ୍କ ପାଖକୁ ଯାଇ ପର୍ଦ୍ଦାଫାସ କରିବା, ଏହା ହେଲେ ହିଁ ସମ୍ବିଧାନ ସୁରକ୍ଷିତ ଭାବେ ବଞ୍ଚିବ ବୋଲି ରବିବାର ଦେଓଗାଁ ବ୍ଲକ ସ୍ଥିତ ଡୁମେରପିଟା ପଞ୍ଚାୟତର ଡୁମେରପିଟା ଠାରେ ଅନୁଷ୍ଠିତ ସମ୍ବିଧାନ ବଞ୍ଚା ଅଭିଯାନରେ ଗତ ନିର୍ବାଚନରେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ କେନ୍ଦ୍ରର ବିଜେପି ସରକାର ଦେଶକୁ ଅର୍ଥନୈତିକସ୍ତରରେ ଦୁର୍ବଳ କରି ଚାଲିଛି। ଭୁଲ ଅର୍ଥନୈତିକ ପରିଚାଳନା ସହ ସାମାଜିକ ନ୍ୟାୟ ଉପରେ ବାରମ୍ବାର ବିଜେପି ତରଫରୁ ଆଘାତ ପହଞ୍ଚାଉ ଥିବାରୁ



ଦେଶର ଛାତ୍ର, ଯୁବକ, କୃଷକ, ଶ୍ରମିକଙ୍କ ଭବିଷ୍ୟତ ବର୍ତ୍ତମାନ ଅନ୍ଧକାରରେ। ଆମର ଏହି ସମ୍ବିଧାନ ବଞ୍ଚାଅ ଅଭିଯାନ ଦ୍ୱାରା ଆମେ ନିଶ୍ଚିତ ଭାବରେ ଦେଶର ଅଗଣିତ ସାଧାରଣ ଜନତାଙ୍କ ସ୍ୱର, ତଳସ୍ତରରେ ଥିବା ସମସ୍ୟା ଏବଂ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ସଠିକ୍ ଗୁରୁତ୍ୱ ଦେଇ ଦେଶର ଉନ୍ନତ ଭବିଷ୍ୟତ ନିର୍ମାଣ ର ବାର୍ତ୍ତା ପ୍ରତ୍ୟେକ ଦିନ ତାଙ୍କ ପାଖରେ ପହଞ୍ଚାଇବା ବୋଲି ସମରେନ୍ଦ୍ର ମିଶ୍ର କହିଥିଲେ। ବ୍ଲକ ସଭାପତି ରାମଜୀ ଚୌଧୁରୀଙ୍କ ନେତୃତ୍ୱ ତଥା ପିସିସି ପର୍ଯ୍ୟବେକ୍ଷକ ପ୍ରଶାନ୍ତ ରାଉତ ଓ ପୂର୍ବତନ ବିଧାୟକ ନିମାଇଁ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାବେଶ ଆରମ୍ଭରେ ସମ୍ବିଧାନ ପ୍ରଣେତା ସଭାରେ ସଦସ୍ୟ ଥିବା ବଲାଙ୍ଗିର ର ବରପୁତ୍ର ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ସ୍ମୃତି ଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରାର୍ଥୀ ମନୋଜ ମିଶ୍ର, କାର୍ଯ୍ୟକାରି ସଭାପତି ସନ୍ତକ ବହିଦାର, ଅଙ୍କିତ ସାହୁ, ପପୁ ପାତ୍ର, ଶ୍ରୀଧର ବାରିକ, ସୂର୍ଯ୍ୟକାନ୍ତି ଛତ୍ରିଆ, ଚିନ୍ମୟ ବେହେରା, ସଂକିର୍ତ୍ତନ ବାଗ ନିଜ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ସମ୍ବିଧାନ ବିରୋଧି ମନୋଭାବର କଠୋର ସମାଲୋଚନା କରିଥିବା ବେଳେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ମନବୋଧ ହରପାଲ, ପଙ୍କଜିନି ଛତ୍ରିଆ, ରାମ ମିଶ୍ର, ସଂଯୁକ୍ତା ସେଠ, ଚନ୍ଦ୍ରମା ଧରୁଆ ଅସୀତ ମିଶ୍ର, ନାସିର ଖାନଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ଧୂମାଭଟା ପଞ୍ଚାୟତରେ ଭତ୍ତା ଦୁର୍ନୀତ

## ଆନ୍ଦୋଳନ ଚେତାବନୀ ପରେ ବୃଦ୍ଧାଙ୍କୁ ଦେଲେ ଟଙ୍କା

**ବେଲପଡ଼ା, ୨୨।୬(ସମିସ):** ବେଲପଡ଼ା ବ୍ଲକ ଧୂମାଭଟା ପଞ୍ଚାୟତରେ ବୃଦ୍ଧାଙ୍କ ଭତ୍ତା ଟଙ୍କା ହଡପ କରିଥିବା ନେଇ ସାଙ୍ଘାତିକ ଅଭିଯୋଗ ହୋଇଛି।ଦାୟିତ୍ୱରେ ଥିବା ପିଇଓ ଭତ୍ତା ଟଙ୍କା ହଡପ କରିଥିବା ସାମାଜିକ କର୍ମୀ ସିପୁନ ଖମାରି ଅଭିଯୋଗ ଆଣିଛନ୍ତି।ଯାହାକୁ ନେଇ ଆନ୍ଦୋଳନର ଧମକ ଦେବା ପରେ ରବିବାର ବୃଦ୍ଧାଙ୍କ ଘରକୁ ଯାଇ ବାକିଥିବା ୬ ମାସର ଭତ୍ତା ଟଙ୍କା ପ୍ରଦାନ କରାଯାଇଛି। ଏହି ଘଟଣା ହେଉଛି ବେଲପଡ଼ା ବ୍ଲକ ଧୂମାଭଟା ପଞ୍ଚାୟତ ଅନ୍ତର୍ଗତ ଜଲିଆ ଗାଁର। ପ୍ରାପ୍ତ ସୂଚନା ମତେ ବିନକା ବ୍ଲକ ମହଦା ଗାଁର ଲାଇବନି ବରିହା। ତାଙ୍କର କେହିଁ



ନଥିବାରୁ ସେ ପ୍ରାୟ ବର୍ଷେ ହେଲା ଜଲିଆଗାଁର ଫକୀର ବରିହାଙ୍କ ପାଖରେ ରୁହନ୍ତି। ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଭତ୍ତା ଟଙ୍କା ଉପରେ ନିର୍ଭର କରନ୍ତି। ଏନେଇ ସମାଜିକ କର୍ମୀ ସୁପୁନ ଖାମରିକୁ ପରିବାର ଲୋକ ଅଭିଯୋଗ ପରେ ଶ୍ରୀ ଖାମରି ବୃଦ୍ଧାଙ୍କ ଭତ୍ତାକୁ ବେଲପଡ଼ା ବ୍ଲକକୁ ଟ୍ରାନ୍ସଫର କରିଥିଲେ। ୬ ମାସ ହେବ ଟ୍ରାନ୍ସଫର ହୋଇଥିଲେ ହିଁ ବୃଦ୍ଧାକୁ ଟଙ୍କାଟିଏ ମିଳୁନଥିଲା। ଏନେଇ ବାରମ୍ବାର ବ୍ଲକ ପ୍ରଶାସନ ପାଖରେ ଗୁହାରି କରିଥିଲେ ମଧ ବୃଦ୍ଧାକୁ ଭତ୍ତା ଟଙ୍କା ମିଳିନଥିଲା।ଏନେଇ ବୃଦ୍ଧା ଜଣକ ପଞ୍ଚାୟତ କାର୍ଯ୍ୟାଳୟରେ ଧାରଣା ଦେବନେଇ ଚେତାବନୀ ଦେଇଥିଲେ। ଚେତାବନୀ ପରେ ଆଜି ଗାଁ କୁ ଆଣି ୬ ମାସର ଭତ୍ତା ଟଙ୍କା ୬ ହଜାର ୪ ଶହ ଟଙ୍କା ପ୍ରଦାନ କରାଯାଇଛି। ପ୍ରତି ମାସରେ ବୃଦ୍ଧାଙ୍କ ନାଁରେ ଆସୁଥିବା ଭତ୍ତା ଟଙ୍କା କିଏ ରଖୁଥିଲା। କାହିଁକି ଅଭିଯୋଗ ପରେ ବୃଦ୍ଧାଙ୍କୁ ଭତ୍ତା ଟଙ୍କା ଦିଆଗଲା ତାହା ସନ୍ଦେହ ଘେରରେ ରହିଛି। ଘଟଣା କୁ ନେଇ ସମ୍ପୃକ୍ତ ପିଇଓ ଭବାନୀ ଶଙ୍କର ଭୋଇଙ୍କ ପ୍ରତିକ୍ରିୟା ପାଇଁ ବାରମ୍ବାର ଫୋନ ପରେ ବି ପ୍ରତିକ୍ରିୟା ମିଳିପାରି ନାହିଁ।

## ଯୁଗଳ ଓଡ଼ିଶା ପତ୍ରକାର ସଂଘର ରାଜ୍ୟ ଉପସଭାପତି

**କଣ୍ଟାବାଞ୍ଜି, ୨୨।୬(ସମିସ):** ଓଡ଼ିଶା ପତ୍ରକାର ସଂଘର ବଲାଙ୍ଗିର ଜିଲ୍ଲା ଉପଦେଷ୍ଟା ଯୁଗଳ କିଶୋର ଶବର ରାଜ୍ୟ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଓଡ଼ିଶା ପତ୍ରକାର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲେ।ଏହି ଅବସରରେ ଅନେକ ବର୍ଷ ଧରି ସାମ୍ବାଦିକତା କରି ଆସୁଥିବା କଣ୍ଟାବାଞ୍ଜି ବାସିନ୍ଦା ତଥା ସାମ୍ବାଦିକ ଯୁଗଳ କିଶୋର ଶବରଙ୍କୁ ସର୍ବ ସହମତିରେ ରାଜ୍ୟ ଉପସଭାପତି ଭାବରେ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ସାମ୍ବାଦିକଙ୍କ ସୁରକ୍ଷା ଓ ଅଧିକାରୀ ଦିଗରେ ଅଧିକ ଗୁରୁତ୍ୱ ଦେଇ କାମ କରିବି ବୋଲି ଶ୍ରୀ ଶବର କହିଛନ୍ତି। ସେହିପରି ବଲାଙ୍ଗିର ଜିଲ୍ଲା ପତ୍ରକାର ସଂଘର ସଭାପତି ତୁଳସୀ ରାମ ଜଗତଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଚୟନ କରାଯାଇଛି। ରାଜ୍ୟ କମିଟିରେ ମନୋନୀତ ହେବା ପରେ ଉଭୟଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ୪ ଦିବାସୀୟ ଯୋଗ ଶିବିର ଉଦ୍ଯାପିତ

**କଣ୍ଟାବାଞ୍ଜି, ୨୨।୬(ସମିସ):** କଣ୍ଟାବାଞ୍ଜି ମାରୱାଡି ଯୁବା ମଞ୍ଚ ପ୍ରଗତି ଶାଖା ସଦସ୍ୟାଙ୍କ ପ୍ରୟାସରେ କଣ୍ଟାବାଞ୍ଜି ଅଗ୍ରେସନ ଭବନରେ ଚାରି ଦିବାସୀୟ ଯୋଗ ଶିବିର ହୋଇଥିଲା। ଜୁନ୧୭ରୁ ଆରମ୍ଭ ହୋଇଥିବା ଯୋଗ ଶିବିର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଶାଖାର ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇ ଯୋଗ ଅଭ୍ୟାସ କରୁଥିବା ବେଳେ ଯୋଗ ଗୁରୁ ଫକୀର ଦାସ ମହାରାଜ ସମସ୍ତଙ୍କୁ ଯୋଗା ଅଭ୍ୟାସ କରାଇଥିଲେ। ଶିବିରରେ ଯୋଗ ଗୁରୁ ଉପସ୍ଥିତ ଅତିଥି ଓ ଅନ୍ୟ ଭାଗଗ୍ରାହୀଙ୍କୁ ବିଭିନ୍ନ ଯୋଗାସନ, ପ୍ରାଣାୟାମ କରାଇ ଶାରୀରିକ ଓ ମାନସିକ ଲାଭ ବିଷୟରେ ବ୍ୟାଖ୍ୟା ଦେଇଥିଲେ। ତାଙ୍କର ସଂଗଠିତ ମାର୍ଗଦର୍ଶନରେ ଅନେକ ଭାଗଗ୍ରାହୀ ଶକ୍ତି, ଶାନ୍ତି ଓ ସ୍ୱାସ୍ଥ୍ୟ ଲାଭର ଅନୁଭୂତି କରିଥିଲେ। କାର୍ଯ୍ୟକ୍ରମରେ ଶାଖାର ସଦସ୍ୟମାନଙ୍କ ସହିତ ସହରର ବହୁ ମହିଳା ଅଂଶଗ୍ରହଣ କରିଥିଲେ। ଶାଖା ଅଧକ୍ଷା ରୁଚି ଖଣ୍ଡେଲବଲ, ସମ୍ପାଦିକା ପୂଜା ଅଗ୍ରୱାଲ, ଉମା ଜୈନ, ଆଶା ଅଗ୍ରୱାଲ, ରେଣୁ ଅଗ୍ରୱାଲ, ମମତା ବଂସଲ, ମମତା ଜୈନ, ମଞ୍ଜୁ ଛାପଡ଼ିୟା, ସିଦ୍ଧି ଜୈନ, ସାରିକା ଜୈନ ସହିତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ଚାଷୀଙ୍କ କୃଷି ବୀମା ଟଙ୍କା ହଡ଼ପ ଅଭିଯୋଗରେ ୩ ଗିରଫ

**ଖପ୍ରାଖୋଲ, ୨୨।୬(ସମିସ)** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ମାଟିଆଭଟା ପଞ୍ଚାୟତ ଅନକାମରା ଗାଁର ଜଣେ ଚାଷୀଙ୍କ ଫସଲ ବୀମା ଟଙ୍କା ହଡ଼ପ ଅଭିଯୋଗରେ ୩ଜଣଙ୍କୁ ଖପ୍ରାଖୋଲ ପୁଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଅନକାମରା ଗାଁର ନନ୍ଦଲାଲ ବରିହାଙ୍କ ଚାଷ ଜମିରେ ୨୦୨୩/୨୪ ମସିହାରେ ଫସଲ ବୀମା ମାଟିଆଭଟା ଗ୍ରାମର ଦେବାନନ୍ଦ ସାହୁଙ୍କ ଗ୍ରାହକ ସେବା କେନ୍ଦ୍ରରେ ମଧୁସୂଦନ ସାହୁ ଓ ରୋହିତ ସାହୁ ମିଶି କରିଥିଲେ। ଉକ୍ତ ବର୍ଷ ମାଟିଆଭଟା ପଞ୍ଚାୟତ ମରୁଡ଼ି ଘୋଷଣା ହୋଇଥିଲା। ତେଣୁ ଫସଲ ବୀମା ଟଙ୍କା ବିଭିନ୍ନ ଚାଷୀ ପାଇଥିଲେ। ହେଲେ ନନ୍ଦଲାଲ ବରିହାଙ୍କ ଜମା ଖାତାରେ ବିମାରାଶି ଟଙ୍କା ପଡ଼ିନଥିଲା। ତେଣୁ ସେ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରିଥିବା ବେଳେ ତାଙ୍କ



ଜମିରେ ଦେବାନନ୍ଦ ସାହୁ, ମାଟିଆଭଟା ଗ୍ରାମର ମଧୁସୂଦନ ସାହୁ ଓ ରୋହିତ ସାହୁ ତାଙ୍କ ଚାଷ ଜମି କୁ ଅନ୍ୟ ଚାଷୀ ନାମରେ ଭାଗ ଚାଷୀ ଭାବରେ ବୀମା କରାଇ ତାଙ୍କ ବୀମା ରାଶି ଟଙ୍କାକୁ ହଡ଼ପ କରିଥିବା ଜାଣି ଥିଲେ। ଶନିବାର ଚାଷୀ ନନ୍ଦଲାଲ ବରିହା ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କେଶ ନମ୍ବର୧୪୧/୨୪ରେ ମାମଲା ରୁଜୁ କରି ତଦନ୍ତ ପରେ ଗ୍ରାହକ ସେବା କେନ୍ଦ୍ରର ଏକ ଲାପଟପ୍, ଦୁଇଟି ପ୍ରିଣ୍ଟର, ଏଟିଏମ କାର୍ଡ, ପ୍ରାୟ ନଗଦ ୧୨ ହଜାର ଟଙ୍କା ପୁଲିସ ଜବତ୍ କରି ତଦନ୍ତ ପରେ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି।

ପିଏଚ୍‌ଡି ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkela ରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurda ର Prof. (Dr.) Bibhuti Bhusana Panigrahi ଏବଂ I.G.I.P.S, Bhubaneswar ର Prof. (Dr.) Manoj Kumar Paniଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet By Using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE college of Pharmacy, Raipur ଏବଂ Dr. Rakesh Gupta, Vaish institute of pharmaceutical education, Rohtak, Haryana ଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R, Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକେ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଷଣାତ୍ମକ ପତ୍ରିକା ପ୍ରକାଶକ ସଂସ୍ଥା ରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶ ରେ ପ୍ରତିଷ୍ଠା ଲାଭ କରିଛନ୍ତି। ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀ ଜଗନ୍ନାଥ, ଝଙ୍କଡ ବାସିନୀ ମା ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି।

# ନବୀନଙ୍କ ପାଇଁ ଦୀପଦାନ, ପୂଜାର୍ଚ୍ଚନା







ସଇଁତଲା, ୨୨।୬(ସମିସ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବିଜୁଜନତା ଦଳର ସଭାପତି ବିରୋଧୀ ଦଳ ନେତା ସାଢେ ଚାରିକୋଟି ଓଡ଼ିଆଙ୍କ ପ୍ରିୟନେତା ନବୀନ ପଟ୍ଟନାୟକଙ୍କ ଆଶୁଆରୋଗ୍ୟ କାମନା ସଇଁତଲା ବିଜେଡି ପକ୍ଷରୁ ଚଣ୍ଡି ମନ୍ଦିରରେ ପ୍ରାଙ୍ଗଣରେ ଦୀପ ପ୍ରଜ୍ୱଳନ କରିଥିଲେ। ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ବଲାଙ୍ଗିର ସଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ। ବରିଷ୍ଠ ବିଜେଡି ନେତା ଚନ୍ଦ୍ରବଦନ ପୁରୋହିତ, ଟୁନୁ ରାଜପଲିଆ, ରାଜକିଶୋର ଡାଙ୍ଗ, ଡୋଳା ମଣି ଥପା, ପ୍ରଦୀପ ବାଗ, ସତ୍ୟ ପଣ୍ଡା, ବସନ୍ତ ବିଭାର, ଓ ସଇଁତଲା ବ୍ଲକ ସଂଘ ସଭାପତି ଅଶୋକ ସାହୁ ଙ୍କ ସହ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ସଇଁତଲା ବିଜେଡିର ସମସ୍ତ କର୍ମକର୍ତ୍ତା ତଥା ଚାନ୍ଦାଚରଣ ବେହେରା, ଅମିତ ରଥ, ସୁବ୍ରତ ବେହେରା, କାନନ ପଟ୍ଟନାୟକ, ଆଇନଜୀବି ସତ୍ୟନାରାୟଣ ସାହୁ, କପିଳ ଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମା'ଚଣ୍ଡିଙ୍କୁ ଠାରେ ସମସ୍ତେ ପୂଜାର୍ଚ୍ଚନା ସହ ନବୀନଙ୍କ ଆଶୁଆରୋଗ୍ୟ କାମନା କରିଥିଲେ।



### ମା'ଦ୍ୱାରସେନୀ ମନ୍ଦିରରେ ପୂଜାର୍ଚ୍ଚନା

**କଣ୍ଟାବାଞ୍ଜି:** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଜୁ ଜନତା ଦଳ ପକ୍ଷରୁ ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ରବିବାର ସକାଳୁ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସ୍ଥାନୀୟ ମା'ଦ୍ୱାରସେନୀ ମନ୍ଦିରରେ ପୂଜାର୍ଚ୍ଚନା କରି ଦୀପ ପ୍ରଜ୍ୱଳନ କରାଯାଇଛି। ଶ୍ରୀ ପଟ୍ଟନାୟକ କିଭଳି ଶୀଘ୍ର ସୁସ୍ଥ ହୋଇ ଓଡ଼ିଶା ଫେରିବେ ସେଥିପାଇଁ ମା'ଦ୍ୱାରସେନୀଙ୍କ ନିକଟରେ ସମୂହ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଶ୍ରୀଧର ମାଝୀ, ଦୈତାରି ଭୋଇ, ଦେବାର ବାରିକ, ପିଙ୍କି ଖର୍ସେଲ, ବିଷ୍ଣୁ ଜୁଏଡ, ତପନ ବଏ, କିଶୋର ମଞ୍ଜଖଣ୍ଡ, ଦେବରାଜ ଯାଦବ, ଦିପକ ଘିଭେଲି, ମହେନ୍ଦ୍ର ମାଝୀ, କୈଳାଶ ବନଛୋର, ଦିଲିପ ସାହୁ, ଲମ୍ବୁ ମହାନନ୍ଦ, ଦିଲିପ ପୃଷ୍ଟି, ସଞ୍ଜୟ ସୁନା, ଆଶିଷ ବେହେରା, ମଜାଫର ଖାଁ, ସବିତା ସିନ୍ଦୂର ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ପାଟଣାଗଡ଼ରେ ସାମୂହିକ ଦୀପଦାନ

**ପାଟଣାଗଡ଼:** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପାଟଣାଗଡ଼ ବିଜେଡି ପକ୍ଷରୁ ପୂର୍ବତନ ପାଟଣାଗଡ଼ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ସରୋଜ ମେହେର ଙ୍କ ନେତୃତ୍ୱରେ ରବିବାର ସାମୂହିକ ଦୀପଦାନ ସହ ଦୀପ ପ୍ରଜ୍ୱଳନ କରାଯାଇଛି। ସନ୍ଧ୍ୟାରେ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରୁ ଆସିଥିବା ବିଜେଡି କର୍ମକର୍ତ୍ତା ନବୀନଙ୍କ ଆରୋଗ୍ୟ କାମନା କରି ପ୍ରଥମେ ମା'ପାଟଣେଶ୍ୱରୀ ମନ୍ଦିର ଓ ପରେ ମା ସମଲେଶ୍ୱରୀ ମନ୍ଦିର ଠାରେ ସାମୂହିକ ଦୀପ ପ୍ରଜ୍ୱଳନ କରିଛନ୍ତି। କାର୍ଯ୍ୟକ୍ରମରେ ପାଟଣାଗଡ଼ ବ୍ଲକ ଅଧକ୍ଷ ନୀଳକାନ୍ତ ବାଗ, ଏନଏସି ଅଧକ୍ଷା ମାନସୀ ବିଶ୍ୱାଳ, ବ୍ଲକ ଉପାଧକ୍ଷା ଲକ୍ଷ୍ମୀ ମାଝୀ, ୧୬ ନଂ ଜିଲ୍ଲା ପରିଷଦ ସଭ୍ୟା ବାଳିକା ମାଝୀ, ପ୍ରଦୀପ ମେହେର, ପାଟଣାଗଡ଼ ବ୍ଲକ ସମିତି ସଭ୍ୟ ସଂଘ ସଭାପତି ଗୋବିନ୍ଦ ମେହେର, ସୁକୁମାର ବାରିକ, ସହଦେବ ପୁରୋହିତ, କରୁଣାକର ମେହେର, ଦନାର୍ଦନ ସାହୁ, ଦିଲୀପ ପଣ୍ଡାଙ୍କ ସହ ଅନେକ ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା, ସରପଞ୍ଚ, ସମିତି ସଭ୍ୟ, ସଭ୍ୟାଙ୍କ ସହ ବିଜେଡିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ନବୀନଙ୍କ ପାଇଁ ଆଲ୍ଲାଙ୍କୁ ପ୍ରାର୍ଥନା

**କଣ୍ଟାବାଞ୍ଜି:** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଶନିବାର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ପଶ୍ଚିମ ଓଡ଼ିଶାର ସଂଯୋଜକ ଆୟୁବ ଖାଁଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ସହରର ମସ୍‌ଜିଦ ଠାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଆଲ୍ଲାଙ୍କ ଠାରେ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ଏସକେ ଅନବର, ତାହିର ଖାଁ, ମୁକତାର ଖାଁନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରବିବାର ସନ୍ଧ୍ୟାରରେ ପୁଣି ଆୟୁବ ଖାଁନ ନେତୃତ୍ୱରେ ଆଶ୍ରମପଡ଼ା ଠାରେ ଶ୍ରୀ ଜଗନ୍ନାଥ ମନ୍ଦିରରେ ସାମୂହିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପୂର୍ବତନ ବିଧାୟକ ଆୟୁବ ଖାଁନଙ୍କ ଆବାହନରେ ଅନୁଷ୍ଠିତ ହୋଇଥିବା ସମୂହ ଦୀପଦାନ ଓ ଆଶୁ ଆରୋଗ୍ୟ କାମନା ସଭାରେ ଅମଜଦ ଖାଁ, ଟିଙ୍କୁ ନାଏକ, କାଲୁ ଗହିର, ମନୋଜ ଚଣ୍ଡୀ ଅନ୍ୟମାନେ ଉପସ୍ଥିତ ଥିଲେ।

## ନୂଆପଡ଼ା ଜିଲ୍ଲାରେ ରବିଋତୁ ଧାନ ସଂଗ୍ରହ ସମୀକ୍ଷା ବୈଠକ

# କେହି ବାଦ୍ ପଡ଼ିବେନି; ସମସ୍ତଙ୍କ ଧାନ କିଣାଯିବ

**ନୂଆପଡ଼ା, ୨୨।୬(ସମିସ):**

ଦିନକୁ ଦିନ ବର୍ଷା ଋତୁ ପାଖେଇ ଆସିଛି। ରବି ଋତୁ ଧାନ କିଣାବେଳେ ଯୋଗାଣ ବିଭାଗର ଚରମ ଅବହେଳା ଯୋଗୁଁ ମଣ୍ଡିଗୁଡିକରେ ହଜାର ହଜାର ଧାନ ବସ୍ତା ପଡ଼ିରହିଛି। ଅନ୍ୟପଟେ ଯୋଗାଣ ବିଭାଗ ମୁଖିଆଙ୍କୁ ହାତ କରି ମିଲର୍ସ ଶସ୍ତାରେ ଛତିଶଗଡ଼ି ଧାନ ଏଣ୍ଟ୍ରି କରି ମିଲ୍ ଗୋଦାମକୁ ଭର୍ତ୍ତି କରି ସାରିଲେଣି। ଏହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଜିଲ୍ଲାପାଳ ଏହାର ସମୀକ୍ଷା କରିଛନ୍ତି। ଜିଲ୍ଲାର ସମସ୍ତ ଚାଷୀଙ୍କ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନୂଆପଡ଼ା ଜିଲ୍ଲାରେ ରବି ଋତୁ ପାଇଁ ଧାନ ସଂଗ୍ରହ ସମୀକ୍ଷା ବୈଠକରେ



ଜିଲ୍ଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରି ଚାଷୀଙ୍କ ଉଦ୍ଦେଶ୍ୟରେ ଏହି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ ଏବଂ ଯୋଗାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ରାଉତରାୟ ସୂଚନା ଦେଇଥିଲେ ଯେ, ଜିଲ୍ଲାରେ ରବି ଋତୁରେ ୬ଲକ୍ଷ ୮୧ହଜାର ୬୬୦କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଯାଏଁ ୬ଲକ୍ଷ ୩୦ହଜାର ୨୫୪କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୦ହଜାର ୮୮୪ଜଣ ଚାଷୀ ଧାନ ବିକ୍ରି କରି ସାରିଛନ୍ତି। ୯୯୭୦ ଜଣ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୩୨କୋଟି ୪୭ଲକ୍ଷ ୩୧ ହଜାର ଟଙ୍କା ଜମା ହୋଇଛି। କିଭଳି ଭାବରେ ସୁରୁଖୁରୁରେ ଜିଲ୍ଲାରେ ରବି ଧାନ ସଂଗ୍ରହ ଶେଷ ହେବ ତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସମୟସୀମା ମଧ୍ୟରେ ଜିଲ୍ଲାର ସମସ୍ତ ଧାନକିଣା ପାଇଁ ସେ ସମସ୍ତ ଚାଷୀ, ମିଲର ଏବଂ ସମ୍ପୃକ୍ତ ଅଧିକାରୀଙ୍କ ସହଯୋଗ କାମନା କରିଛନ୍ତି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଭେଟିଲେ ଜିଲ୍ଲାପାଳ

**ନୂଆପଡ଼ା, ୨୨।୬(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ରବିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ରକ୍ତଭଣ୍ଡାର, ସର୍ଜରୀ ୱାର୍ଡ, ଡଶଇରିଆ ୱାର୍ଡ, ଆଇସିୟୁ, ନମୁନା ପରୀକ୍ଷା କେନ୍ଦ୍ର, ଏକ୍ସରେ ରୁମ୍ ଇତ୍ୟାଦି ବୁଲି ଦେଖିଥିଲେ। ରୋଗୀଙ୍କ ସହ କଥା ହୋଇ ସେମାନଙ୍କ ସୁବିଧାଅସୁବିଧା ଓ ଚିକିତ୍ସା ସେବା ସମ୍ବନ୍ଧରେ ପଚାରି ବୁଝିଥିଲେ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ବ୍ୟାପୁଥିବାରୁ ଏଥି ପ୍ରତି ସତର୍କ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସବୁ ନିଦାନ ପରୀକ୍ଷା ଡାକ୍ତରଖାନା ପରିସରରେ କରିବା ଏବଂ ବାହାରକୁ ରେଫର ନ କରିବା ପାଇଁ କର୍ମଚାରୀଙ୍କୁ ତାଗିଦ କରିଥିଲେ। ଡାକ୍ତରଖାନା ଏବଂ ୱାର୍ଡ ସ୍ୱଚ୍ଛତା ଏବଂ ପରିମଳ ବ୍ୟବସ୍ଥା ସବୁବେଳେ ଠିକ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଉପଲବ୍ଧ ଭିତ୍ତିଭୂମି ସହାୟତାରେ ରୋଗୀଙ୍କୁ ତୁରନ୍ତ ଆବଶ୍ୟକ ସେବା ପ୍ରଦାନ ପାଇଁ



ଡାକ୍ତର, ନର୍ସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋଜ ସାହୁ, ସର୍ଜରୀ ସ୍ପେଶାଲିଷ୍ଟ ଡା. ସ୍ୱସ୍ତିରେଖା ନାୟକ, ଡିପିଏମ ସତ୍ୟନାରାୟଣ ତ୍ରିପାଠୀ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଷ୍ଟେଟ ବ୍ୟାଙ୍କ ନୂଆପଡ଼ା ଶାଖା ତରଫରୁ ଆୟୋଜିତ ରକ୍ତଦାନ ଶିବିରରେ ଜିଲ୍ଲାପାଳ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ।

## ନବୀନଙ୍କ ପାଇଁ ବେଲଖଣ୍ଡିରେ ଦୀପ ପ୍ରଜ୍ୱଳନ



କେସିଙ୍ଗା/କର୍ଲାମୁଣ୍ଡା, ୨୨।୬(ସମିସ): ସାଢେ ୪ କୋଟି ଓଡ଼ିଆଙ୍କ ମଉଡମଣି ତଥା ଆଧୁନିକ ଓଡ଼ିଶାର ନିର୍ମାତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ଐତିହାସିକ ସପ୍ତମାତୃକା ଶୈବପୀଠ ବେଲଖଣ୍ଡିଠାରେ ନର୍ଲା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଦୀପ ପ୍ରଜ୍ୱଳନ ସହ ବିଶେଷ ପୂଜାପାଠ କରାଯାଇଛି। ଏଥିରେ ଜିଲ୍ଲା ପରିଷଦ ସଦସ୍ୟ ଦୀପାଞ୍ଜଳି ସାହୁ, କେସିଙ୍ଗା ଜୋନ୍ ବିଜେଡି ସଭାପତୁ ଦିଲୀପ ଦୋରା, ଛାତ୍ର ବ୍ଲକ ସଭାପତି ଶୁଭେନ୍ଦୁ ସାହୁ, ସିର୍ଜାପାଲି ପଞ୍ଚାୟତ ସଭାପତି ଚକାମନ ନାଏକ, ଅମିତ ଦାସ, ଅନିଲ ଦାସ, ହାତୀଖୋଜ ଗ୍ରାମର ବଶିଷ୍ଠ ସାହୁ, କୋଦଣ୍ଡ ସାହୁଙ୍କ ସମେତ ୯ଟି ପଞ୍ଚାୟତର ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଖୋଲିଭିତର ଗାଁରେ ପୁଣି ବାଘ ଆତଙ୍କ

ନୂଆପଡ଼ା, ୨୨।୬(ସମିସ): ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ଖୋଲିଭିତର ସେକ୍ସନ ଖୋଲିଭିତର ଗାଁରେ ପୁଣି ବାଘ ଆତଙ୍କ ଦେଖା ଦେଇଛି। ଶନିବାର ରାତିରେ ଖୋଲିଭିତର ଗାଁର ଧର୍ମୁ ଚିନ୍ଦାଙ୍କ ଗୁହାଳରେ ପଶି ଗୋଟିଏ ବାଛୁରୀକୁ ବାଘ ଆକ୍ରମଣ କରି ଗୁରୁତର ଆହତ କରିଛି। ଏହି ସୂଚନା ପାଇ ରବିବାର ସକାଳେ ଅଭୟାରଣ୍ୟ ବିଭାଗର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ ଏହା ଏକ କଲରାପତରିଆ ବାଘ ବୋଲି ଜଣାପଡ଼ିଛି। ଗାଁରେ ବନ ବିଭାଗ ଲୋକଙ୍କୁ ସଚେତନ କରିଛି। ଫରେଷ୍ଟର ତେମେ ସିଂ ତୋମାର ଏବଂ ୱାର୍ଡେନ ମାୟାଧର ସରାଫ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ଟ୍ରାକିଂ ପାଇଁ କ୍ୟାମେରା ଖଞ୍ଜାଯାଇଛି।

## ବଂଶଲ ଏଗ୍ରୋ ରାଇସ୍ ମିଲ୍ ସିଲ୍

ନୂଆପଡ଼ା, ୨୨।୬(ସମିସ): ନୂଆପଡ଼ା ଜିଲ୍ଲା ବ୍ୟାପି ମିଲର୍ସ, ଦଲାଲ କମ୍ ଦରରେ ଛତିଶଗଡ଼ ଅଞ୍ଚଳରୁ ଧାନ କିଣି ମିଲ୍‌ଗୁଡିକରେ ଭର୍ତ୍ତି କରି ରଖିଛନ୍ତି। ସ୍ଥାନୀୟ ଚାଷୀଙ୍କ କାର୍ଡ ଜରିଆରେ ଫଲ୍ସ ଏଣ୍ଟ୍ରି କରୁଛନ୍ତି। ଏହାକୁ ନେଇ ମିଲ୍‌ଗୁଡିକ ଉପରେ ଚଢ଼ଉ କରାଯାଉଛି। ଏହି କ୍ରମରେ ଖଡ଼ିଆଳ ବ୍ଲକ ଲକ୍ଷ୍ମୀପୁରସ୍ଥିତ ବଂଶଲ ଏଗ୍ରୋ ରାଇସ୍ ମିଲ୍‌ରେ ଯୋଗାଣ ବିଭାଗ ଚଢ଼ଉ କରିଛି। ଏହି ମିଲରେ ଟାର୍ଗେଟରୁ ୧୫୩ କ୍ୱିଣ୍ଟାଲ ଅଧିକ ଧାନ ଗଚ୍ଛିତ ଥିବା ଯୋଗାଣ ବିଭାଗ ପ୍ରମାଣ ପାଇଛି। ଏହାକୁ ନେଇ ପରବର୍ତ୍ତି ତଦନ୍ତ ସକାଶେ ସିଲ୍ କରାଯାଇଛି। ତଦନ୍ତ ପରେ ସବୁ କିଛି ଜଣା ପଡ଼ିବ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି।

## ଜୁନାଗଡ଼ ଆମ୍ରା ଅଧ୍ୟକ୍ଷଙ୍କ ପରଲୋକ



ଜୁନାଗଡ଼, ୨୨।୬(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଆମ୍ରା ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ (୫୫)ଙ୍କ ରବିବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ଘରର ଛାତକୁ ଯାଇଥିବାବେଳେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବଡ଼କେନ୍ଦୁଗୁଡ଼ା ଗୌନ୍ତିଆ ବିରଞ୍ଚି ପଣ୍ଡାଙ୍କ ପରଲୋକ



କୋକସରା, ୨୨।୬(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡକେନ୍ଦୁଗୁଡା ଗ୍ରାମର ଗୌନ୍ତିଆ ବିରଞ୍ଚି ନାରାୟଣ ପଣ୍ଡାଙ୍କ ୬୫ ବର୍ଷ ବୟସରେ ବିୟୋଗ ଘଟିଛି। ସେ ଦୀର୍ଘ ଦିନ ହେଲା ରୋଗ ଶଯ୍ୟାରେ ପଡ଼ିଥିଲେ। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଅମର ଜ୍ୟୋତି ପଣ୍ଡା ଓ ସାନ ଭାଇ ଲକ୍ଷ୍ମୀ ନାରାୟଣ ପଣ୍ଡା ମୁଖାଗ୍ନି ଦେଇଥିଲେ। ସେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ କୋକସରା ଜୋନ- ୧ର ଜିଲ୍ଲା ପରିଷଦ ସଦସ୍ୟ ରହିଥିଲେ।

## ବ୍ଲକ୍ ଯାଦବ ସମାଜ ସମିତି ଗଠିତ

**ଜୁନାଗଡ଼, ୨୨।୬(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଯାଦବ ସମିତିର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସଭାପତି ଭାବେ ଗୌରହରି ବାଗ, ସାଧାରଣ ସମ୍ପାଦକ ଭାବେ ଚନ୍ଦ୍ରଶେଖର ବାଗ, ଉପ ସଭାପତି ଭାବେ ଈଶ୍ୱର ଗୋପାଳ, ସହ ସମ୍ପାଦକ କ୍ଷମା ସାଗର ବଗର୍ତ୍ତି, କୋଷାଧ୍ୟକ୍ଷ ଭାବେ ଚିତ୍ରସେନ ଛତ୍ରିଆ, ମହିଳା ସଭାନେତ୍ରୀ ଭାବେ ସଙ୍ଗୀତା ଖର୍ସେଲ ଓ ଯୁବ ଯାଦବ ସଭାପତି ଭାବେ ଜସ୍ମିର ନାଏକ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ଚୟନ ହୋଇଛନ୍ତି। ଏହି ଅବସରରେ ଜିଲ୍ଲା ଅଭ୍ୟର୍ଥନା କମିଟି ପକ୍ଷରୁ ଗିରିଧାରୀ ଗୌଡ଼, ତ୍ରିପୁରା ନାଏକ, ଡାକେ ଲହଜଲ, ପୂର୍ବତନ ଜିଲ୍ଲା ସଭାପତି ଟିକଚନ ନାଗ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅରୂପାନନ୍ଦ ନାଗ, ଶିକ୍ଷକ ସୀମାଞ୍ଚଳ ନାଗ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ତଥା ବିଶିଷ୍ଟ ଯାଦବ ନେତା ଶିବ ହାତୀ, ପୂର୍ବତନ ବ୍ଲକ ସଭାପତି ପ୍ରେମାନନ୍ଦ ଘି, ଭବାନୀ ଖଡ଼ିକାର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ



ଭବାନୀପାଟଣା, ୨୨।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଦୀର୍ଘ ୯ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ବିଭିନ୍ନ ବିଭାଗୀୟ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଓ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଅବକାରୀ ଅଧିକ୍ଷକ ରଞ୍ଜନ ନାଏକ, ଡିଡି ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ ନିଶା, ଲାଞ୍ଜିଗଡ଼ ବିଡିଓ ଶଙ୍କର ପାତ୍ର, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଶିଶୁ ସୁରକ୍ଷା ୟୁନିଟ୍ ପ୍ରୋଗ୍ରାମ ଅଧିକାରୀ ଅଂଶୁମାନ ବାବୁ ପ୍ରମୁଖ ଯୋଗ ଦେଇଥିଲେ।

# ନୂଆପଡ଼ାର ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶ୍ରମିକ ନେତା

**ନୂଆପଡ଼ା, ୨୨।୬(ସମିସ):** ଭୁବନେଶ୍ୱରସ୍ଥିତି ରାଜ୍ୟ ଅତିଥି ଭବନରେ ବିଜେପିର ବରିଷ୍ଠ ନେତା ଯଦୁମଣି ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝିଙ୍କୁ ସାକ୍ଷାତ କରିଛନ୍ତି। ନୂଆପଡ଼ା ଭଳି ଏକ ଉପାନ୍ତ, ଅନୁନ୍ନତ, ଚିର ମରୁଡ଼ି ପ୍ରପୀଡ଼ିତ, ଶିଳ୍ପ ବିହୀନ, ଦାଦନ ପ୍ରବଣ ଜିଲ୍ଲାର ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଶ୍ରୀ ପାଣିଗ୍ରାହୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ଷକ ପରେ ନୂଆପଡ଼ା ନାସନାଲ କଲେଜ ୫୦ ବର୍ଷ ପୂର୍ତ୍ତି ପାଳନ କରିବ। ଏହାକୁ ସରକାରୀ କଲେଜ ଘୋଷଣା କରିବା, ନୂଆପଡ଼ା ସଦମହକୁମା ହସ୍ପିଟାଲରେ ମେଡିକାଲ କଲେଜ ପ୍ରତିଷ୍ଠା, ସରକାରୀ ଜିଏନଏମ ସ୍କୁଲ ଓ ବିଏସସି ନର୍ସିଂ କଲେଜ ପ୍ରତିଷ୍ଠା, କୃଷି



ବିଶ୍ୱ ବିଦ୍ୟାଳୟ ସ୍ଥାପନ, ସରକାରୀ ଫାର୍ମାସୀ କଲେଜ ପ୍ରତିଷ୍ଠା, ସରକାରୀ ଡ୍ରାଇଭିଂ ପ୍ରଶିକ୍ଷଣ ସ୍କୁଲ ସ୍ଥାପନ, ବିଇଡି କଲେଜ ସ୍ଥାପନ ପାଇଁ ଦାବି କରାଯାଇଛି।

# ଗୋପବନ୍ଧୁ ସ୍ମାରକ ବ୍ଲକ୍‌ସ୍ତରୀୟ ବକ୍ତୃତା ପ୍ରତିଯୋଗିତା

**ଗୋଲାମୁଣ୍ଡା, ୨୨।୬(ସମିସ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ବ୍ଲକସ୍ତରୀୟ 'ସମାଜ ଓଜସ୍ୱିନୀ ଓଡ଼ିଶା- ଗୋପବନ୍ଧୁ ସ୍ମାରକ ବକ୍ତୃତା ପ୍ରତିଯୋଗିତା' ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ମାନଝରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ହେମାନନ୍ଦ ସାହୁ, ଛାତ୍ରୀ ପ୍ରିୟା ଅଘରିଆ, ଗୋଲାମୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶାନ୍ତି ପଟେଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ



ସ୍ଥାନ ଅଧିକାର କରିଥିଲେ। ଗୋଲାମୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ବିଶି ଉଦ୍‌ବୋଧନ ଦେଇଥିଲେ। ବିଚାରକ ଭାବେ ଶିକ୍ଷକ ସୁଧାଂଶୁ ମୁଣ୍ଡ ଏବଂ ଶିକ୍ଷକ ଟଙ୍କଧର ନାଏକ ଭାର ସମ୍ଭାଳି ଥିଲେ। ବରିଷ୍ଠ ସାମ୍ବାଦିକ ଦାମୋଦର ଦାସ, ପଙ୍କଜ ସାହୁ, ଅଶ୍ୱିନ ମଲ୍ଲିକ, ଚନ୍ଦ୍ରମଣି ପଟେଲ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ ସରପଞ୍ଚ ସଂଘର ସଭାପତି ପୁରୁଷୋତ୍ତମ ରାଉତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

## କେରଳରେ ଓଡ଼ିଆ ଶ୍ରମିକ ନିଖୋଜ



**କୋକସରା, ୨୨।୬(ସମିସ) :** କୋକସରା ବ୍ଲକ ସାନପୋଡାଗୁ ପଞ୍ଚାୟତ ନେଗୀଗୁଡା ଗ୍ରାମର ଜଣେ ଶ୍ରମିକ କେରଳକୁ କାମ କରିବା ପାଇଁ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଶ୍ରମିକ ଜଣକ ହେଲେ ନୃସିଂହ ଗୋପାଳ(ଇଡି)। ଏ ନେଇ ଗୋତମୁଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ସେ ଗତ ୧୩ ତାରିଖ ଦିନ ଗ୍ରାମର ୨ ଜଣ ଯୁବକଙ୍କ ସହ କେରଳକୁ କାମ କରିବା ପାଇଁ ଯାଇଥିଲେ। ତେବେ ଗତ ୧୬ ତାରିଖରେ ନୃସିଂହ ତାଙ୍କ ଡେଢଶଳାଙ୍କ ସହ ଶେଷଥର ପାଇଁ କଥା ହେବା ସହ କିଛି ଟଙ୍କା ପଠାଇବାକୁ କହିଥିଲେ। ପରବର୍ତ୍ତୀ ସମୟରେ ନୃସିଂହ ଙ୍କ ଫୋନ୍ ସୁଇଚ୍ ଅଫ୍ ଆସିଥିଲା। ତାଙ୍କ ସାଥିରେ ଯାଇଥିବା ଦୁଇ ଜଣ ଶ୍ରମିକଙ୍କୁ ଯୋଗାଯୋଗ କରିବା ପରେ ସେମାନେ ଅନ୍ୟ ସ୍ଥାନରେ କାମ କରୁଥିବା କହିବା ସହ ନୃସିଂହ ଷ୍ଟେସନରୁ କୁଆଡେ ଗଲେ ଜଣାପଡ଼ି ନ ଥିବା ଉତ୍ତର ଦେଇଥିଲେ। ଏହାପରଠାରୁ ଗତ ସପ୍ତାହେ ହେବ ନୃସିଂହଙ୍କ ସହ ପରିବାର ଲୋକଙ୍କ ଯାଗାଯୋଗ ହୋଇପାରି ନାହିଁ। ତେଣୁ ନୃସିଂହ ନିଖୋଜ ହୋଇଯାଇଥିବା ତାଙ୍କ ସ୍ତ୍ରୀ ଭୂମିସୂତା ଗୋପାଳ ଗୋତମୁଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## ଜିଲ୍ଲାପାଳଙ୍କୁ ଭେଟିଲା ମୂଳନିବାସୀ ବହୁଜନ ମିଳିତ ମହାସଂଘ



ଭବାନୀପାଟଣା, ୨୨।୬(ସମିସ): ମୂଳନିବାସୀ ବହୁଜନ ମିଳିତ ମହାସଂଘର କର୍ମକର୍ତ୍ତା ବିଭିନ୍ନ ଦାବି ଓ ଅଭିଯୋଗ ନେଇ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଭେଟିଛି। ମହାସଂଘର ଜିଲ୍ଲା ସଭାପତି ସଚ୍ଚିଦାନନ୍ଦ ମହାଖୁଡ଼ଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି କମଳିନୀ ଯାଦବ, ଯତୀନ୍ଦ୍ର କର, ଉପସଭାପତି କୁବେର ସାହୁ, ସାଧାରଣ ସମ୍ପାଦକ କୀର୍ତ୍ତନ ନାୟକ ଯାଦବ, ରମଣୀ ଦୁରିଆ, ସତ୍ୟ ମାହାର, ଯୁବ ସଭାପତି ଡାକେଶ୍ୱର ଲହଜଲ, ଜିଲ୍ଲା ମହିଳା ସଭାନେତ୍ରୀ ସ୍ନେହଲତା ଦୁର୍ଗା, ସମ୍ପାଦକ ରତନ ନାଏକ, ହୃଦାନନ୍ଦ ମାଝୀ, ଦିଗାମ୍ବର ଲୁହା, ଉପଦେଷ୍ଟା ଜଗଦୀଶ ଯାଦବ, ଦିଗାମ୍ବର ଦୁରିଆ, ଆଇନଜୀବୀ ପୃଥ୍ୱିରାଜ ତାଣ୍ଡି, ଲକ୍ଷ୍ମୀରଞ୍ଜନ ବାଗଙ୍କ ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମହାସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ଶିବିର

ଜୁନାଗଡ଼, ୨୨।୬(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ପରିସରରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜୁନାଗଡ଼ ବ୍ଲକର ୩୪ଟି ପଞ୍ଚାୟତର ବହୁ ଭିନ୍ନକ୍ଷମ ଯୋଗ ଦେଇଥିଲେ। ୩୭୩ ଜଣ ପଞ୍ଜୀକରଣ କରିଥିଲେ। ବିଡିଓ ଦେବାଶିଷ କର ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଜୁନାଗଡ଼ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ମୁକେଶ୍ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏନଏସି ପକ୍ଷରୁ ଚାରା ରୋପଣ

କେସିଙ୍ଗା, ୨୨।୬(ସମିସ): ଡୁମେରମୁଣ୍ଡା ଏମସିସି/ଏମଆରଏଫରେ ଏନଏସି ପକ୍ଷରୁ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି। ନଗରପାଳ ନୃପାରାଜ୍ ଯାଦବ, ଉପନଗରପାଳ ସରସ୍ୱତୀ ସାହା, କାଉନସିଲର ରମାକାନ୍ତ ଜେନା, ଶମ୍ଭୁ ବଗର୍ତ୍ତି, ରୋହିତ ଜୈନ, ବିଜେଡି ନେତା ରମେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନର୍ଲା ପ୍ରେସ୍ ଆସୋସିଏସନ୍‌ର ବାର୍ଷିକ ଉତ୍ସବ

ଭବାନୀପାଟଣା, ୨୨।୬(ସମିସ): ନର୍ଲା ପ୍ରେସ ଆସୋସିଏସନ୍ ଓଳେଜୁ ଶାଖାର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଡିଓ ବିପିନ ବିହାରୀ ଦୀପ, ଶିକ୍ଷକ ସନ୍ତୋଷ କର, ଫକୀରମୋହନ ରଣା, ରାକେଶ ଗୁପ୍ତା ପ୍ରମୁଖ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦୀପକ ସାହୁ, ବନଶ୍ରୀ ଦାସ, ମୋହନ ଭଟ୍ଟ, ଚିନ୍ତାମଣି ନାଏକ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

## ମହେନ୍ଦ୍ର କରୁଆଁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ରଘୁନାଥପୁରକୁ ହରାଇ ଇନ୍ଦ୍ରାପଡ଼ା ଚାମ୍ପିଅନ


**ଲାଞ୍ଜିଗଡ଼, ୨୨।୬(ସମିସ):**

ଲାଞ୍ଜିଗଡ଼ ବ୍ଲକର ସ୍ୱର୍ଗତ ମହେନ୍ଦ୍ର କରୁଆଁଙ୍କ ସ୍ମୃତିରେ ଆୟୋଜିତ ମହେନ୍ଦ୍ର କରୁଆଁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରଘୁନାଥପୁର ଓ ଅମ୍ବାଦଳା ଇନ୍ଦ୍ରାପଡ଼ା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରଘୁନାଥପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଇନ୍ଦ୍ରାପଡ଼ା ଦଳ ବ୍ୟାଟିଂ କରି ୧୧.୧ ଓଭରରେ ୮୮ ରନ୍ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସ୍ୱର୍ଗତ କରୁଆଁଙ୍କ ପତ୍ନୀ ଦୈମତୀ



କରୁଆଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟ ନାଏକ, ସାମ୍ବାଦିକ କୈଳାସ ସାହୁ, ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଳ ବାଗ, ଯୁବ ସାମ୍ବାଦିକ ଧର୍ମେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପତ୍ରାପଡ଼ାସ୍ଥିତ ବାବାସାହେବ ଯୁବକେନ୍ଦ୍ର ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଉମେଶ ନିଆଲ, ତପିନ ଜାଲ ଖେଳ ପରିଚାଳନା କରିଥିଲେ। ରମେଶ କରୁଆଁ ସ୍କୋରବୋର୍ଡ ଓ ରାକେଶ ବିଭାର ଧାରା ବିବରଣୀ ପ୍ରଦାନ କରିଥିଲେ। ଯୁବକ ସଂଘର ସୁବାସ ହିଆଁଲ, ମହାନ୍ତି କରୁଆଁ, ଶରତ ନାଏକ, ସନ୍ତୋଷ ନିଆଲ, ପୁରେନ୍ଦ୍ର ହରପାଲ, ସୁରଥ ହିଆଁଲ, ହୁତାଶନ ଦୁର୍ଗା, ଯାଦବ ସୁନା, ଖୋକନ ହରପାଲ, ଜିତେନ୍ଦ୍ର ଦୁର୍ଗା, କ୍ଷେତ୍ର ହରପାଲ, ଶଙ୍କର ନିଆଲ, ରଘୁସାଏ କରୁଆଁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ସମ୍ପାଦକୀୟ



ଉପଯୁକ୍ତ ବୌଦ୍ଧିକ ଓ ଆର୍ଥିକ ସହାୟତା ମିଳିଲେ କୃଷି କ୍ଷେତ୍ର ନିଯୁକ୍ତିଭିତ୍ତିକ ଅର୍ଥନୈତିକ ପ୍ରଗତିରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବ।
-ଏମ୍ ଏସ୍ ସ୍ୱାମୀନାଥନ୍

THE SAKALA

## ଶ୍ରମିକ ମାରଣ ନୀତି

ଦେଶରେ ବେରୋଜଗାରୀ ହାର ଗତ ମେ' ମାସରେ ପୂର୍ବ ମାସ ତୁଳନାରେ ୦.୫ ପ୍ରତିଶତ ବୃଦ୍ଧି ପାଇଛି। ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଦେଶ ପାଇଁ ଏହି ପରିସଂଖ୍ୟାନ କେତେ ଉଦ୍‌ବେଗଜନକ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ମିଶାଇ ଏହି ପରିସଂଖ୍ୟାନ ପ୍ରକାଶ ପାଇଥିବା ବେଳେ ଅମଳ ପରେ କୃଷି ଶ୍ରମିକମାନଙ୍କ ହାତରେ ଆଉ କାମ ନଥିବାରୁ ତାହାର ପ୍ରଭାବ ସାମଗ୍ରିକ ଭାବେ ଦେଶର ବେରୋଜଗାରୀ ସୂଚକାଙ୍କ ଉପରେ ପଡ଼ିଛି ବୋଲି ସରକାରୀ ଭାବେ କୁହାଯାଇଛି। ଅଥଚ କେନ୍ଦ୍ର ସରକାର ରୋଜଗାରର ନିଶ୍ଚିତ ଓ ନିର୍ଭରଯୋଗ୍ୟ ପନ୍ଥା 'ଏମ୍‌ନରେଗା'ର ପାଣ୍ଠି ପ୍ରଦାନକୁ ସାମୟିକ ସ୍ଥଗିତ କରିଦେଇଛନ୍ତି। ଏହି ଦୁଇ ବିପରୀତଧର୍ମୀ ତଥ୍ୟକୁ ମିଶାଇ ଦେଖିଲେ ଯୋଜନା ପ୍ରଣୟନ ଓ ରୂପାୟନ ମଧ୍ୟରେ ଯେ ତ୍ରୁଟି ରହିଛି ତାହା ଅସ୍ୱୀକାର କରାଯାଇପାରିବ ନାହିଁ।

ଗ୍ରାମୀଣ ଭାରତରେ ଶ୍ରମଜୀବୀଙ୍କ ହାତକୁ ଅଧିକରୁ ଅଧିକ କାମ ଦେଇ ବେରୋଜଗାରୀ ସମସ୍ୟାର ସମାଧାନ ଲକ୍ଷ୍ୟରେ ଯୁଗାନ୍ତକାରୀ 'ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ନିଶ୍ଚିତ ଯୋଜନା(ଏମ୍‌ନରେଗା)' ଆରମ୍ଭ କରାଯାଇଥିଲା। ବିଶେଷକରି ବେଉଷଣ ଓ ଅମଳ ପରବର୍ତ୍ତୀ ସମୟରେ ଶ୍ରମଜୀବୀଙ୍କ ପାଖରେ ଆଉ ବିଶେଷ କାମ ରହୁ ନଥିବାରୁ ସେମାନଙ୍କ ରୋଜଗାରର ପନ୍ଥା ସଂକୁଚିତ ହୋଇଯାଏ। ତେଣୁ ସେହି ସମୟରେ ଭିତ୍ତିଭୂମି ବିକାଶ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଶ୍ରମଜୀବୀଙ୍କୁ ଅନ୍ତତଃ ପରବର୍ତ୍ତୀ ଚାଷବାସ ପର୍ଯ୍ୟନ୍ତ ଶହେ ଦିନର କାମ ଯୋଗାଇ ଦେବାର ପ୍ରତିଶ୍ରୁତି ଏହି ଯୋଜନାରେ ରହିଛି। ଉପା ସରକାର ଅମଳରେ ଆରମ୍ଭ ହୋଇଥିବା ଏହି ଯୋଜନା ପ୍ରତି ଏନ୍‌ଡିଏ ସରକାର ସମୟୋପଯୋଗୀ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଆସୁଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି କାର୍ଯ୍ୟଦିବସ ଓ ବଜେଟ୍ ବ୍ୟୟବରାଦ ବୃଦ୍ଧି ପାଇବା ବଦଳରେ ଦୀର୍ଘବର୍ଷ ଧରି ଏହା ଅପରିବର୍ତ୍ତିତ ରହିବା ଦ୍ୱାରା ସ୍ୱାଭାବିକ ଭାବେ କେନ୍ଦ୍ର ସରକାରଙ୍କ ଶ୍ରମିକ ରୋଜଗାର ପ୍ରସଙ୍ଗରେ ଥିବା ଆନ୍ତରିକତା ଓ ଅଙ୍ଗୀକାରବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଆହୁରି ମଧ୍ୟ ଯନ୍ତ୍ରଚାଳିତ କାମ ଉପରେ ଅଧୁନା ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଶ୍ରମଜୀବୀମାନଙ୍କ ହାତକୁ ଆଉ ସେପରି ଆଖିଦୃଶିଆ କାମ ଆସୁନି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସ ପାଇଁ ଏମ୍‌ନରେଗା ବାବଦ ମୋଟ ବ୍ୟୟବରାଦର କେବଳ ୬୦% ଅର୍ଥ ମଞ୍ଜୁର କରିବାକୁ କଟକଣା ଜାରି କରିଛନ୍ତି। ଏମ୍‌ନରେଗାରେ ପ୍ରଥମ ଥର ପାଇଁ ଏଭଳି କଟକଣା ଜାରି ହେବା ପଛରେ ନିର୍ଦ୍ଦିଷ୍ଟ ଯୁକ୍ତିଯୁକ୍ତତା ମଧ୍ୟ ନାହିଁ।

ସମସ୍ତ ଯୋଜନା, ପ୍ରକଳ୍ପର ବ୍ୟୟମଞ୍ଜୁରୀକୁ ମାସିକ ଓ ତ୍ରୈମାସିକ ଭିତ୍ତିକ କରିବା ଲାଗି ୨୦୧୭ ମସିହାରେ କେନ୍ଦ୍ର ସରକାର ଏମ୍‌ଇପି ଓ କ୍ୟୁଏପି ନାମକ ସରକାରୀ ବ୍ୟବସ୍ଥା ଆରମ୍ଭ କରିଥିଲେ। ଏମ୍‌ନରେଗାକୁ ଏହି ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ସାମିଲ୍ କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପର ବ୍ୟୟବରାଦ ଅର୍ଥ ଖର୍ଚ୍ଚ ନ ହୋଇପାରି ପଡ଼ି ରହୁଥିବାରୁ ତାହା ଅତିରିକ୍ତ ବଜେଟ୍ ଓ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତ କରିବା ବେଳେ ସମସ୍ୟା ସୃଷ୍ଟି କରୁଛି। ଏଥିରେ ସମାନୁପାତିତା ଆଣିବା ପାଇଁ ଉପରୋକ୍ତ ଏମ୍‌ଇପି ଓ କ୍ୟୁଏପି ବଜେଟ୍ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇପାରେ। କିନ୍ତୁ ଏହା ଅଧୀନକୁ ଗ୍ରାମୀଣ ଗରିବ ଲୋକଙ୍କ ପେଟପାଟଣା ସହିତ ଜଡ଼ିତ ଜନକଲ୍ୟାଣ ଯୋଜନାଗୁଡ଼ିକୁ ଆଣିବା ଠିକ୍ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏମ୍‌ନରେଗାରେ କାର୍ଯ୍ୟ ଚାହିଦା ଏପ୍ରିଲ୍‌ରୁ ଜୁନ୍ ମାସରେ ସର୍ବାଧିକ ହୋଇଥିବା ବେଳେ ସେହି ସମୟରେ ହିଁ ବଜେଟ୍ କଟକଣା ଲାଗୁ ହେବାରୁ ବିଭିନ୍ନ ମହଲରୁ ସମାଲୋଚନା ଆରମ୍ଭ ହୋଇଛି।

ଏମ୍‌ନରେଗାରେ କାର୍ଯ୍ୟଦିବସ ବଣ୍ଟନ ସରକାରଙ୍କ ଏକ ବୈଧାନିକ ଦାୟିତ୍ୱ। ଏଥିରୁ ହିତାଧିକାରୀଙ୍କୁ ବଞ୍ଚିତ କରିବା ସମ୍ବିଧାନର ଧାରା ୨୧ର ଉଲ୍ଲଙ୍ଘନ ବୋଲି ଧରାଯିବ। ଅତୀତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସରକାର ପାଣ୍ଠି ଅଭାବ କିମ୍ବା ଅନ୍ୟ କୌଣସି ଆର୍ଥିକ ଦୁରବସ୍ଥା ଆଳରେ ଲୋକମାନଙ୍କ ରୋଜଗାର ଉତ୍ସକୁ ବନ୍ଦ କରିପାରିବେ ନାହିଁ। ଏମ୍‌ନରେଗାର ଧାରା ୩ ଅନୁଯାୟୀ ହିତାଧିକାରୀମାନେ କାମ ମାଗିବାର ୧୫ ଦିନ ଭିତରେ ସରକାର ସେମାନଙ୍କୁ କାମ ଦେବାକୁ ବାଧ୍ୟ ଏବଂ କାମ ସରିବାର ୧୫ ଦିନ ମଧ୍ୟରେ ସେମାନେ ନିଜର ପାଉଣା ବା ପାରିଶ୍ରମିକ ପାଇବାକୁ ହକ୍‌ଦାର। ଏବେ କେନ୍ଦ୍ର ସରକାର ଏହା ଉପରେ କଟକଣା ଜାରି କରିଥିବାରୁ ରାଜ୍ୟମାନେ ଅସୁବିଧା ଓ ଆଇନଗତ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। ଏମ୍‌ନରେଗାରେ ଦାବି କରିବା ସତ୍ତ୍ୱେ ଧାର୍ଯ୍ୟ ସମୟରେ କାମ ନ ମିଳିଲେ ହିତାଧିକାରୀମାନଙ୍କୁ ରାଜ୍ୟ ସରକାରମାନେ ବେକାରୀ ଭତ୍ତା ଦେବାକୁ ବାଧ୍ୟ ହେବେ ଏବଂ ପାରିଶ୍ରମିକ ବାବଦ ପାଉଣା ଦେବାରେ ବିଳମ୍ବ ହେଲେ ସୁଧ ବୋଝ ମଧ୍ୟ ରାଜ୍ୟ ରାଜକୋଷମାନଙ୍କ ଉପରେ ବଢ଼ି ଚାଲିବ।

କେନ୍ଦ୍ର ସରକାରଙ୍କ ନୀତି ନିର୍ଦ୍ଧାରକ ଓ ନିଷ୍ପତ୍ତି ନେଉଥିବା ଅଧିକାରୀମାନେ ଯେ ଏ ବିଷୟରେ ଅଜ୍ଞ ଥିବେ ତାହା ନୁହେଁ। ତଥାପି ଏମ୍‌ଇପି ଓ କ୍ୟୁଏପି ପ୍ରକ୍ରିୟାରେ ଏମ୍‌ନରେଗାକୁ ଅନ୍ତର୍ଭୁକ୍ତ କରିବା ପଛର କାରଣ ସେମାନେ ହିଁ କହିପାରିବେ। କିନ୍ତୁ ଯାହା ଆଖିକୁ ଦେଖାଯାଉଛି ତାହା ସାଧାରଣ ଭାଷାରେ ଶ୍ରମିକ ମାରଣ ନୀତି ଭାବରେ ଅଭିହିତ କରାଗଲେ ଭୁଲ୍ ହେବ ନାହିଁ। କେନ୍ଦ୍ର ସରକାର କେବଳ ମାଗଣା ରାସନ୍ ଯୋଗାଣର ଦ୍ୱାହି ଦେଇ ଏ କ୍ଷେତ୍ରରେ ନିଜ ଦାୟିତ୍ୱରୁ ଓହରି ଯାଇପାରିବେ ନାହିଁ। କାରଣ ମାଗଣା ରାସନ୍ ଯୋଜନାରେ ଯେତିକି ଚାଉଳ ଓ ଗହମ ମିଳୁଛି ସେଥିରେ ଖାଦ୍ୟ ସୁରକ୍ଷା ସମ୍ପୂର୍ଣ୍ଣ ନିଶ୍ଚିତ କରିହେବ ନାହିଁ, ତାହାକୁ କେବଳ ଏକ ସହାୟକ ରୂପେ ଗ୍ରହଣ କରାଯାଇପାରିବ। ଅଧିକନ୍ତୁ ବର୍ତ୍ତମାନ ବଜାରରେ ଖାଦ୍ୟ ଶସ୍ୟର ଦରଦାମ ଯେଭଳି ବଢ଼ି ଚାଲିଛି ସେଥିରେ କେବଳ ମାଗଣା ରାସନ୍ ଲୋକଙ୍କ ଜୀବନକୁ ଧାରଣଯୋଗ୍ୟ କରିବାରେ ସକ୍ଷମ ହେବ ନାହିଁ।

ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ନିଆଯାଉଥିବା ନିଷ୍ପତ୍ତି ଏବଂ ତୃଣମୂଳସ୍ତରର ବାସ୍ତବତା ଭିତରେ ଆକାଶପାତାଳ ଫରକ ଅଛି। ତେଣୁ ସରକାର ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ। ନୀତି ନିର୍ଦ୍ଧାରକମାନେ କ୍ଷେତ୍ର ପରିଦର୍ଶନ କରନ୍ତୁ। ଖୋଦ୍ ସରକାରଙ୍କ ବେରୋଜଗାରୀ ପରିସଂଖ୍ୟାନକୁ ଆଧାର ଭାବେ ଗ୍ରହଣ କରି ନୀତି ନିର୍ଦ୍ଧାରକମାନେ ଏଭଳି ଶ୍ରମିକ ମାରଣ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ।

# ଜିଜ୍ଞାସା ପ୍ରେରିତ ବନାମ ବଜାର ପରିଚାଳିତ ବିଜ୍ଞାନ

**ଡକ୍ଟର ଚିତ୍ତରଞ୍ଜନ ମିଶ୍ର**

୧୮୭୬ରେ କୋଲକାତାରେ ପ୍ରତିଷ୍ଠିତ 'ଦି ଇଣ୍ଡିଆନ ଆସୋସିଏସନ୍ ଫର ଦି କଲ୍‌ଟିଭେସନ ଅଫ ସାଇନ୍ସ'ରେ ଗବେଷଣା କରି ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ ଭାରତବର୍ଷ ଏବଂ ଏସିଆ ମହାଦେଶର ପ୍ରଥମ ନୋବେଲ ପୁରସ୍କାର ବିଜେତା ଭାବେ ଅଦ୍ୱିତୀୟ ଗୌରବର ଅଧିକାରୀ ହୋଇଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ରମଣଙ୍କ ମୂଳ ଲକ୍ଷ୍ୟ କ'ଣ ଥିଲା? ସେ କ'ଣ ତାତ୍କାଳିକ ସାମାଜିକ ସମସ୍ୟା ସମାଧାନର ସମ୍ଭାବନା ଦ୍ୱାରା ଅଭିପ୍ରେରିତ ହୋଇଥିଲେ ନା ବିଜ୍ଞାନ ପଛରେ ଅଣନିଃଶ୍ୱାସୀ ହୋଇ ଅନୁଧାବନ କରିବାର ଅଦମ୍ୟ ନିଶା ତାଙ୍କୁ ଘାରିଥିଲା ? ନା ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଗଭୀର ଅନୁଧ୍ୟାନ ଓ ଅନୁସନ୍ଧାନ ପାଇଁ ସେ ଅମଡ଼ାବାଟର ପଥିକଟିଏ ହେବା ପାଇଁ ଅଧିକ ପସନ୍ଦ ମଣିଥିଲେ?

ରମଣଙ୍କ ଉଦ୍‌ଭାବନ କୌଣସି ବାଣିଜ୍ୟିକ ଲାଭ କିମ୍ବା ତୁରନ୍ତ ବ୍ୟବହାର ଲକ୍ଷ୍ୟରେ ପରିଚାଳିତ ହୋଇନଥିଲା। ଏହା ଜନ୍ମ ନେଇଥିଲା ମାନବୀୟ ଜିଜ୍ଞାସା ଓ କଳ୍ପନାର ଗର୍ଭାଶୟରୁ। କିନ୍ତୁ ଆଜି ବୈଜ୍ଞାନିକ ଅନ୍ୱେଷଣର ଧର୍ମ ଅର୍ଥନୈତିକ ଓ ବଜାର ସମ୍ବନ୍ଧୀୟ ଚିନ୍ତାଧାରା ଦ୍ୱାରା ବହୁଳ ପ୍ରଭାବିତ ହେଉଥିବା ଲକ୍ଷ୍ୟ କରାଯାଉଛି। ଭାରତ ସମେତ ସମଗ୍ର ବିଶ୍ୱରେ ଗବେଷଣା ପ୍ରକଳ୍ପ ପାଇଁ ପାଣ୍ଠି ସହାୟତା ପ୍ରଦାନ କରୁଥିବା ସଂସ୍ଥାମାନେ ବ୍ୟାବସାୟିକ ରୂପରେ ସଂଚାଳିତ ଅନୁସନ୍ଧାନକୁ ପ୍ରାଥମିକତା ଦେଉଛନ୍ତି। ଫଳତଃ ଗବେଷଣାର ଫଳାଫଳ ପେଟେଣ୍ଟ, ଉଦ୍ୟମଶୀଳତା, ବାଣିଜ୍ୟିକ ଉପକ୍ରମ, ଷ୍ଟାର୍ଟଅପ୍ ଏବଂ କନ୍‌ସଲ୍‌ଟ୍ୟାନ୍ସି, ଇଣ୍ଡଷ୍ଟ୍ରି ପାର୍ଟନରସିପ୍ ଆଧାରରେ ଦ୍ରୁତଗତିରେ ମୂଲ୍ୟାଙ୍କନ କରାଯାଉଛି। 'ଆପ୍ଲାଏଡ ରିସର୍ଚ୍ଚ' ବା ବ୍ୟାବହାରିକ ଗବେଷଣା ସଂପ୍ରତି ପ୍ରମୁଖ ପ୍ରତିମାନ ପାଲଟିଯାଇଛି।

ଥରେ ବିଶ୍ୱ ପ୍ରସିଦ୍ଧ ପ୍ରାୟୋଗିକ ବୈଜ୍ଞାନିକ ମାଇକେଲ ଫାରାଡେ ଜଣେ ଉଚ୍ଚ ପଦସ୍ଥ ବ୍ରିଟିଶ ଅଧିକାରୀଙ୍କୁ ଇଲେକ୍‌ଟ୍ରୋ- ମ୍ୟାଗ୍ନେଟିଜିମ୍ ଉପରେ ତାଙ୍କ ଆବିଷ୍କାରକୁ ପ୍ରଦର୍ଶିତ କରାଉଥିଲେ। ଏକ କୁଣ୍ଡଳିତ ସ୍ପ୍ରିଙ୍ଗ୍ ମଧ୍ୟରେ ଏକ ଚୁମ୍ବକକୁ ଘୂରାଇଲେ କିଭଳି ଭାବେ ତାହା ବିଦ୍ୟୁତ ତରଙ୍ଗ ସୃଷ୍ଟି କରୁଛି ତାହା ସେ ପରୀକ୍ଷା କରି ବୁଝାଉଥିଲେ। ବରିଷ୍ଠ ବ୍ରିଟିଶ ଅଧିକାରୀଜଣକ ଏହି ପରୀକ୍ଷା ନିରୀକ୍ଷା ଦ୍ୱାରା ପ୍ରଭାବିତ ନହୋଇ ମାଇକେଲ୍ ଫାରେଡଙ୍କୁ ପଚାରିଲେ- ଇଲେକ୍‌ଟ୍ରିସିଟି ଉତ୍ପାଦନରେ ତୁମର ଏ ପରୀକ୍ଷା ନିରୀକ୍ଷା ରାଷ୍ଟ୍ରକୁ କ'ଣ ବ୍ୟାବହାରିକ ଲାଭ ପହଞ୍ଚାଇବ? ଉତ୍ତରରେ ଫାରାଡ଼େ କହିଥିଲେ - ସାର୍, ମୁଁ ଜାଣିନାହିଁ। ହେଲେ ମୁଁ ଏତିକି ଜାଣିଛି ଯେ ଦିନେ ଆପଣଙ୍କ ସରକାର ଏହା ଉପରେ ଟିକସ ଲଗାଇପାରନ୍ତି।

ଯଦିଓ ବିଜ୍ଞାନର ବ୍ୟାବହାରିକ ଉପଯୋଗ ନିଃସନ୍ଦେହରେ ମହତ୍ତ୍ୱପୂର୍ଣ୍ଣ, କିନ୍ତୁ ଏହି ଉପଯୋଗିତାବାଦୀ ଦୃଷ୍ଟିକୋଣ ବୈଜ୍ଞାନିକ ଅନୁସନ୍ଧାନର ପ୍ରକୃତ ଧର୍ମର ଅବକ୍ଷୟ ହେବାର ଆଶଙ୍କା ସୃଷ୍ଟି କରିଥାଏ। ଅନ୍ୟ ଅର୍ଥରେ କହିଲେ ବୈଜ୍ଞାନିକ ଗବେଷଣା ବଜାର ଶକ୍ତି ଦ୍ୱାରା ନିର୍ଦ୍ଧାରିତ, ପ୍ରଭାବିତ ଓ ପରିଚାଳିତ ହେଲେ ମୁକ୍ତ ଅନ୍ୱେଷଣ ବହୁଳ ବାଧାପ୍ରାପ୍ତ ହେବା ସହ ଉଦ୍‌ଭାବନ ଅଧୋଗତିର ସମ୍ମୁଖୀନ ହେବ। ବୈଜ୍ଞାନିକ ପ୍ରଗତିକୁ କେବଳ ମାତ୍ର ପ୍ରୌଦ୍ୟୋଗିକୀ ନବାଚାର ସହ ସମୀକୃତ କରିବା ଦ୍ୱାରା ବିଜ୍ଞାନର ଗଭୀର ବୌଦ୍ଧିକ ଓ ଅନ୍ୱେଷଣାତ୍ମକ ଅନୁସନ୍ଧାନ ଉପେକ୍ଷିତ ହୋଇଯାଏ। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅଭୂତପୂର୍ବ ସଫଳତା ହାସଲ କରିପାରିଛି ଏବଂ କୃତ୍ରିମ ବୁଦ୍ଧିମତ୍ତା ବିପ୍ଳବ ଅସାଧାରଣ ଗତିରେ ତା'ର ରୂପ ଲାବଣ୍ୟ ଆମ ସମ୍ମୁଖରେ ଉନ୍ମୋଚନ କରିଚାଲିଛି। ସ୍ୱାସ୍ଥ୍ୟ ସେବାଠୁଁ ଆରମ୍ଭ କରି ଅଣପାରମ୍ପରିକ ଶକ୍ତି ଉତ୍ସର ବିକାଶ ପର୍ଯ୍ୟନ୍ତ ଏକାଧିକ ଆହ୍ୱାନର ମୁକାବିଲା କରିବା କ୍ଷେତ୍ରରେ ବିଜ୍ଞାନ ପ୍ରମୁଖ ଭୂମିକା ସୁଚାରୁରୂପେ ସଂପାଦିତ ହୋଇଚାଲିଛି। ଯଦିଓ ଏହି ସବୁ ନବଉନ୍ମେଷର ବାସ୍ତବିକ ମୂଲ୍ୟ ରହିଛି ତଥାପି ଆମ ମନରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ଥାପନ ହୋଇଥାଏ ଯେ ବିଜ୍ଞାନକୁ କ'ଣ ବାସ୍ତବିକ ସମସ୍ୟାର ସମାଧାନ ଓ ପୋଷଣୀଣ ବିକାଶ ପାଇଁ ପରିଚାଳିତ କରାଯାଇଥାଏ? ଜିଜ୍ଞାସା, ଗଭୀର ଅନୁଧ୍ୟାନ, ଅନୁସନ୍ଧାନ ଓ ଅନ୍ୱେଷଣ ମାଧ୍ୟମରେ ଜ୍ଞାନର ଦିଗ୍‌ବଳୟକୁ ସଂପ୍ରସାରଣ କରିବା ମଧ୍ୟ ଏକ ମହତ୍ତର କାର୍ଯ୍ୟ, ଯାହାକୁ ବିଜ୍ଞାନ ସମ୍ପାଦିତ କରିଥାଏ।

ସଂଗୀତ, ସାହିତ୍ୟ, କଳା ପରି ବିଜ୍ଞାନ ମଧ୍ୟ ଏକ ରଚନାତ୍ମକ ପ୍ରୟାସ। ଏହା ସଦାସର୍ବଦା ବାସ୍ତବତା ସମ୍ବନ୍ଧୀୟ ମୌଳିକ ପ୍ରଶ୍ନକୁ ନେଇ ଅନ୍ୱେଷଣ କରିବା ପାଇଁ ଇଚ୍ଛା ପ୍ରକଟ କରିଥାଏ। ଆଇନଷ୍ଟାଇନଙ୍କ ଆପେକ୍ଷିତ ତତ୍ତ୍ୱ ହେଉ କିମ୍ବା ରମଣଙ୍କ ଆଲୋକର ବିଚ୍ଛୁରଣକୁ ନେଇ ହେଉ, ବିଜ୍ଞାନ କ୍ଷେତ୍ରରେ ଏକାଧିକ ସର୍ବଶ୍ରେଷ୍ଠ ଆବିଷ୍କାର ତାହା ବ୍ୟାବହାରିକ ସମାଧାନର ଦାବି ଦ୍ୱାରା ନୁହେଁ, ବରଂ ଭୌତିକ ବ୍ରହ୍ମାଣ୍ଡ ବିଷୟରେ ଅନିର୍ବଚନୀୟ ଜିଜ୍ଞାସା ବା ଅତୃପ୍ତ ଜିଜ୍ଞାସା ଦ୍ୱାରା ସଂଚାଳିତ ହୋଇଥାଏ। ଏକାଧିକ କ୍ଷେତ୍ରରେ ଏ ସମସ୍ତ ଆବିଷ୍କାର ବର୍ଷ ବର୍ଷ ପରେ କିମ୍ବା ଦଶନ୍ଧି ଦଶନ୍ଧି ପରେ ତାହାର ବ୍ୟାବହାରିକ ଉପଯୋଗକୁ ଖୋଜି ପାଇଥିଲା। କ୍ୱାଣ୍ଟମ୍ ମେକାନିକ୍ସର କାହାଣୀ,ଯାହାକି ଏବେ ଆଧୁନିକ ଇଲେକ୍‌ଟ୍ରୋନିକ୍ସ ଓ କମ୍ପ୍ୟୁଟିଂ କ୍ଷେତ୍ରକୁ ସମୃଦ୍ଧ କରିଛି କିମ୍ବା ସାଧାରଣ ଆପେକ୍ଷିକ ତତ୍ତ୍ୱର ସିଦ୍ଧାନ୍ତ ଯାହାକି ସଠିକ ଜି.ପି.ଏସ୍ ନାଭିଗେସନ୍ ବା ମାର୍ଗଦର୍ଶନକୁ ସକ୍ଷମ କରିଛି, ତାହା ବିଳମ୍ବରେ ହେଲେ ମଧ୍ୟ ମୌଳିକ ବିଜ୍ଞାନର ଗଭୀର ପ୍ରଭାବ ସଂପର୍କରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି।

ଯେଉଁ ମନଟି ସଦାସର୍ବଦା ଲାଭ କ୍ଷତିର ହିସାବ ନିକାଶ କରୁଥାଏ ତାହା ଆବଶ୍ୟକତାର ସଂକୀର୍ଣ୍ଣ ଗଳିରେ ଛନ୍ଦି ହୋଇ ପଡ଼ିଯାଇଥାଏ। ରଚନାତ୍ମକ ବା ସୃଜନଶୀଳ ମନଟି ହିଁ ସଦାସର୍ବଦା ମାନବତାକୁ ଆଡ଼କୁ ବାଟ କଢ଼େଇ ନେଇଥାଏ। ଯେଉଁ ମୁହୂର୍ତ୍ତରେ ଆମେ ଆମର ଅସ୍ତିତ୍ୱକୁ କ୍ରିୟାଶୀଳ କରିବାର ପ୍ରକ୍ରିୟା ପ୍ରତି ଉଦାସୀନ ହୋଇପଡୁ, ସେତେବେଳେ ଆମେ ନିଜକୁ ଏକ ଯନ୍ତ୍ରରେ ପରିଣତ କରିଦେଇଥାଉ। ବିସ୍ତୀର୍ଣ୍ଣ ଆକାଶର ଛାତି ଉପରେ ଏକ ଇନ୍ଦ୍ରଧନୁ ତା'ର ରୂପ ଲାବଣ୍ୟର ଅମୂଲ୍ୟ ପସରା ମେଲେଇ ଦେଇଥିଲେ ବି ତାହା ବ୍ୟସ୍ତବହୁଳ ଜୀବନ ବିତାଉଥିବା ସହରୀ ମଣିଷ ପାଇଁ କୌଣସି ବ୍ୟାବାହାରିକ ମୂଲ୍ୟ ରଖିନଥାଏ, ପରନ୍ତୁ ଜଣେ କୋମଳମତି ପିଲା ଓ ଜଣେ କବି ସେହି ଇନ୍ଦ୍ରଧନୁର ଅପରୂପ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ତା'ର ବିଦଗ୍ଧ ମନକୁ ଶୀତଳ କରିଥାଏ।

ଜ୍ୟୋତିର୍ବିଜ୍ଞାନ ବିନା ଏକ ବିଶ୍ୱର ଚିନ୍ତା କରନ୍ତୁ, ଯେଉଁଠାରେ କି ମଣିଷମାନେ କେବେ ବି ଥରେ ନିଜ ମୁଣ୍ଡ ଟେକି ଉପରକୁ ଚାହିଁ ନଥିବେ। କେବେ କୌଣସି ପ୍ରଶ୍ନ ପଚାରି ନଥିବେ ବା କେବେ କୌଣସି ସ୍ୱପ୍ନ ବି ଦେଖି ନ ଥିବେ। ନକ୍ଷତ୍ରମାନଙ୍କ ଅବସ୍ଥିତି ବାସ୍ତବତା ବା ଉପଯୋଗିତା ଦୃଷ୍ଟିକୋଣରୁ ଯାହା ଖଗୋଳ ବିଜ୍ଞାନୀଙ୍କ ପାଇଁ ତାହା ଜ୍ୟୋତିଷକାରଙ୍କ ପାଇଁ ନୁହେଁ। ଆମେ କିଏ? ଆମେ କେଉଁଠୁ ଆସିଲୁ? ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଆମର ସ୍ଥାନ କେଉଁଠି? ଏହା ସେହି ପ୍ରଶ୍ନ ନୁହେଁ, ଯାହାର ଉତ୍ତର ଗୋଟେ ହିସାବ ଖାତା ଦେଇପାରିବ। ଏହା ହେଉଛି ସେହି ପ୍ରଶ୍ନ, ଯାହାକି ଆମେ ଜଣେ ଜଣେ ମଣିଷ ବୋଲି ଆମକୁ ପରିଭାଷିତ କରିଥାଏ, ନିର୍ଦ୍ଧାରିତ କରିଥାଏ, ନିରୂପଣ କରିଥାଏ। ଆମେ ସତ୍ୟ, ଶିବ ଓ ସୁନ୍ଦରର ପୂଜାରୀ, ଅନ୍ୱେଷକ ଓ ଜିଜ୍ଞାସୁ ବୋଲି ଆମକୁ ପରିଚିତ କରାଇଥାଏ। କବିଟିଏ, ଚିତ୍ରକରଟିଏ, ସଂଗୀତଜ୍ଞଟିଏ, ରହସ୍ୟବାଦୀଟିଏ ଯେ କି ଈଶ୍ୱରଙ୍କର ସାକ୍ଷାତ ଦର୍ଶନର ଅଭିଳାଷୀଟିଏ, ଆଧ୍ୟାତ୍ମିକବାଦୀଟିଏ କିମ୍ବା ଜଣେ ବୈଜ୍ଞାନିକଟିଏ ଏମାନେ ସମସ୍ତେ ଅନନ୍ତ, ଅସୀମିତ ଓ ଅପରିମିତର ଜଣେ ଜଣେ ସନ୍ଧାନୀ। ଏହା ସାଂସାରିକତାର ବହୁ ଊର୍ଦ୍ଧ୍ୱରେ ଅନନ୍ତ ଅସୀମର ଉପଲବ୍ଧି ପାଇଁ ସଦା ଉନ୍ମୁକ୍ତ ହୋଇଥିବା ଏକ ଦ୍ୱାରଦେଶ।

(ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ)
ଭୁବନେଶ୍ୱର, ମୋ: ୯୩୩୮୨୦୪୯୯୩

# ଅବିଶ୍ରାନ୍ତ ସବୁଜ ଅଭିଯାନର ନାୟିକା

**ମିନାକ୍ଷୀ ଦ୍ୱିବେଦୀ**

ପୃଥିବୀର ମଙ୍ଗଳ ପାଇଁ ବୃକ୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ତାପମାନ ବୃଦ୍ଧି ନିୟନ୍ତ୍ରଣରେ ଗଛଗୁଡ଼ିକ ପ୍ରକୃତିର ସୈନିକ। ସେମାନେ ପ୍ରାକୃତିକ ବାୟୁ ବିଶୋଧକ ଭାବରେ କାର୍ଯ୍ୟ କରନ୍ତି; ଅଙ୍ଗାରକାମ୍ଳ ଶୋଷଣ କରି ଅମ୍ଳଜାନ ତ୍ୟାଗ କରନ୍ତି। ଏହା ସହିତ ସେମାନେ ମୃତ୍ତିକା ସ୍ୱାସ୍ଥ୍ୟ ଓ ମୃତ୍ତିକା ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହାବ୍ୟତୀତ, ବୃକ୍ଷଗୁଡ଼ିକ ଅଗଣିତ ପ୍ରଜାତି ପାଇଁ ବାସସ୍ଥାନ ଓ ସମ୍ପଦ ପ୍ରଦାନ କରନ୍ତି, ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ଅବଦାନ ରଖନ୍ତି।

ପରିବେଶ ସୁରକ୍ଷାରେ ବୃକ୍ଷଲତାଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ମହତ୍ତ୍ୱକୁ ଉପଲବ୍ଧି କରିଥିବା 'ମଦର ଅଫ୍ ଟ୍ରି' ବା 'ଗଛର ମାଆ' ଭାବେ ପରିଚିତ ସାଲୁମାରାଦା ଥିମ୍ମାକା ସମଗ୍ର ବିଶ୍ୱ ପାଇଁ ଏକ ଆଦର୍ଶ। କର୍ଣ୍ଣାଟକର ଗ୍ରାମୀଣ ଜିଲ୍ଲାର ମାଗାଡ଼ି ତାଲୁକ ଅନ୍ତର୍ଗତ ହୁଲିକାଲ ନାମକ ଏକ ଗ୍ରାମରେ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ଏହି ଅସାଧାରଣ ମହିଳା ପରିବେଶ ସୁରକ୍ଷା ନିମନ୍ତେ ଅତ୍ୟନ୍ତ ମୂଲ୍ୟବାନ ଅଂଶଦାନ କରିଛନ୍ତି। ସେ କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ। ବାଲ୍ୟକାଳରୁ ଘର ପାଖରେ ଏକ ପଥର ଖଣିରେ ଶ୍ରମିକ ଭାବରେ କାମ କରୁଥିଲେ। ତାଙ୍କର ବିବାହ ହୁଲିକାଲ ଗାଁର ଶ୍ରୀବିକ୍କାଲା ଚିକ୍କାୟାଙ୍କ ସହିତ ହୋଇଥିଲା। ବିବାହର ୨୫ ବର୍ଷ ପରେ ମଧ୍ୟ ସନ୍ତାନସନ୍ତତି ଜନ୍ମ ନ ହେବାରୁ ଦିନ କାଟିବା ପାଇଁ ଦମ୍ପତି ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ନିଃସନ୍ତାନ ଦମ୍ପତିଙ୍କ ଦୁଃଖ ଓ ନିଃସଙ୍ଗତା ଦୂର ଲକ୍ଷ୍ୟରୁ ଅରମ୍ଭ ହୋଇଥିବା ଏହି ପ୍ରୟାସ ପରବର୍ତ୍ତୀ ସମୟରେ ଏକ ଅସାଧାରଣ ଅଭିଯାନର ରୂପ ନେଇଥିଲା।

ଥିମ୍ମାକ୍କା ଓ ତାଙ୍କ ସ୍ୱାମୀ ରାସ୍ତା ପାର୍ଶ୍ୱରେ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ ଏବଂ ପରବର୍ତ୍ତୀ ସମୟରେ ବୃକ୍ଷଶୂନ୍ୟ ଗ୍ରାମ କୁଦୁରକୁ ବାଛିଥିଲେ। ସେମାନେ ବର ଗଛରୁ ଚାରା କଲମୀ କରିବା ଆରମ୍ଭ କରିଥିଲେ। ପ୍ରଥମ ବର୍ଷ ୧୦ଟି ଚାରା କଲମୀ କରି ରାସ୍ତାରେ ୪ କିଲୋମିଟର ପର୍ଯ୍ୟନ୍ତ ରୋପଣ କରିଥିଲେ। ଦ୍ୱିତୀୟ ବର୍ଷରେ ୧୫ଟି ଏବଂ ତୃତୀୟ ବର୍ଷରେ ୨୦ଟି ଗଛ ଲଗାଇଥିଲେ। ଏହିକ୍ରମରେ ପ୍ରତି ବର୍ଷ ଚାରାରୋପଣ ସଂଖ୍ୟା ବୃଦ୍ଧି କରିଚାଲିଲେ। ସେମାନେ ଚାରା ଲଗାଇବା ସହିତ ସନ୍ତାନସନ୍ତତିଙ୍କ ପରି ସେଗୁଡ଼ିକର ଯତ୍ନ ମଧ୍ୟ ନେଲେ। ଚାରାଗୁଡ଼ିକ ବଡ଼ ଗଛରେ ପରିଣତ ହେବା ପରେ ସେମାନଙ୍କର ଅକ୍ଲାନ୍ତ ପରିଶ୍ରମ ଫଳ ଦେବା ଆରମ୍ଭ କରିଥିଲା। ଏହି ଦମ୍ପତି ପ୍ରାୟତଃ ବର୍ଷା ଋତୁରେ ଚାରା ରୋପଣ କରୁଥିଲେ। ଥିମ୍ମାକ୍କା ତାଙ୍କ ସ୍ୱାମୀଙ୍କ ସହିତ ମିଶି ୮, ୦୦୦ ରୁ ଅଧିକ ଗଛ ଲଗାଇ ଯତ୍ନ ନେବା ଫଳରେ ଏକ ବୃକ୍ଷଶୂନ୍ୟ ଜମି ସବୁଜ ପ୍ରାନ୍ତରେ ପରିଣତ ହୋଇଗଲା।



୧୯୯୧ ମସିହାରେ ସ୍ୱାମୀଙ୍କ ଦେହାନ୍ତ ପରେ ଥିମ୍ମାକ୍କା ଏକାକୀ ନିରନ୍ତର ଭାବରେ ତାଙ୍କର ଅଭିଯାନ ଜାରିଲେ। ସେ ଆଲା ମାରାଦା ଥିମ୍ମାକ୍କା ନାମରେ ମଧ୍ୟ ପରିଚିତ ଥିଲେ। ୩୮୫ ବର ଗଛ ସମେତ ୮୦୦୦ରୁ ଅଧିକ ଗଛ ଲଗାଇ ଯତ୍ନ ନେବାର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ 'ସାଲୁମାର୍ଦା ଥିମ୍ମାକ୍କା' କୁହାଯାଉଥିଲା। କନ୍ନଡ ଭାଷାରେ 'ସାଲୁମାର୍ଦା' ଅର୍ଥ ଗଛର ଧାଡ଼ି। ରାସ୍ତାରେ ସେ ଓ ତାଙ୍କ ସ୍ୱାମୀଙ୍କୁ ସମ୍ମୁଖୀନ ହେବାକୁ ପଡ଼ିଥିବା ଅନେକ କଷ୍ଟ ସତ୍ତ୍ୱେ ଚାରା ରୋପଣ ଏବଂ ପରିବେଶ ସଂରକ୍ଷଣ ପ୍ରତି ତାଙ୍କର ଉତ୍ସର୍ଗକୁ ସମ୍ମାନ ଜଣାଇବା ପାଇଁ ତାଙ୍କୁ ଏହି ନାମ ଦିଆଯାଇଥିଲା।

ସାଲୁମାର୍ଦା ଥିମ୍ମାକ୍କା କେବଳ ଗଛ ଲଗାଇ ନଥିଲେ। ସେ ତାଙ୍କ ଗ୍ରାମର ବାର୍ଷିକ ମେଳା ପାଇଁ ବର୍ଷା ଜଳ ସଂରକ୍ଷଣ କରିବା ପାଇଁ ଏକ ଟାଙ୍କି ନିର୍ମାଣ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ସାମିଲ ହୋଇଥିଲେ। ତାଙ୍କର ଜୀବନର ସରଳ ଦର୍ଶନ ହେଉଛି ଯେ ଏହି ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ମାନବତା ପାଇଁ କିଛି ସମ୍ପତ୍ତି ଛାଡ଼ିଯିବା ଉଚିତ। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା। ବିଭିନ୍ନ ପୁରସ୍କାର ଓ ଅତ୍ୟଳ୍ପ ମାସିକ ପେନସନରୁ କୌଣସି ପ୍ରକାରେ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଆର୍ଥିକ ଦୁରବସ୍ଥା କେବେବି ମାନବଜାତି ପାଇଁ ଭଲ କାମ କରିବାରେ ତାଙ୍କ ଆଗ୍ରହକୁ ଭାଙ୍ଗି ପାରି ନାହିଁ। ସାଲୁମାର୍ଦା ଥିମ୍ମାକ୍କା ଆଜି ପ୍ରତ୍ୟେକ ପରିବେଶବିତଙ୍କ ଆଦର୍ଶ। ସେ ବିଶ୍ୱକୁ ଦେଖାଇଛନ୍ତି ଯେ ଜଣେ ନିରକ୍ଷର ମହିଳା ତାଙ୍କ କଠିନ ପରିଶ୍ରମ ଏବଂ ଧୈର୍ଯ୍ୟ ବଳରେ ସମାଜରେ ଏକ ବିରାଟ ପରିବର୍ତ୍ତନ ଆଣିପାରନ୍ତି।

ଯଦିଓ ଥିମ୍ମାକ୍କା କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ, ତାଙ୍କ କାର୍ଯ୍ୟକୁ ଭାରତର ଜାତୀୟ ନାଗରିକ ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ଦିଆଯାଇଛି ଏବଂ ତାଙ୍କୁ ୨୦୧୯ରେ 'ପଦ୍ମଶ୍ରୀ'ରେ ସମ୍ମାନିତ କରାଯାଇଛି। ଆମେରିକାରେ ତାଙ୍କ ନାମରେ 'ଥିମ୍ମାକ୍କାର ରିସୋର୍ସ ଫର୍ ଏନଭାର୍ନାମେଣ୍ଟାଲ୍ ଏଜୁକେସନ୍' ନାମରେ ଏକ ପରିବେଶ ସଂଗଠନ ମଧ୍ୟ ଅଛି। ସେ ମଧ୍ୟ ବନମିତ୍ର, ନିସର୍ଗରତ୍ନ, ବୃକ୍ଷପ୍ରେମୀ ଓ ବୃକ୍ଷଶ୍ରୀ ଭଳି ଉପାଧିରେ ସମ୍ମାନିତ ହୋଇଛନ୍ତି। ପରିବେଶ ରକ୍ଷା ଦିଗରେ ତାଙ୍କର ଅବିଶ୍ରାନ୍ତ ପ୍ରୟାସ ପାଇଁ ତାଙ୍କୁ ଅନେକ ପୁରସ୍କାର ଏବଂ ପ୍ରଶଂସାପତ୍ରରେ ସମ୍ମାନିତ କରାଯାଇଛି।

୧୧୩ ବର୍ଷ ବୟସରେ ଆଜି ମଧ୍ୟ ସେ ଅଧିକ ଗଛ ଲଗାଇବାର ସ୍ୱପ୍ନକୁ ଦେଖି ତାହାକୁ ବାସ୍ତବତାରେ ରୂପାୟନ କରୁଛନ୍ତି। ଯୁଗରେ ଦ୍ରୁତଜଙ୍ଗଲ କ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଥିମ୍ମାକାଙ୍କ ବାର୍ତ୍ତା ଆଜି ବହୁ ଅଧିକ ପ୍ରାସଙ୍ଗିକ। ତାଙ୍କ କାହାଣୀ ଆମକୁ ଶିଖାଏ 'ଗୋଟିଏ ମଣିଷ ମଧ୍ୟ ପରିବର୍ତ୍ତନ ଆଣିପାରେ। ଆଜି ଗଛ ଲଗାଇଲେ, ଆସନ୍ତା କାଲି ଉଜ୍ଜ୍ୱଳ ହେବ। ସମୁଦାୟ ଉଦ୍‌ଯୋଗ ଭୂଦୃଶ୍ୟର ପରିବର୍ତ୍ତନ କରିପାରେ।'

ଆମେ ଯଦି ସମସ୍ତେ ତାଙ୍କ ଉଦାହରଣକୁ ଅନୁସରଣ କରିବା ଆମ ଜଗତ ସତରେ କେତେ ସବୁଜ, ସୁନ୍ଦର, ଶ୍ୟାମଳ ହୋଇ ଗଢ଼ି ଉଠିବ। ପ୍ରକୃତି ସଂରକ୍ଷଣ ହେଉଛି ଆମର କର୍ତ୍ତବ୍ୟ। ଗଛ ଲଗାନ୍ତୁ, ପରିବେଶ ସୁରକ୍ଷିତ ରଖନ୍ତୁ। ଏକ ସବୁଜ ଓ ସୁସ୍ଥ ଭବିଷ୍ୟତ ପାଇଁ ଆଜିଠାରୁ ପଦକ୍ଷେପ ନିଅନ୍ତୁ। ସବୁଜ ଥିଲେ ସ୍ୱାସ୍ଥ୍ୟ ମିଳିବ, ପରିବେଶ ସୁନ୍ଦର ରହିବ। ଏକ ଗଛ ଏକ ପ୍ରାଣ, ଗଛ ବଞ୍ଚାଏ ଜୀବନ। ପ୍ରତି ଘରେ ଗଛ ହେଉ, ପୃଥିବୀ ସବୁଜ ହେଉ।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

# ଆମ ବୃକ୍ଷଲତା ଆମ ଜୀବନ

**ଅଗ୍ନିଶିଖା**

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ଅଗ୍ନିଶିଖାକୁ ଓଡ଼ିଶାରେ ସାଧାରଣତଃ ଲଙ୍ଗଲଙ୍ଗଳିଆ, ଟାଙ୍ଗି ଫୁଲ, ଦଶହରା ଫୁଲ, ଶିବଲିଙ୍ଗି, ପାଞ୍ଚ ଆଙ୍ଗୁଳିଆ, ଗର୍ଭ ଘଟନ, ଖଣ୍ଡାଫୁଲ, ଡାଙ୍ଗଗହଣା ଭାବରେ ଜଣାଯାଏ। ଭାରତୀୟ ଉପମହାଦେଶ ଓ ଦକ୍ଷିଣପୂର୍ବ ଏସିଆର ମୂଳଜାତ ଏହି ସୁନ୍ଦର ତୃଣଜାତୀୟ ଆରୋହୀ ଉଦ୍ଭିଦ ଦକ୍ଷିଣ-କେନ୍ଦ୍ରୀୟ ଚୀନ୍ ଓ ଆଫ୍ରିକାର ଅଧିକାଂଶ ସ୍ଥାନ, ପୂର୍ବ ଅଷ୍ଟ୍ରେଲିଆ, ଆମେରିକାର ଆଲାବାମା, ସୁରିନାମ, କାରିବିଆନର କିଛି ଅଂଶ ଏବଂ ବିଭିନ୍ନ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଦେଖିବାକୁ ମିଳେ। ଏହା ତାମିଲନାଡୁର 'ରାଜ୍ୟ ଫୁଲ'। ଏହା ଜିମ୍ବାୱେର ମଧ୍ୟ ଜାତୀୟ ଫୁଲ। ୧୯୪୭ ମସିହାରେ ରାଣୀ ଏଲିଜାବେଥ(ଦ୍ୱିତୀୟ) ରୋଡେସିଆରେ (ବର୍ତ୍ତମାନ ଜିମ୍ବାୱେ) ଯାତ୍ରା କରିବା ସମୟରେ ତାଙ୍କର ଏକବିଂଶତମ ଜନ୍ମଦିନ ପାଳନ ପାଇଁ ଏହି ଫୁଲ ଆକୃତିର ଏକ ହୀରା ବ୍ରୁଚ୍ ତାଙ୍କୁ ଉପହାର ଦିଆଯାଇଥିଲା।

ପ୍ରାୟ ୬ ମିଟର ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି ବୃକ୍ଷର ପତ୍ରଗୁଡ଼ିକ ଡେମ୍ଫ ବିହୀନ, ପ୍ରତ୍ୟେକ ଗଣ୍ଠିରୁ ଗୋଟିଏ ଲେଖାଏଁ ପତ୍ର ବିପରୀତ ଭାବରେ ସଜାଯାଇଥାଏ, ପତ୍ର ଅଗ୍ରରୁ ସରୁ ତାର ଭଳି ଡଙ୍କ ସୃଷ୍ଟି ହୋଇଥାଏ, ଯାହା ସାହାଯ୍ୟରେ ଏହା ଅନ୍ୟାନ୍ୟ ଗଛଲତା ଉପରେ ଆରୋହଣ କରେ। ୫ ରୁ ୭ ସେମି ପର୍ଯ୍ୟନ୍ତ ଲମ୍ବା ଛଅଟି ପାଖୁଡ଼ା ବିଶିଷ୍ଟ ଫୁଲଗୁଡ଼ିକ ପ୍ରଥମେ ସବୁଜ, ପରେ ହଳଦିଆ ଏବଂ ଶେଷରେ ଲାଲ ରଙ୍ଗର ହୋଇଥାଏ। ୬ ରୁ ୧୨ ସେମି ପର୍ଯ୍ୟନ୍ତ ଲମ୍ବ ଫଳଟି ଏକ ମାଂସଳ କ୍ୟାପସୁଲ୍, ଯେଉଁଥିରେ ଅନେକ ଲାଲ ରଙ୍ଗର ବିହନ ଥାଏ। ଗଛରେ ସେପ୍ଟେମ୍ବର - ଅକ୍ଟୋବର ମାସରେ ଫୁଲ ଫୁଟେ।

ଆୟୁର୍ବେଦରେ ଅଗ୍ନିଶିଖା ବହୁଳ ବ୍ୟବହୃତ ଔଷଧି, ଯାହା ମାଂସପେଶୀ ଯନ୍ତ୍ରଣା, ଗଣ୍ଠିବାତ, ସନ୍ଧି ପ୍ରଦାହ, କାନ ଓ ଚର୍ମ ରୋଗ, କୋଲିକ୍, ଦୀର୍ଘକାଳୀନ ଅଲସର, ପାଇଲ୍ସ, ଗନୋରିଆ, ଶ୍ୱାସରୋଗ, ଉକୁଣୀ, କୁଷ୍ଠ, ଆଘାତ, ଅର୍ଶ, କୃମି, କର୍କଟ, ନପୁଂସକତା, ଯୌନ ସଂକ୍ରମିତ ରୋଗ ଉପଶମ ପାଇଁ ବ୍ୟବହାର କରାଯାଏ। ଏହାର ରାଇଜୋମଗୁଡ଼ିକୁ ଏକ ଟନିକ୍, ସାମୟିକ-ପ୍ରତିରୋଧୀ, କୃମି-ପ୍ରତିରୋଧୀ ଏବଂ ସାପ କାମୁଡ଼ା ଏବଂ ବିଛା ଦଂଶନ ଚିକିତ୍ସା, ପ୍ରସବ ଯନ୍ତ୍ରଣାକୁ ପ୍ରୋତ୍ସାହିତ କରିବା ସହିତ ଗର୍ଭପାତ ପାଇଁ ବ୍ୟବହାର କରାଯାଏ। ଉଦ୍ଭିଦର ଔଷଧୀୟ ଗୁଣ ମୁଖ୍ୟତଃ କୋଲଚିସିନ୍ ଓ ଗ୍ଲୋରିଓସିନ୍ ଆଲକାଲଏଡ୍ ଉପସ୍ଥିତି ଯୋଗୁଁ ହୋଇଥାଏ।

ବିହନରେ କୋଲଚିସିନ୍ ବ୍ୟତୀତ ଆଇସୋପରଲୋଲିରିନ୍ ଓ ସମ୍ପର୍କିତ ଟ୍ରୋପୋଲେନ୍ ଆଲକାଲଏଡ୍, ଶୃଙ୍ଖଳା ରାଇଜୋମ୍ରେ-ସିଟୋଷ୍ଟେରୋଲ୍, ଗ୍ଲୁକୋସାଇଡ୍, ୨-ହାଇଡ୍ରୋକ୍ସି, ୬-ମେଥୋକ୍ସି ବେଞ୍ଜୋଇକ୍ ଏସିଡ୍ ଥାଏ। ଉଦ୍ଭିଦର ପ୍ରତ୍ୟେକ ଅଂଶ ବିଷାକ୍ତ। କନ୍ଦକୁ ମିଠା ଆଳୁ କିମ୍ବା କନ୍ଦମୂଳ ଭାବି ଭୁଲ୍‌ବଶତଃ ଖାଇଲେ କିମ୍ବା ଏହା ପ୍ରତ୍ୟକ୍ଷ ପେଟକୁ ଗଲେ ମଣିଷ ଓ ପଶୁଙ୍କ ପ୍ରାଣହାନି ଘଟିପାରେ। ପାର୍ଶ୍ୱ ପ୍ରଭାବରେ ବାନ୍ତି, ପାଟି ଚାରିପାଖରେ ଝିମ୍ଝିମ୍, ଗଳାରେ ଜଳାପୋଡ଼ା, ପେଟ ଯନ୍ତ୍ରଣା ଏବଂ ରକ୍ତାକ୍ତ ଡାଇରିଆ, ଚର୍ମ ଛଡ଼ାଇ ଦେବା ଏବଂ ମହିଳାମାନଙ୍କ ଦୀର୍ଘକାଳୀନ ଯୋନି ରକ୍ତସ୍ରାବ ହୋଇପାରେ। ତେଣୁ ନାଇଜେରିଆରେ ତୀରରେ ବିଷ ଏବଂ ଭାରତରେ ସାପ ପାଇଁ ବିଷ ଦେବାରେ ଏହା ବ୍ୟବହାର କରାଯାଏ। ତେଣୁ ଆୟୁର୍ବେଦ ଶାସ୍ତ୍ର ଅନୁଯାୟୀ ଏହାର ଅନୁପାନ ବାଞ୍ଛନୀୟ।

ସାଧାରଣତଃ, ଏହି ଗଛ ଜଙ୍ଗଲରେ ପ୍ରାକୃତିକ ଭାବରେ ବଢ଼ିଥାଏ। ଔଷଧୀୟ ବ୍ୟବହାର ପାଇଁ ଏହାର ବହୁତ ଚାହିଦା ଅଛି। ତେଣୁ ଏହାକୁ ଭାରତରେ ଫାର୍ମଗୁଡ଼ିକରେ ଚାଷ କରାଯାଏ। କିନ୍ତୁ ଔଷଧ ବାଣିଜ୍ୟରେ ବିକ୍ରି ହେଉଥିବା ଅଧିକାଂଶ ଉଦ୍ଭିଦ ସାମଗ୍ରୀ ଜଙ୍ଗଲୀ ପରିସଂସ୍ଥାରୁ ଆସିଥାଏ। ଫୁଲଗୁଡ଼ିକ ଧାର୍ମିକ ରୀତିନୀତିର ଏକ ଅଂଶ। ଓଡ଼ିଶାରେ ଏହା ବିଲୁପ୍ତ ହେବାକୁ ଯାଉଛି ଏବଂ ଶ୍ରୀଲଙ୍କାରେ ଏହା ବିରଳ ହୋଇଯାଇଛି। ଅନ୍ୟପକ୍ଷରେ ଏହା ଅଷ୍ଟ୍ରେଲିଆ, ସିଙ୍ଗାପୁର ଏବଂ ଅନ୍ୟ କିଛି ଦେଶରେ ଏକ ଆକ୍ରମଣାତ୍ମକ ଜାତୀୟ ଲତା ବୋଲି କୁହାଯାଉଛି। ପ୍ରାକୃତିକ ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ ଏହି ଲତାକୁ ଲାଲ୍ କିତାବରେ ସଙ୍କଟାପନ୍ନ ଉଦ୍ଭିଦ ବର୍ଗରେ ସ୍ଥାନିତ କରିଥିବା ଜଣାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

THE SAKALA
## ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## +୩ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା

# ନାମଲେଖା ପାଇଁ ୪୫,୫୦୨ ଚୟନ

■ ପ୍ରଥମ ରାଉଣ୍ଡରେ ଦୂରେଇ ରହିଲେ ୪୩,୮୪୪
■ ଖାଲି ପଡ଼ିବ ୫୪ ହଜାର ସିଟ୍

ଭୁବନେଶ୍ୱର,୨୨।୬(ସମିସ): ପ୍ରଥମ ପର୍ଯ୍ୟାୟ +୩ ନାମଲେଖା ପାଇଁ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ରବିବାର ପ୍ରକାଶ ପାଇଛି। ସମୁଦାୟ ୪୫,୫୦୨ ପିଲା ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୦,୦୩୧ ଛାତ୍ର ଥିବା ବେଳେ ୨୫,୪୬୮ ଛାତ୍ରୀ ଓ ୩ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ବଡ଼ କଥା ହେଲା, ୪୩,୮୪୪ଜଣ ଚୟନ ହୋଇଥିଲେ ମଧ୍ୟ ନାମଲେଖା ପ୍ରକ୍ରିୟାରେ ଆଦୌ ସାମିଲ ହୋଇନାହାନ୍ତି। ଫଳରେ ଅବଶିଷ୍ଟ ପ୍ରକ୍ରିୟାରୁ ସେମାନେ ବାଦ୍ ପଡ଼ିଛନ୍ତି। ପ୍ରଥମ ରାଉଣ୍ଡରେ ୭୯,୭୫୨ଜଣ ନାମ ଲେଖାଇଥିବା ବେଳେ ୫୨,୧୨୬ ଜଣ ସ୍ଲାଇଡ୍ ଅପସନ୍ ଦେଇଛନ୍ତି। ସମୁଦାୟ ୧,୭୫,୭୨୨ ଜଣଙ୍କୁ ନାମଲେଖା ପାଇଁ ଚୟନ କରାଯାଇଥିବାରୁ ପ୍ରାୟ ୪୪ ହଜାର ସିଟ୍ ଖାଲି ପଡ଼ିବା ସୁନିଶ୍ଚିତ ହୋଇଛି। ପ୍ରାୟ ୧୦ ହଜାର ପିଲା କମ୍ ଆବେଦନ କରିଥିବାରୁ ୫୪ ହଜାର ସିଟ୍ ଖାଲି ପଡ଼ିବ।

ଏହି ରାଉଣ୍ଡରେ ଚୟନ ହୋଇଥିବା ପିଲାମାନେ ୨୫ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଜୁଲାଇ ୧ରେ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ ଓ ୪ ତାରିଖ ମଧ୍ୟରେ ନାମଲେଖା ହେବ। ଏହାପରେ ୱେଟିଂଲିଷ୍ଟ ରାଉଣ୍ଡ ପାଇଁ ଜୁଲାଇ ୭ରୁ ୧୦ତାରିଖ ମଧ୍ୟରେ ଆବେଦନ ହେବ। ୧୨ତାରିଖରେ ଇ-ସ୍ପେସ୍‌ରେ ଓ ୧୩ ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନର ନୋଟିସ୍ ବୋର୍ଡରେ ମେଧା ତାଲିକା ପ୍ରକାଶ ପାଇବ। ୧୫ ତାରିଖରେ ନାମଲେଖା ହେବ। +୨ ଇନ୍‌ଷ୍ଟାଣ୍ଟ ଓ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ବାହାରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

ଅପରପକ୍ଷେ, ପୂର୍ବରୁ ଦିନ ୧୧ଟାରେ ମେଧା ତାଲିକା ପ୍ରକାଶ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଥିଲେ ମଧ୍ୟ ବିଭାଗ ବିଫଳ ହୋଇଛି। ସନ୍ଧ୍ୟା ୭ଟାରେ ମେଧା ତାଲିକା ପ୍ରକାଶ ପାଇଥିବାରୁ ନାମଲେଖା ପାଇଁ ପ୍ରକ୍ରିୟା ସାମାନ୍ୟ ବିଳମ୍ବ ହୋଇଛି। ବିଳମ୍ବର କାରଣ ସମ୍ପର୍କରେ ବୈଷୟିକ କାର୍ଯ୍ୟ କରୁଥିବା ଫାର୍ମର ଜଣେ କର୍ମଚାରୀ କହିଛନ୍ତି ଯେ ପୂର୍ବ ସୂଚୀରେ ପରିବର୍ତ୍ତନ କରି ନାମଲେଖା ପାଇଁ ଦୁଇଦିନ ଅତିରିକ୍ତ ସମୟ ଦିଆଯାଇଥିଲା। ଶନିବାର ଅପରାହ୍ଣ ୩ଟାରେ ନାମଲେଖା ଅବଧି ସରିବା ପରେ ରାତିଦିନ କାମ କରିଛନ୍ତି। ଆଗକୁ ପ୍ରକ୍ରିୟା ମଝିରେ ପରିବର୍ତ୍ତନ କରାଗଲେ ବିଳମ୍ବ ହୋଇପାରେ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟା ନିର୍ଭୁଲ୍ ହେବା ନେଇ ମଧ୍ୟ ସେ ଆଶଙ୍କା ପ୍ରକାଶ କରିଛନ୍ତି।

## ବାହାରୁନି ଉଚ୍ଚଶିକ୍ଷା ବିଭାଗ ଏଚ୍‌ପିସି ପ୍ରୋସିଡିଂ

# ନୂତନ ଶିକ୍ଷାନୁଷ୍ଠାନ ଖୋଲିବାକୁ ଡିଲ୍!

ଭୁବନେଶ୍ୱର,୨୨।୬(ସମିସ): ଉଚ୍ଚଶିକ୍ଷା ବିଭାଗର ଉଚ୍ଚକ୍ଷମତା ସଂପନ୍ନ କମିଟି (ଏଚ୍‌ପିସି) ବୈଠକ ଗତ ୧୧ତାରିଖରେ ଅନୁଷ୍ଠିତ ହୋଇଛି। ନୂତନ ଉଚ୍ଚଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ହୋଇଥିବା ସମସ୍ତ ଆବେଦନ ଉପରେ ଆଲୋଚନା ହୋଇଛି। ସାଧାରଣ ପାଠ୍ୟକ୍ରମ ସହ ଏମ୍‌ବିଏ, ଏମ୍‌ସିଏ ପାଠ୍ୟକ୍ରମ ପାଇଁ ଅନୁମତି ଦେବା ସମ୍ପର୍କରେ ବିଚାରବିମର୍ଷ ହୋଇଛି। ହେଲେ ବୈଠକକୁ ୧୨ଦିନ ଅତିକ୍ରମ କରିଥିଲେ ମଧ୍ୟ ଏହାର ଚୂଡ଼ାନ୍ତ ନିଷ୍ପତ୍ତି (ପ୍ରୋସିଡିଂସ୍) ବାହାରିନାହିଁ। ଚୂଡ଼ାନ୍ତ ନିଷ୍ପତ୍ତି ନ ବାହାରିବା ପଛରେ ଯେଉଁ କାରଣଟି କୁହାଯାଉଛି, ତାହା ଅତ୍ୟନ୍ତ ସାଂଘାତିକ। ଏବେ କିଛି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ନୂତନ ପାଠ୍ୟକ୍ରମ ଖୋଲିବା ପାଇଁ ଆଗ୍ରହୀ ଥିବାରୁ ଶିକ୍ଷା ବିଭାଗ ସହ ସେମାନଙ୍କର ଡ଼ିଲ୍ ଚୂଡ଼ାନ୍ତ ହୋଇ ପାରୁନାହିଁ। ଯାହା ଫଳରେ ସମସ୍ୟା ସୃଷ୍ଟି ହୋଇଛି ବୋଲି କୁହାଯାଉଛି।

ପୂର୍ବରୁ ଏଚ୍‌ପିସି ବୈଠକ ସରିବାର ଅଳ୍ପ ଦିନ ମଧ୍ୟରେ ନିଷ୍ପତ୍ତି ସମ୍ପର୍କରେ ପ୍ରୋସିଡିଂସ୍ ପ୍ରକାଶ ପାଇଥାଏ। ନୂତନ ଶିକ୍ଷାନୁଷ୍ଠାନ ପାଇଁ ହୋଇଥିବା ସମସ୍ତ ଆବେଦନକାରୀଙ୍କ ତଥ୍ୟ ସଦସ୍ୟମାନଙ୍କ ପାଖରେ ଥାଏ। ବିଭିନ୍ନ ଦିଗକୁ ଯାଞ୍ଚ କରିବା ପରେ ଅନୁମୋଦନ କିମ୍ବା ନାକଚ ସମ୍ପର୍କରେ ନିଷ୍ପତ୍ତି ହୋଇଥାଏ। ବୈଠକରେ ଅଧ୍ୟକ୍ଷତା କରୁଥିବା ଅଧିକାରୀଙ୍କ ଅନୁମୋଦନ ପରେ ବିଜ୍ଞପ୍ତି ପ୍ରକାଶ ପାଏ। କେବେ ପ୍ରୋସିଡିଂ ପ୍ରକାଶ କରାଯିବ ସେନେଇ ନିର୍ଦ୍ଦିଷ୍ଟ ନିୟମ ନ ଥିବାବେଳେ ଅତିବେଶୀରେ ସପ୍ତାହେ ମଧ୍ୟରେ ବାହାରିବା କଥା। ହେଲେ ଚଳିତଥର ୧୦ଦିନ ବତିଥିଲେ ମଧ୍ୟ ପ୍ରୋସିଡିଂ ପ୍ରକାଶ ପାଇନଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ନୂତନ ଶିକ୍ଷାନୁଷ୍ଠାନ ପାଇଁ ଆବେଦନ କରିଥିବା ଜଣେ ଆବେଦନକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ସେମାନେ ନୂତନ ଶିକ୍ଷାନୁଷ୍ଠାନ ପାଇଁ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଛନ୍ତି। ହେଲେ ଅନୁମତି ସୁନିଶ୍ଚିତ କରିବା ପାଇଁ ୟୁନିଟ୍-୬ ଅଞ୍ଚଳରେ ରହୁଥିବା ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ସାକ୍ଷାତ କରିବାକୁ କୁହାଯାଉଛି। ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଜଣକ ଆବେଦନରେ ବିଭିନ୍ନ ତ୍ରୁଟି ରହିଥିବା ଦର୍ଶାଇବା ସହ ଅନୁମତି ପାଇଁ ପରୋକ୍ଷ ଭାବେ ଅର୍ଥ ଦାବି କରୁଛନ୍ତି। ଏପରିକି ସେ ଅଗ୍ରୀମ ମଧ୍ୟ ଦେଇସାରିଛନ୍ତି। ଏଚ୍‌ପିସି ନିଷ୍ପତ୍ତିକୁ ବିଳମ୍ବ କରି ଅର୍ଥ ଆଦାୟ କରିବାକୁ ଏହା ଏକ ନୂଆ ବ୍ୟବସ୍ଥା ବୋଲି ମଧ୍ୟ ସେ ଅଭିହିତ କରିଛନ୍ତି। ଅପରପକ୍ଷରେ ଆବେଦନକାରୀଙ୍କ ଡିପିଆର୍ ସମେତ ଭିତ୍ତିଭୂମି ଯାଞ୍ଚ କରିବାକୁ ଏକ ସବ୍-କମିଟି ଗଠନ କରାଯାଇଛି। ତାଙ୍କ ରିପୋର୍ଟ ଆଧାରରେ ନିଷ୍ପତ୍ତି ନିଆଯିବ। ଏଣୁ ପ୍ରେସିଡିଂ ପ୍ରକାଶରେ ବିଳମ୍ବ ହେଉଥିବା ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

# ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା: ଡିଆଇଜିଙ୍କ ତନାଘନା

ଭଦ୍ରକ, ୨୨।୬(ସମିସ): ଭଦ୍ରକ ସହରର ଚରମ୍ପାଠାରେ ହୋଇଥିବା ଗୁଳିକାଣ୍ଡ ଘଟଣା ପରେ ପୁଲିସର ତନାଘନା ଆରମ୍ଭ ହୋଇଛି। ପୂର୍ବାଞ୍ଚଳ ଡିଆଇଜି ଓ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଯାଞ୍ଚ କରିଛନ୍ତି। ଶନିବାର ଚରମ୍ପା ଛକ ନିକଟରୁ କିଛି ଦୂରରେ ବ୍ୟବସାୟୀ ବିଦ୍ୟାଧର ପାତ୍ରଙ୍କୁ କେତେକ ଦୁର୍ବୃତ୍ତ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ପରେ ସ୍ଥାନୀୟ ଲୋକେ ବିଦ୍ୟାଧରଙ୍କୁ ଗୁରୁତର ଭାବେ ପ୍ରଥମେ ଭଦ୍ରକ ମେଡିକାଲ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବିଦ୍ୟାଧରଙ୍କ ଦେହରୁ ଅପରେସନ ପରେ ଗୁଳି ବାହାର କରାଯାଇଛି ବୋଲି ସୂଚନା ମିଳିଛି। ତେବେ ଘଟଣା ପରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ସହ ଅନ୍ୟ ଅଧିକାରୀମାନେ ଗୁଳିକାଣ୍ଡ ହୋଇଥିବା



ସ୍ଥାନକୁ ଯାଇ ତଦନ୍ତ କରିଛନ୍ତି। ବିଦ୍ୟାଧରଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି ଡିଆଇଜି। ଏପର୍ଯ୍ୟନ୍ତ ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ହୋଇଥିବା ବେଳେ ସିସିଟିଭି ଯାଞ୍ଚ ସହ ବିଭିନ୍ନ ସ୍ଥାନରେ ବ୍ଲକିଂ ଓ ଚଢ଼ଉ ଚାଲିଥିବା କହିଛନ୍ତି ଡିଆଇଜି। ଘଟଣା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଖୁବ୍‌ଶୀଘ୍ର ଅପରାଧୀଙ୍କୁ ପୁଲିସ ଧରିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭଦ୍ରକ ସହରର ଚରମ୍ପା ଛକ ନିକଟରେ ବ୍ୟବସାୟୀଙ୍କୁ ଗୁଳିମାଡ ହୋଇଥିଲା। ଗୁଳିମାଡର ଶିକାର ହୋଇଥିଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ବେଳାମଳା ଗ୍ରାମର ବିଦ୍ୟାଧର ପାତ୍ର। ଚରମ୍ପା ସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ୍ତ ଆସି ଗୁଳି ଫୁଟାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳି ମାଡ଼ କରାଯାଇଥିବା ସନ୍ଦେହ କରାଯାଉଥିଲା। ପରେ ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିଥିଲେ। ଦୁର୍ବୃତ୍ତ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ ଦୁଇ ରାଉଣ୍ଡ ଗୁଳି ଫୁଟିଥିଲା। ବାଇକରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଭାବେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୯ ଲକ୍ଷର ଚୂନ

ବାରିପଦା, ୨୨।୬ (ସମିସ): ବାରିପଦା ମଧୁବନ ଅଞ୍ଚଳର ଜଣେ ଯୁବକଙ୍କୁ ସାଇବର୍ ଠକ ୧୯ ଲକ୍ଷ ଟଙ୍କାର ଚୂନ ମାରିଛନ୍ତି। ଠକେଇର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ଶିବେନ୍ଦୁ ସୁରଜିତ ଜେନା। ଏ ସଂପର୍କରେ ସେ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଘରେ ବସି ଅନ୍‌ଲାଇନ ଜରିଆରେ କାମ କରିବାକୁ ତାଙ୍କୁ ଠକମାନେ ପ୍ରବର୍ତ୍ତାଇଥିଲେ। ଏଥିପାଇଁ ମୋଟା ଅଙ୍କର ଟଙ୍କା ମିଳିବ ବୋଲି ପ୍ରଲୋଭନ ମଧ୍ୟ ଦେଖାଇଥିଲେ। ଅଧିକ ଅର୍ଥ ଉପାର୍ଜନ ଆଶାରେ ସୁରଜିତ୍ ସେମାନଙ୍କ କଥାରେ ରାଜି ହୋଇ କାମ ଆରମ୍ଭ କରିଥିଲେ। ତାଙ୍କ ବିଶ୍ୱାସ ଜିତିବା ପାଇଁ ଠକ ପ୍ରଥମେ ପ୍ରଥମେ ତାଙ୍କୁ ଟଙ୍କା ପ୍ରଦାନ କରିଥିଲେ। ପରେ ତାଙ୍କ ରୋଜଗାର ଟଙ୍କାକୁ ଅନ୍‌ଲାଇନ୍ ଟ୍ରେଡିଂରେ ବିନିଯୋଗ କରିବାକୁ ଠକ ପ୍ରବର୍ତ୍ତାଇଥିଲେ। ଠକଙ୍କ କହିବା ମୁତାବକ ସେ ଅନ୍‌ଲାଇନ୍ ଟ୍ରେଡିଂରେ ଟଙ୍କା ବିନିଯୋଗ କରିବା ଆରମ୍ଭ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ସୁରଜିତ୍ ସମୁଦାୟ ୧୯,୯୭,୦୭୩ ଟଙ୍କା ବିନିଯୋଗ କରିବା ପରେ ଠକମାନେ ଆଉ ଧରାଛୁଆଁ ଦେଇନଥିଲେ। ସୁରଜିତ୍ ବାରମ୍ବାର ଯୋଗାଯୋଗ କରିଥିଲେ ହେଁ ସଫଳ ହୋଇନଥିଲେ। ତେଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଯୁବତୀଙ୍କ ଭିଡିଓ ଭାଇରାଲ

ବାରିପଦା,୨୨।୬(ସମିସ): ଜଣେ ଯୁବତୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ କରିବାକୁ ନେଇ ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଛି। ପରିବାରଲୋକଙ୍କ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନହେବାରୁ ପୁନଃ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜଣେ ଯୁବକ ତାଙ୍କ ଝିଅର ଭିଡିଓ ମୋବାଇଲରେ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଛି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଅଭିଯୁକ୍ତ ଗିରଫ ହୋଇନାହିଁ। ଫଳରେ ଯୁବତୀ ଓ ତାଙ୍କ ପରିବାରକୁ ନାନାଦି ଅପବାଦ ଶୁଣିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧକୁ ଡେଇଁଲା...

ତିନିଟି ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଥିବା ଆମେରିକା ଦାବି କରିଛି। ୧୯୭୯ରେ ଇରାନ ବିପ୍ଳବ ପରେ ପ୍ରଥମ ଥର ଲାଗି ଇରାନ ଭିତରେ ଆକ୍ରମଣ କରିଛି ଆମେରିକା। ରାଷ୍ଟ୍ରପତି ଟ୍ରମ୍ପ ଏହି ଆକ୍ରମଣ ସଫଳ ହୋଇଛି ଏବଂ ଇରାନର ପରମାଣୁ କ୍ଷମତା ଶୂନ ହୋଇଯାଇଛି ବୋଲି କହିଛନ୍ତି। ଏବେ ମଧ୍ୟପ୍ରାଚ୍ୟ ଓ ଇସ୍ରାଏଲ ବିପଦମୁକ୍ତ ବୋଲି ସେ କହିଛନ୍ତି। ଇରାନ ତୁରନ୍ତ କଥାବାର୍ତ୍ତା କରୁ, ନହେଲେ ଆହୁରି ଭୟଙ୍କର ଆକ୍ରମଣ କରାଯିବ ବୋଲି ସେ ଧମକ ଦେଇଛନ୍ତି। ଆମେରିକାର ପ୍ରତିରକ୍ଷା ସଚିବ କହିଛନ୍ତି ଯେ 'ମିଡନାଇଟ୍ ହାମର' ନାମରେ ହୋଇଥିବା ଆକ୍ରମଣରେ ୧୨୫ଟି ଲଢୁଆ ବିମାନ ମଧ୍ୟ ସାମିଲ ହୋଇଥିଲେ। ଏହାସହିତ ଆମେରିକା ନୌସେନାର ସବମେରିନରୁ ୨୪ଟି ଟୋମହକ୍ କ୍ଷେପଣାସ୍ତ୍ର ମଧ୍ୟ ମାଡ଼ କରାଯାଇଛି।

ଏହି ଆକ୍ରମଣ ନେଇ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ କହିଛନ୍ତି ଯେ ଇରାନ ଉପରେ ଆକ୍ରମଣ କରି ଆମେରିକା ସବୁ ସୀମା ଅତିକ୍ରମ କରିଛି। ଇରାନ ଏହାର ଦୃଢ଼ ଜବାବ ଦେବ। ଇରାନ ମଧ୍ୟ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବ ବୋଲି ସେ କହିଛନ୍ତି। ଏସଂପର୍କରେ ଅଧିକ ବିଚାରବିମର୍ଶ ଲାଗି ଆଜି ସେ ମସ୍କୋ ଯାଉଛନ୍ତି। ସେଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଆଲୋଚନା କରିବେ। ଇରାନ ଉପରେ ଆମେରିକାର ଆକ୍ରମଣକୁ ଜାତିସଂଘ ମହାସଚିବ ନିନ୍ଦା କରିବା ସହିତ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ରୁଷ ଏବଂ ଚୀନ ମଧ୍ୟ ଏହାର ନିନ୍ଦା କରି କହିଛନ୍ତି ଯେ ଏହାଦ୍ୱାରା ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ବିଗିଡ଼ିଯିବ। ରୁଷ ରାଷ୍ଟ୍ରପତି ପୁଟିନଙ୍କ ବରିଷ୍ଠ ପରାମର୍ଶଦାତା ତଥା ପୂର୍ବତନ ରାଷ୍ଟ୍ରପତି ଡୁମିଟ୍ରି ମେଦଭେଦେଭ କହିଛନ୍ତି ଯେ ଆମେରିକାର ଆକ୍ରମଣ ସଫଳ ହୋଇନାହିଁ। ଏହା ଆମେରିକା ପାଇଁ ମହଙ୍ଗା ପଡ଼ିବ। ରୁଷ ସମେତ ଅନେକ ଦେଶ ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବ୍ରିଟେନ ଓ ଇସ୍ରାଏଲ ଏହି ଆକ୍ରମଣକୁ ସମର୍ଥନ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏସଂପର୍କରେ ଇରାନ ରାଷ୍ଟ୍ରପତିଙ୍କ ସହିତ ଫୋନରେ କଥା ହୋଇଛନ୍ତି। ମଧ୍ୟପ୍ରାଚ୍ୟ ସ୍ଥିତି ନେଇ ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ଉତ୍ତେଜନା ଦୂର କରିବା ସପକ୍ଷରେ ମତ ରଖିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ୪୫ ମିନିଟ୍ ଧରି କଥାବାର୍ତ୍ତା ହୋଇଥିଲା।

ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାପାଇଁ ଅଭିଯାନ ଚଳାଇଥିବା ପାକିସ୍ତାନର ଆଜିର ଆମେରିକୀୟ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଇରାନ ଉପରେ ଆମେରିକା ଆକ୍ରମଣକୁ ନିନ୍ଦା କରି କହିଛନ୍ତି ଯେ ଏହା ମଧ୍ୟପ୍ରାଚ୍ୟରେ ଉଦବେଗଜନକ ପରିସ୍ଥିତି ସୃଷ୍ଟି କରିଛି।

ଆମେରିକା ଆକ୍ରମଣ ପରେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆହୁରି ଭୟଙ୍କର ରୂପ ଧାରଣ କରିଛି। ଆମେରିକା ଆକ୍ରମଣର କିଛି ସମୟ ମଧ୍ୟରେ ଇସ୍ରାଏଲ ଉପରେ ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲର ୪ଟି ସହରକୁ ଟାର୍ଗେଟ କରି ଇରାନ ଏହାର ସବୁଠାରୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲ ମଧ୍ୟ ଏହା ଯୁଦ୍ଧବିମାନ ଜରିଆରେ ଇରାନର ଅନେକ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିବା କହିଛି।

### ବଢ଼ିବ ତୈଳ...

ହୋଇଯାଏ ତେବେ ତାହାର ପ୍ରଭାବ ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିବ। ମଧ୍ୟ ପ୍ରାଚ୍ୟକୁ ସାମଗ୍ରୀ ଯୋଗାଣ ପାଇଁ ଏହି ମାର୍ଗ ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରଭାବରେ ଭାରତରେ ମଧ୍ୟ ତୈଳ ଦର ବୃଦ୍ଧି ପାଇପାରେ। ଭାରତର ପ୍ରାୟ ୫୦ ପ୍ରତିଶତ ତୈଳ ଏବଂ ଗ୍ୟାସ ହର୍ମୁଜ ଦେଇ ଆସୁଛି।

### ଅସ୍ତ୍ରୋପଚାର ସଫଳ...

ମଧ୍ୟରେ ଅସ୍ତ୍ରୋପଚାର ଶେଷ ହୋଇଛି। ଡାକ୍ତର ରମାକାନ୍ତ ପଣ୍ଡା କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନବୀନ ପଟ୍ଟନାୟକଙ୍କ ସଫଳତା ସହ ଅପରେସନ ହୋଇଛି। ବୟସ ବଢିଲେ ସର୍ଭିକାଲ୍ ଆର୍ଥ୍ରାଇଟିସ୍ ହୁଏ। ଏଥିପାଇଁ ସେ (ନବୀନ) ଟିକିଏ କଷ୍ଟ ଅନୁଭବ କରୁଥିଲେ। ଏବେ ଚିକିତ୍ସା ପରେ ଆଉ ତାଙ୍କୁ କଷ୍ଟ ହେବ ନାହିଁ। ଦୁଇ ଘଣ୍ଟା ଅପରେସନ ହୋଇଛି ଓ ଗୋଟେ ଛୋଟ ଷ୍ଟିଚ ପଡିଛି। ୫ ରୁ ୭ ଦିନ ପରେ ଷ୍ଟିଚ ଖୋଲାଯିବ ବୋଲି ସେ କହିଛନ୍ତି। ଅପରେସନ ସମୟରେ ଏହି ସମୟରେ ନବୀନଙ୍କ ଭାଇ ପ୍ରେମ୍ ପଟ୍ଟନାୟକ ଓ ଭାଉଜ, ନବୀନଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର ମଧ୍ୟ ଉପସ୍ଥିତ ରହିଥିଲେ। ଶ୍ରୀ ମିଶ୍ର କହିଛନ୍ତି ଯେ ନବୀନ ବାବୁ ଅବଜରଭେସନରେ କେତେ ସମୟ ରହିବେ, ଡାକ୍ତରଙ୍କ ମତାମତ ଉପରେ ନିର୍ଭର କରେ। ସେ ଏବେ ଆଇସିୟୁରେ ଅଛନ୍ତି। ଅନେକ ପ୍ରତିଷ୍ଠିତ ଲୋକ ନବୀନ ପଟ୍ଟନାୟକଙ୍କୁ ଦେଖା କରିବାକୁ ଚାହୁଁଛନ୍ତି। ଅପରେସନ ପରେ ସଂକ୍ରମଣର ଭୟ ରହିଥାଏ। ତେଣୁ ଆଇସିୟୁରୁ କ୍ୟାବିନ୍‌କୁ ସ୍ଥାନାନ୍ତର ହେବା ପର୍ଯ୍ୟନ୍ତ ସମସ୍ତଙ୍କୁ ଅପେକ୍ଷା କରିବାକୁ ଆମେ ବିନମ୍ର ଭାବରେ ଅନୁରୋଧ କରିଛୁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଦୀର୍ଘ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ନିରଳସ ଓ ନିସ୍ୱାର୍ଥପର ଭାବରେ ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟ କରିଛନ୍ତି। ବିରୋଧୀଦଳ ନେତା ଭାବରେ ମଧ୍ୟ ସମର୍ପିତ ଭାବରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରି ଚାଲିଛନ୍ତି। ନବୀନଙ୍କ ସ୍ୱାସ୍ଥ୍ୟ ଖବର ଶୁଣି ସାରା ରାଜ୍ୟବାସୀ ତାଙ୍କର ସୁସ୍ୱାସ୍ଥ୍ୟ କାମନା କରିଛନ୍ତି। ଉପବାସ, ପୂଜାର୍ଚ୍ଚନା ସହ ଦୀପଦାନ କରି ନବୀନଙ୍କ ଶୀଘ୍ର ଆରୋଗ୍ୟ ଲାଭ ପାଇଁ ପ୍ରାର୍ଥନା କରିଛନ୍ତି। ଆଜି ତାଙ୍କର ଅସ୍ତ୍ରୋପଚାର ସଫଳ ହେବା ସୂଚନା ମିଳିବା ପରେ ରାଜ୍ୟବାସୀ ଆଶ୍ୱସ୍ତ ହୋଇଛନ୍ତି।


### ୨ ଦଳିତଙ୍କୁ...

ସୂଚନା ଅନୁଯାୟୀ, ଝିଅକୁ ଯୌତୁକ ଦେବାକୁ ଦୁହେଁ ହରିପୁରରୁ ତିନୋଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାଠାରେ ତାଙ୍କୁ କିଛି ଲୋକ ଅଟକାଇବା ସହ ଗୋ-ଚାଲାଣ କରୁଥିବା କହି ଟଙ୍କା ମାଗିଥିଲେ। କିନ୍ତୁ ଦୁହେଁ ଟଙ୍କା ଦେବାକୁ ରାଜି ନ ହେବାରୁ ସେମାନେ ତାଙ୍କୁ ମାଡ଼ ମାରିବା ସହ ସେଲୁନ୍‌ରେ ଅଧାଲଣ୍ଡା କରାଇଥିଲେ। ପରେ ସେମାନଙ୍କୁ ଖାରିଗୁମ୍ମାଠାରୁ ଜାହାଡ଼ା ପର୍ଯ୍ୟନ୍ତ ପାଖାପାଖି ଦୁଇ କିଲୋମିଟର ପାଦରେ ଚଲାଇ ଚଲାଇ ନେଇଥିଲେ। ପରେ ଜାହାଡା ଗାଁ ଦାଣ୍ଡରେ ଦୁହିଁଙ୍କୁ ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ। ନିର୍ଯାତନା ସେତିକିରେ ସରିନଥିଲା; ପରେ ଅଭିଯୁକ୍ତମାନେ ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଆଇଥିଲେ। ତେବେ, ସୁଯୋଗ ପାଇ ଦୁଇଜଣ ଯାକ ସେଠାରୁ ଖସି ଆସି ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ମୁଣ୍ଡ ଆଉ ପିଠିରେ ଆଘାତ ଲାଗିଥିବା ବେଳେ ଧରାକୋଟ ପୁଲିସ୍ ତାଙ୍କୁ ମେଡିକାଲରେ ଭର୍ତ୍ତି କରି ଘଟଣାରେ ତଦନ୍ତ କରୁଛି। ଏହି ଘଟଣାରେ ୭ରୁ ୮ ଜଣଙ୍କ ସଂପୃକ୍ତି ଥିବା ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ପୁଲିସ୍‌କୁ ଅପରାଧୀଙ୍କ ଭୟ ରହୁନଥିବାରୁ ପ୍ରତିଦିନ ଏଭଳି ହୃଦୟବିଦାରକ ଘଟଣା ଘଟୁଛି। ଫଳରେ ସରକାର ଓ ପୁଲିସ ପ୍ରତି ଲୋକଙ୍କ ବିଶ୍ୱାସ ତୁଟିବାରେ ଲାଗିଛି ଓ ଜିଲ୍ଲାବାସୀ ନିଜକୁ ନିରାପଦ ମଣୁନାହାନ୍ତି।

## ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ନିର୍ବାଚନ

# ପ୍ରଫେସର୍ ଧର୍ମବ୍ରତ ସଭାପତି ନର୍ବାଚିତ




ଭୁବନେଶ୍ୱର,୨୨।୬(ସମିସ): ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ରେଭେନ୍ସା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର୍ସ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଧର୍ମବ୍ରତ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପ୍ରଫେସର୍ ମଧୁସ୍ମିତା ପତି, ବିଶ୍ୱଜିତ ପ୍ରସାଦ ଛାଟୋଇ, ଏକାମ୍ରର କରେଇଲା, ପ୍ରସନ୍ନ କୁମାର ପାତ୍ର ଓ ଈଶ୍ୱର ଚନ୍ଦ୍ର ନାୟକ ଉପ-ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ମନୋରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ସଂଯୁକ୍ତା ପାଢ଼ୀ ଓ ପ୍ରିୟଙ୍କା ଚକ୍ରବର୍ତ୍ତୀ ଏବଂ କୋଷାଧ୍ୟକ୍ଷ ଭାବେ ପରେଶ କୁମାର ଲେଙ୍କା ନିର୍ବାଚିତ ହୋଇଛନ୍ତି।

ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପ୍ରାୟ ଦୁଇଶହରୁ ଅଧିକ ଅଧ୍ୟାପକ/ଅଧ୍ୟାପିକା ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସହ ଉଚ୍ଚଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହାସହ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧିନିୟମ-୨୦୨୪ କାର୍ଯ୍ୟକାରୀ କରିବା, ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା ଉପରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟରେ ଆରମ୍ଭ କରାଯାଇଥିବା ଶିକ୍ଷକ ପଦ ସଂଗଠୀକରଣ (ସ୍କୁଲ୍ ଗଠନ)କୁ ବିରୋଧ କରିବା ସହ ତୁରନ୍ତ ବନ୍ଦ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି।

# କମୁଛି ବନ୍ୟା; ବଢୁଛି ଦୁର୍ଦ୍ଦଶା

## ତିନି ଦିନ ପରେ ମିଳିଲା ମୁଠେ ଶୁଖିଲା ଖାଦ୍ୟ

■ ବାଲେଶ୍ୱର(ଉତ୍ତର)/ ଭୋଗରାଇ/ବାଲିଆପାଳ/ କାଳୀପଦା, ୨୨।୬ (ସମିସ): ସୁବର୍ଣ୍ଣରେଖା ନଦୀରେ ବନ୍ୟାକୁ ତିନି ଦିନ ବିତିଛି। ବିପଦ ସଂକେତ ତଳେ ଏବେ ବନ୍ୟାଜଳ ପ୍ରବାହିତ ହେଉଥିଲେ ହେଁ ଭୋଗରାଇ ଓ ବାଲିଆପାଳରେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି।

ଭୋଗରାଇ ବ୍ଲକ୍‌ର ୮ଟି ପଞ୍ଚାୟତର ପ୍ରାୟ ୪୦ରୁ ଅଧିକ ଗାଁର ଲୋକେ ଏବେବି ପାଣିଘେରରେ ଅଛନ୍ତି। ତିନି ଦିନ ପରେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ଅଳ୍ପ କେତେକ ଗାଁରେ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ବଣ୍ଟନ କରାଯାଇଛି। ମାତ୍ର ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳର ଆବଶ୍ୟକତା ଥିବା ବେଳେ ପ୍ରଶାସନ ଯୋଗାଇବାରେ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ଏବେ ବି ବ୍ଲକ୍‌ର ଖରିଦପିପଳ, ଆରୁହାବୃତ୍ତି-୧, ନାଚିନ୍ଦା, କୁସୁଡ଼ା, ଗବ ଗାଁ, ପୁଟିଣା, କୁମ୍ଭୀରଗଡ଼ି ଓ ଜୟରାମପୁର ପଞ୍ଚାୟତର



ଅନେକ ଗାଁ ବନ୍ୟା ବନ୍ୟାଜଳ ଘେରରେ ରହିଛି। ମାତ୍ର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇନାହିଁ। ପ୍ରଶାସନ ପକ୍ଷରୁ ଭୋଗରାଇ ବ୍ଲକ୍‌ର ମାତ୍ର ୮ଟି ଗ୍ରାମରେ ଚୁଡା ଗୁଡ଼, ପାଣି ବୋତଲ ବଣ୍ଟନ କରାଯାଇଛି। ଅପରପକ୍ଷେ, ବନ୍ୟା ପାଣି ସ୍ରୋତରେ ଗତକାଲି ଭାସି ଯାଇଥିବା କୁମ୍ଭୀରଗଡ଼ି ପଞ୍ଚାୟତର କୁହ୍ଲା ଗ୍ରାମର ନବକୃଷ୍ଣ ପିଲାଙ୍କ ପୁଅ ମହେଶ୍ୱର ପିଲାଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି। ସକାଳେ ସ୍ଥାନୀୟ ଲୋକେ ନଦୀରେ ଏକ ଶବ ଭାସୁଥିବା ଦେଖି ପ୍ରଶାସନକୁ ଖବର ଦେବା ପରେ ଓଡ୍ରାଫ ଟିମ ପହଁଚି ଶବକୁ ଉଦ୍ଧାର କରିଥିଲା। ଉକ୍ତ ଶବକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ଶନିବାର ଅପରାହ୍ଣରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ବୋଟ୍ ଯୋଗେ ବନ୍ୟା ପ୍ରପୀଡ଼ିତ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ କୁମ୍ଭୀରଗଡ଼ି ପଞ୍ଚାୟତ କୁହ୍ଲା ଗ୍ରାମର ବନ୍ୟା ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଯୁବକଙ୍କ ଘରକୁ ଯାଇ କିଛି ଆର୍ଥିକ ସାହାଯ୍ୟ କରିଥିଲେ। ତା ଛଡ଼ା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ କିଛି ଆର୍ଥିକ ଆଣିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ଭୋଗରାଇ ପ୍ରଶାସନକୁ ବନ୍ୟା ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ସହିତ ବିଜେପି ନେତା ଆଶିଷ ପାତ୍ର, ମଣ୍ଡଳ ସଭାପତି ପରମାନନ୍ଦ ପରିଡ଼ା ତଥା ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

ସେହିପରି ବନ୍ୟାରେ ବାଲିଆପାଳ ବ୍ଲକର ୧୦ ପଞ୍ଚାୟତର ୫୦ରୁ ଅଧିକ ଗ୍ରାମ ବିଶେଷ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଏବେବି ଏହି ସବୁ ଗ୍ରାମରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। କୁଦମାନସିଂ, ଆଠବାଟିଆ, ରାଉତୁରାପୁର, ତଳ ବାଲିଆପାଳ, ଶୁଙ୍ଗମୁହଁ, ପାଳଚମ୍ପେ, ବିଷ୍ଣୁପୁର, ଇକଡପାଳ, ଚୌଧୁରିକୁଦ, କୁହ୍ଲାଚଡ, ବଡତାଳପଦା, ନଖପାଳ ପ୍ରଭୃତି ଗ୍ରାମ ସଂପୂର୍ଣ୍ଣ ରୂପେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ବନ୍ୟା ଯୋଗୁଁ ୨ଦିନ ହେଲା ଗ୍ରାମର ଅନେକ ଲୋକଙ୍କ ଘରେ ଚୁଲି ଜଳି ନଥିବା ବେଳେ ସେମାନେ ଭୋକ ଉପବାସରେ ଦିନ ବିତାଉଛନ୍ତି। ପିଇବା ପାଣି ପାଇଁ ଲୋକେ ସବୁଠାରୁ ଅଧିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ନଳକୂପଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ଲୋକେ ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଲୋକମାନେ ଟ୍ୟାଙ୍କର ପାଖକୁ ପାଣି ନେବା ପାଇଁ ଅଣ୍ଟେ ପେଟେ ପାଣିରେ ପଶି ରାସ୍ତା ଉପରକୁ ଆସିବାକୁ ପଡୁଛି। ଏହା ପର୍ଯ୍ୟାପ୍ତ ନୁହଁ ବୋଲି ବହୁ ବିପନ୍ନ ଅଭିଯୋଗ କରିଛନ୍ତି। ସେହିପରି ବନ୍ୟା ଯୋଗୁଁ ଗୃହପାଳିତ ପଶୁ ଘରୁ ପଦାକୁ ବାହାରି ନପାରି ଭୋକିଲା ଅଛନ୍ତି। ବନ୍ୟା ପାଣି ସମ୍ପୂର୍ଣ୍ଣ ଛାଡ଼ିବାକୁ ଆହୁରି ଦିନେ ଦୁଇଦିନ ଲାଗିବ। ତେବେ ପ୍ରଶାସନ ପକ୍ଷରୁ ଲୋକମାନଙ୍କ ପାଖରେ ରିଲିଫ ପହଂଚାଇ ନପାରିବା ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି।

ବନ୍ୟା ପରେ ଗ୍ରାମବାସୀମାନେ ଝାଡାବାନ୍ତି ରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ଥିବାରୁ ପ୍ରସାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ନଳକୂପ ଏବଂ ଗ୍ରାମ ଗୁଡିକ ବିଶୋଧନ ପାଇଁ ଦାବି ହୋଇଛି। ସେହିପରି ଶହଶହ ଏକର ଜମିରେ ହୋଇଥିବା ପରିବା ଚାଷ ପାଣିରେ ବୁଡି ରହି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ବାଲେଶ୍ୱର ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ଜ୍ୟୋତ୍ସ୍ନାରାଣି ନାୟକ ବିଭିନ୍ନ ବନ୍ୟାଅଂଚଳ ବୁଲି ସ୍ଥିତି ଉପରେ ନଜର ରଖିଛନ୍ତି। ପ୍ରଶାସନ ପକ୍ଷରୁ ୬ଟି ପଞ୍ଚାୟତର ୧୮ ହଜାର ଲୋକଙ୍କ ପାଇଁ ୯୫ କୁଇଣ୍ଟାଲ ଚୁଡା ୧୦ କୁଇଣ୍ଟାଲ ଗୁଡ ଏବଂ ପାଣି ବୋତଲ ଯୋଗାଇ ଦିଆଯାଇଥିବା ବାଲିଆପାଳ ବ୍ଲକ ବନ୍ୟା ଦାୟିତ୍ୱରେ ଥିବା ବାଲେଶ୍ୱର ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ କହିଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ୬ଟି ପାଓାର ବୋଟ ନିୟୋଜିତ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୬ଟି ଟିମ କରାଯାଇ ବିଭିନ୍ନ ଅଂଚଳରେ ସ୍ୱାସ୍ଥ୍ୟସେବା ତଦାରଖ କରାଯାଉଥିବା ଉପଜିଲ୍ଲାପାଳ ଡ. ସାମନ୍ତରାୟ କହିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଗ୍ରାମ ଗୁଡିକର ସ୍ଥିତି ଅନୁଧ୍ୟାନ କରି ଲୋକଙ୍କୁ ସହାୟତା ଯୋଗଇ ଦେବାକୁ ଦାବି ହେଉଛି।


SALE
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112



AFFIDAVIT
By virtue of an Affidavit No. 596 Dt: 12.06.2025 sworn before the Executive Magistrate, Lephripara, I Manash Ranjan Sahoo, S/o- Nityananda Sahoo R/o At/P.O./P.S.- Lephripara, Dist- Sundargarh - 770012 declare that my minor daughter SRUSTI KUMARI SAHOO changed her name to SONAKSHI SAHOO. Henceforth, she will be known as SONAKSHI SAHOO for all purposes.



NOTICE
(above 18 years of age)
By virtue of an affidavit sworn before Notary Public, Udala, Mayurbhanj, dated 21st June, 2025 I, Narayan Tudu, Address At- Badaolia, PO- Bholagadia, PS- Khunta, Dist- Mayurbhanj, PIN- 757104 declare that I have changed my name from Narayan Majhi to Narayan Tudu. Henceforth, I shall be known as Narayan Tudu for all purposes.
Narayan Tudu



NOTICE
ମୁଁ ଶ୍ରୀ କଳତା ଟୁଡୁ ବୟସ ୪୮ ବର୍ଷ, ପିତା- ସ୍ୱର୍ଗତ ସବନ ଟୁଡୁ, ସା- ଉଦଳା ୱାର୍ଡ ନଂ.-୧୨, ଜ୍ୟୋତି ନଗର, ପୋ.ଅ./ଥା- ଉଦଳା, ଜି- ମୟୂରଭଞ୍ଜ। ଏତଦ୍ୱାରା ଘୋଷଣା କରୁଅଛି କି, ମୋର ଝିଅ କୁମାରୀ ଟି. କୌଶଲ୍ୟା କୁମାରୀଙ୍କ ପ୍ରକୃତ ଜନ୍ମ ତାରିଖ ୦୨.୦୮.୨୦୦୮ ଅଟେ। ଯାହାକି ତା'ର ବୋର୍ଡ ସାର୍ଟିଫିକେଟ୍ (BSE) ରେଜିଷ୍ଟ୍ରେସନ ନଂ. B123/17249/0031 ଲେଖାଅଛି। ମାତ୍ର ତା'ର ଆଧାର ନ.- 680347351865 ରେ ଭୁଲ କ୍ରମେ ତା. ୦୮.୦୨.୨୦୦୮ ଲେଖା ଅଛି। ଏଥିପାଇଁ ଆମେ ଶ୍ରୀଯୁକ୍ତ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ କପ୍ତିପଦା, ଉଦଳାଙ୍କ ଠାରେ ନଂ.3833/21.6.25ମୂଳ ମୂଳେ ସତ୍ୟପାଠ କରିଅଛୁ।
କଳତା ଟୁଡୁ



TO-LET
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

ସକାଳ
THE SAKALA



# ନବୀନଙ୍କ ଆରୋଗ୍ୟ କାମନା କରି ଦୀପଦାନ





ତରଭା/ଶଗଡ଼ା, ୨୨।୬(ସମିସ)

ବିଜେଡି ସଭାପତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ସାମୂହିକ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ତରଭା ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ସୋନପୁର ଜିଲ୍ଲା ସଭାପତି ସରୋଜ କମ୍ପଙ୍କ ନେତୃତ୍ୱରେ ଆୟୋଜିତ ଏହି ଦୀପଦାନ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ଜନାର୍ଦ୍ଦନ ଥନାପତି ପୂଜାର୍ଚ୍ଚନା କରିଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟା ଶକୁନ୍ତଳା ପୃଷ୍ଟି, ତରଭା ଉପ ନଗରପାଳ ଗଗନ ଅଗ୍ରୱାଲ, ଶତ୍ରୁଘ୍ନ ପୃଷ୍ଟି, ବିଜେଡି ବ୍ଲକ ସଭାପତି ହେମନ୍ତ ସାହୁ, କାଉନସିଲର ସୁଜାତା ରଥ, ଆକବର ଅଲ୍ଲୀ, ନଗର ସଭାନେତ୍ରୀ ସୁମିତ୍ରା ଦଳବେହେରା, ସୁବାଷ ସେଠୀ, ମାନଭଞ୍ଜନ ମିଶ୍ର, ମଧୁସୂଦନ ପାଣ୍ଡେ, ପ୍ରଦୀପ ମାହାଣା, ସତ୍ୟନାରାୟଣ ପୁଝାହାରୀ, ମନୋଜ ପଣ୍ଡା, ଅଶ୍ୱିନୀ ବିଶି, ପରେଶ ନାଏକ, କୃପାସିନ୍ଧୁ କର୍ମୀ, ଅକ୍ଷୟ ସାହୁ, ରାମ ନାଏକ, ଉମେଶ ନାଏକଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦୀପଦାନ କରିଥିଲେ।

**ଶଗଡ଼ା:** ସେହିଭଳି କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ତରଫରୁ ମଧ ଟପର୍ଣ୍ଣା ଶିବ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଣ୍ଟାମାଳର ପୂର୍ବତନ ବିଧାୟକ ମହିଧର ରଣାଙ୍କ ସହ ବିଜେଡି ନେତା ଓ କର୍ମୀ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ ସହ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

● ପଞ୍ଜିକରଣ ପରେ ମଧ ଚାଷୀଙ୍କୁ ଟୋକନ ମିଳିନି

## ଧାନ ବିକ୍ରିକୁ ନେଇ ଅନିଶ୍ଚିତତାରେ ଚାଷୀ

ଶଗଡ଼ା, ୨୨।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ଗ୍ରାମର ସଂକୀର୍ତ୍ତନ ଦେହୁରୀ ନିଜର ୨୫ ଏକର ଜମିର ରବି ଧାନ ବିକ୍ରି ନିମନ୍ତେ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରିଛନ୍ତି; ହେଲେ ଶିମିଳି ପଦର ପ୍ୟାକ୍ସ ପକ୍ଷରୁ ତାଙ୍କୁ ଆଜି ପର୍ଯ୍ୟନ୍ତ ଟୋକନ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ଏହା ଫଳରେ ତାଙ୍କର ଧାନ ବିକ୍ରି କରିବାର ଆଶା ମଉଳି ଯାଉଛି। ଏ ନେଇ ସଂକୀର୍ତ୍ତନ ପ୍ୟାକ୍ସ ସମ୍ପାଦକଙ୍କ ସହ ଯୋଗାଯୋଗ କରିବାରୁ ସାଟେଲାଇଟର ଅସୁବିଧା ଥିବା ସନ୍ଦେହ କରାଯାଉଛି। ଧାନ ବିକ୍ରି କରିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଗୋଟିଏ ପଟେ ସରକାର ରବି ଧାନ କିଣା ପାଇଁ ସମସ୍ତ ବ୍ୟବସ୍ଥା ଠିକ୍ ଥିବା କହୁଛନ୍ତି; ହେଲେ ପଞ୍ଜିକରଣ ପରେ ମଧ ଚାଷୀଙ୍କୁ ଟୋକନ ମିଳୁନି। ଏଣୁ ସରକାରଙ୍କ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ସଂକୀର୍ତ୍ତନ ଧାନ ଅମଳ କରି ସାରିଥିବା ବେଳେ କେଉଁଠିକୁ ନେବେ ଏବଂ କେମିତି ବିକ୍ରି କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ତାଙ୍କର ୨. ୫ ଏକର ଜମି ଥାଇ ଟୋକନ ଆସିନି; ହେଲେ କମ୍ ଜମି ଥାଇ ମଧ ଅଧିକ ଧାନ ବିକ୍ରି କରିବା ପାଇଁ କେତେକ ଚାଷୀଙ୍କ ଟୋକନ ଆସିଥିବା ସେ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ଶିମିଳି ପଦର ପ୍ୟାକ୍ସ ସମ୍ପାଦକ ଅମ୍ବରୀଶ ବାଘଙ୍କୁ ପଚାରିବାରୁ ଆହୁରି ୪ଜଣ ଚାଷୀଙ୍କ ଏଭଳି ସମସ୍ୟା ହୋଇଛି। ତଥାପି ଚାଷୀଙ୍କ ଧାନ ବିକ୍ରି କରାଯିବା ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

## ମରଣଯନ୍ତା ପାଲଟିଛି ଶିଗାଡ଼ି-ମୁଣ୍ଡାପଡ଼ା କାଟରାମାଳ ରାସ୍ତା



ଶଗଡ଼ା, ୨୨।୬(ସମିସ): ବୌଦ୍ଧ ଜିଲ୍ଲାରୁ ପଡୋଶୀ କନ୍ଧମାଳ ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ଦୈନିନ୍ଦିନ ଶହ ଶହ ଲୋକଙ୍କ ସହ ଗାଡି ମୋଟର ଯାତାୟାତ କରୁଛି। ରାସ୍ତା ସମସ୍ୟା ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିଗାଡିଠାରୁ ପାଖାପାଖି ୧୦ କିଲୋମିଟର କାଟରାମାଳ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଅନ୍ୟ ସମୟରେ ଲୋକେ ଯାତାୟାତ କରୁଥିବା ବେଳେ ବର୍ଷା ଦିନେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବର୍ଷା ଯୋଗୁଁ ରାସ୍ତା ଖାଲଖମା ସହ ପାଣି ଭର୍ତ୍ତି ହେଉଥିବା ବେଳେ ଲୋକେ ଯିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୁଅନ୍ତି। ଏପରିକି ବର୍ଷା ଦିନେ ବାଇକ୍ ତ ଦୂରର କଥା ଚାଲି ଚାଲି ଯିବା ମଧ କଷ୍ଟକର ହୋଇ ପଡୁଥିବା ଲୋକେ ଅଭିଯୋଗ କରିଛନ୍ତି। ସୋନପୁର, ମନମୁଣ୍ଡା, ଶଗଡ଼ା ଅଞ୍ଚଳର ଲୋକେ ଫୁଲବାଣୀ ଯିବା ପାଇଁ ଏହି ରାସ୍ତା ସହଜ ଓ ଦୂରତା କମ୍ ହେଉଥିବାରୁ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଅନ୍ୟପଟେ କାଟରାମାଳ ଏକ ପର୍ଯ୍ୟଟନ ସ୍ଥଳ ହୋଇଥିବା ବେଳେ ଏକ ଜଳ ପ୍ରପାତ ମଧ ରହିଛି। ପର୍ଯ୍ୟଟନ ଋତୁରେ ଏହି ଜଳପ୍ରପାତକୁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ; ହେଲେ ରାସ୍ତା ସମସ୍ୟା ଯୋଗୁଁ ସେ ସ୍ଥାନକୁ ଯିବା ପାଇଁ ପର୍ଯ୍ୟଟକ ମୁହଁ ଫେରାଉଛନ୍ତି। ବର୍ଷା ହେଲେ ରାସ୍ତାରେ ଲୋକଙ୍କ ଯିବା ଆସିବା କମି ଯାଇଥାଏ। ଦୀର୍ଘଦିନ ହେବ ଅଞ୍ଚଳବାସୀଙ୍କ ଏଭଳି ରାସ୍ତା ସମସ୍ୟା ଲାଗି ରହିଥିଲେ ସୁଦ୍ଧା ସ୍ଥାନୀୟ ଲୋକ ପ୍ରତିନିଧି କି ଜିଲ୍ଲା ପ୍ରଶାସନ କାହାରି ବି ନଜର ପଡୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ଉଭୟ ବୌଦ୍ଧ ଓ କନ୍ଧମାଳ ଜିଲ୍ଲା ପ୍ରସାଶନ ମଧ ଏହି ରାସ୍ତା ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ନେଉ ନାହିଁ।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ପଥପ୍ରାନ୍ତ ସଭା

ବିନିକା, ୨୨।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକର ଛକରେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଖଣ୍ଡ ସଂଯୋଜକ ବିଶ୍ୱନାଥ ମିଶ୍ରଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ଏହି ପଥ ପ୍ରାନ୍ତସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସଂଘର ଜିଲ୍ଲା ସଂଯୋଜକ ଉଦ୍ଧବ ପଧାନ ଯୋଗଦେଇ କହିଥିଲେ ଯେ ପର୍ଯ୍ୟନ୍ତ ରାଜ୍ୟ ସରକାର ୧।୬.୨୦୦୮ରୁ ୧।୬।୨୦୧୮ ମସିହା ପର୍ଯ୍ୟନ୍ତ ଅନୁଦାନ ନିମନ୍ତେ ନୀତିଗତ ନିଷ୍ପତ୍ତି ନେଇନାହାନ୍ତି ସେ ପର୍ଯ୍ୟନ୍ତ ଏ ଅନୁଦାନ ନିମିତ୍ତ ଲଢ଼େଇ ସମଗ୍ର ରାଜ୍ୟରେ ଜାରି ରହିବ। ମାନସ ରଞ୍ଜନ ମିଶ୍ର, ମାନସ ନାୟକ, ଉଲୁଣ୍ଡା ବ୍ଲକ ଖଣ୍ଡ ସଂଯୋଜକ ସୁଶାନ୍ତ ଦେହୁରୀ, ଭୁବନେଶ୍ୱର ସାହୁ, ପ୍ରିୟରଞ୍ଜନ ହୋତା, ଶରତ କର୍ଅଁର, ଆଶିଷ ଭୋଇ, ବାଳମକୁନ୍ଦ ବାରିକ, ସରୋଜ ବିଶି, ସୁଜିତ ଭୋଇ, ସୁମନ୍ତ ସାହୁ, ଟଙ୍କଧର ପଧାନ ପ୍ରମୁଖ ଉପସ୍ଥିତ ଥିଲେ।




## ଅବଧି ସରିଗଲା ପଛେ ସମ୍ପୂର୍ଣ୍ଣ ହୋଇପାରିଲାନି ସେତୁ

ଶଗଡ଼ା, ୨୨।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମଲିକୁଦ ଚିଚେଡ଼ ନାଳ ଉପରେ ପୋଲ ନିର୍ମାଣ କାମର ଅବଧି ସରି ଗଲାଣି; ହେଲେ ଏହି ସେତୁ କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବୌଦ୍ଧ ଜିଲ୍ଲା ମନମୁଣ୍ଡାଠାରୁ କଣ୍ଟାମାଳ ଦେଇ ଖୁଣ୍ଟିଗୋରାକୁ ସଂଯୋଗ କରୁଥିବା ରାସ୍ତାର ମଲିକୁଦ ନିକଟ ଏହି ନାଳ ଉପରେ ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ଏହା ଭିତରେ ନିର୍ମାଣ ଶେଷ ତାରିଖର ଅବଧି ସରି ଯାଇଛି। ଲୋକଙ୍କ ଗମନାଗମନ ପାଇଁ ଏକ ଡାଏଭର୍ସନ ରାସ୍ତା ନିର୍ମାଣ ହୋଇଛି; କିନ୍ତୁ ତାହା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ଡାଏଭର୍ସନ ରାସ୍ତା ଦେଇ ଲୋକେ ବହୁ ଅସୁବିଧାରେ ଯାତାୟତ କରୁଛନ୍ତି। ବୌଦ୍ଧ ଜିଲ୍ଲାର ୪୧ ନମ୍ବର ରାଜ୍ୟ ରାଜପଥ ଉପରେ ୭କୋଟି ୮୬ଲକ୍ଷ ବ୍ୟୟ ଅଟକଳରେ ତିଆରି ହେବାକୁ ଥିବା ଏହି ପୋଲର ନିର୍ମାଣ କାର୍ଯ୍ୟ ଶ୍ୟାମଜୀ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ଼କୁ ମିଳିଥିଲା; ହେଲେ ପ୍ରଶାସନିକ ଅବହେଳା ଓ ଠିକାଦାରଙ୍କ ମନମାନି ଯୋଗୁଁ ଏହି ପୋଲ କାମ ଆଶାନୁରୂପ ଭାବେ ଆଗେଇ ପାରୁନି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ଯାନବାହାନ ଯାତାୟତ କରୁଛି। ବର୍ଷା ଦିନେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ରାସ୍ତା ବ୍ୟତୀତ ଅନ୍ୟ ଏକ ରାସ୍ତା ଦେଇ ମଲିକୁଦକୁ ଗଲେ ପ୍ରାୟ ୫କିମି ବୁଲିବାକୁ ପଡୁଛି। ତେବେ ଘଟଣା ସମ୍ପର୍କରେ କଣ୍ଟାମାଳ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ରବି ନାରାୟଣ ଅଚାରୀଙ୍କୁ ପଚାରିବାରୁ ସେତୁ କାମ ବିଳମ୍ବକୁ ସ୍ୱୀକାର କରିଛନ୍ତି। ଏହି ବର୍ଷ ଶେଷ ସୁଦ୍ଧା କାମ ସରିବ ବୋଲି କହିଛନ୍ତି।



## ଗୁଡବାହାଲିରେ ଦୀର୍ଘ ବର୍ଷ ହେଲା ପାନୀୟ ଜଳ ସମସ୍ୟା



ବୌଦ୍ଧ, ୨୨।୬(ସମିସ): ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଗୁଡ଼ବାହାଲି ଗ୍ରାମରେ ଦୀର୍ଘ ବର୍ଷରୁ ପାନୀୟ ଜଳର ସମସ୍ୟା ଲାଗି ରହିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ୨୦ ପରିବାର ପାଇଁ ଏକ ମାତ୍ର ନଳକୂପ ଅଛି। ସେଥିରୁ ପୁଣି ପାଣି ବାହାରୁନାହିଁ। ଘଣ୍ଟା ଘଣ୍ଟା ଧରି ନଳକୂପ ମାରିଲେ ପାଣି ବାଲଟିଏ ବାହାରିବା କଷ୍ଟକର ହୋଇ ପଡୁଛି। ଏହାଫଳରେ ଗ୍ରାମର ମହିଳାମାନେ ଚାଲି ଚାଲି ୩ କିଲୋମିଟର ଦୂରରୁ ପାଣି ଆଣି ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ତେବେ ଏ ସମ୍ପର୍କରେ ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୋନପୁର, ୨୨।୬(ସମିସ): ସୋନପୁର ସଦର ବ୍ଲକ ଜାମପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମ ଶଙ୍କର ସାହୁ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ସରଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରଠାରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ପ୍ରତାପପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୁଭ୍ରକାନ୍ତୀ ଗୁରୁ ସଂଯୋଜନା କରିଥିଲେ। ଅନ୍ୟପକ୍ଷେ ବାଙ୍କବିଜା ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେଇଥିବା ଶିକ୍ଷକ ଠାକୁର ନାଏକଙ୍କୁ ସ୍ୱାଗତ କରାଯାଇଥିଲା। ସିଆରସିସି ପ୍ରସନ୍ନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



## ସତ୍ୟ ସାଇ ସେବା ସଙ୍ଗଠନ ତରଫରୁ ରକ୍ତଦାନ ଶିବିର



ବୌଦ୍ଧ, ୨୨।୬(ସମିସ): ବୌଦ୍ଧ ସହରରେ ଅବସ୍ଥିତ ସାଇ ମନ୍ଦିରଠାରେ ସତ୍ୟସାଇ ସେବା ସଙ୍ଗଠନ ତରଫରୁ ପ୍ରେମ ସଞ୍ଜୀବନୀ ନାମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲପାଳ ଅନିରୁଦ୍ଧ ପ୍ରଧାନ, ଡ. ପ୍ରବୀର ଦାସ ଯୋଗ ଦେଇଥିଲେ। ଏଥିରେ ସଂଗଠନର ୨୪ ଜଣ ସଦସ୍ୟ ରକ୍ତଦାନ କରିଥିଲେ। ନବ କିଶୋର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଭୋଇ ସହଯୋଗ କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବି କେ ଆର୍ ସି ହେମ୍ବ୍ରମ ଏବଂ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

## ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଉପସଚିବଙ୍କ ବୌଦ୍ଧ ଗସ୍ତ



ବୌଦ୍ଧ, ୨୨।୬(ସମିସ): ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଉପସଚିବ ସତୀଶ କୁମାର ସିଂହ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଆଦିବାସୀ କଲ୍ୟାଣକାରୀ ବିଭିନ୍ନ ଯୋଜନା ଓ ପଦକ୍ଷେପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ସେହିଭଳି ଆମ୍ବାଗାଁ, ଉମା, ଖୁଣ୍ଟିଗୋରା ପଞ୍ଚାୟତ ସହ ଗୋଛାଗୋରା ଗାଁ ପରିଦର୍ଶନ କରିଥିଲେ।

## ତରଭା ଏନ୍ଏସି ପକ୍ଷରୁ ଚାରାରୋପଣ



ତରଭା, ୨୨।୬(ସମିସ): ତରଭା ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ନୂତନ ଟାଉନ ହଲରେ ଯୋଗ କାର୍ଯ୍ୟକ୍ରମ ସହ ଚାରା ରୋପଣ କରାଯାଇଛି। ଏହି ଅବସରରେ ଉପ ନଗରପାଳ ଗଗନ ଅଗ୍ରୱାଲ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଯୋଗା ପ୍ରଶିକ୍ଷକ ସଞ୍ଜୟ ବଗର୍ତି ଏବଂ ରାଜେନ୍ଦ୍ର ବିଜୟ ସାହୁଙ୍କ ନେତୃତ୍ୱରେ ସାମୂହିକ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୟପ୍ରକାଶ ନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକ, କାଉନସିଲର ଆକବର ଅଲ୍ଲୀ, ଗୋଲାପି ବର୍ମା, ନମିତା ମହାନ୍ତି, ଅଞ୍ଜନା ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## କମଳପୁରର ବିଦ୍ୟାଳୟର ବାର୍ଷିକ ଉତ୍ସବ




ବୌଦ୍ଧ, ୨୨।୬(ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ କମଳପୁରସ୍ଥିତ ପ୍ରାଇସ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ନୂତନ ବିଦ୍ୟାଳୟ ଗୃହର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ ଆନନ୍ଦ ମାର୍ଗ ସନ୍ୟାସୀ ଆଚାର୍ଯ୍ୟ ମର୍ମ ଦେବାନନ୍ଦ, ଆଚାର୍ଯ୍ୟ ପ୍ରିୟ କୃଷ୍ଣାନନ୍ଦ ଅବଧୂତ, ବିଦ୍ୟାଳୟର ନିର୍ଦ୍ଦେଶକ କିଶୋର ପ୍ରଧାନ ଓ ଅଧ୍ୟକ୍ଷ ମନୋଜ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

## ସୋନପୁର କଲେଜ ଆଲୁମିନି ସଂଘର ବୈଠକ




ସୋନପୁର, ୨୨।୬(ସମିସ): ସୋନପୁର ମହାବିଦ୍ୟାଳୟର ଆଲୁମିନି ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ମହାବିଦ୍ୟାଳୟକୁ କିଭଳି ସରକାରୀ ମାନ୍ୟତା ମିଳିପାରିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହା ସହ ପାଣ୍ଠି ସଂଗ୍ରହ ଉପରେ ମଧ ବିଶେଷ ଭାବରେ ଯୋଜନା କରାଯାଇଥିଲା। ସଂଘ ସଭାପତି ଡ. ପ୍ରଫୁଲ୍ଲ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଦେଷ୍ଟା ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ଭାରତ ଭୂଷଣ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଯୋଜକ ସୁଦାମ ଚରଣ ମିଶ୍ର ସଭା ପରିଚାଳନା କରିଥିଲେ।

## ଜଷ୍ଟିସ୍ ସାବିତ୍ରୀ ରଥଙ୍କ କୁଲାରୀକୁଦ ଇକୋ ପାର୍କ ପରିଦର୍ଶନ

ବୌଦ୍ଧ, ୨୨।୬(ସମିସ): ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସାବିତ୍ରୀ ରଥ ମର୍ଜାକୁଦ ନିକଟ କୁଲାରୀ କୁଦ ଇକୋ ପାର୍କ ପରିଦର୍ଶନ କରିଛନ୍ତି। ଚତୁଃପାର୍ଶ୍ୱରେ ମହାନଦୀ ପରିବେଷ୍ଟିତ ଉକ୍ତ କୁଲାରୀ କୁଦର ପ୍ରାକୃତିକ ପରିବେଶକୁ ଜଷ୍ଟିସ୍ ରଥ ଉପଭୋଗ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଜିଲ୍ଲା ଓ ଦୌରା ଜଜ ପ୍ରତାପ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ରାସ୍ତା କାମ ନ କରି ସରକାରୀ ଟଙ୍କା ହଡ଼ପ





ମନମୁଣ୍ଡା, ୨୨।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଲାସପୁର ପଞ୍ଚାୟତ ଦୀନବନ୍ଧୁପୁର (ନୂଆଗାଁ)ରେ ରାସ୍ତା କାମ ନ କରି ସରକାରୀ ଟଙ୍କା ହଡପ କରାଯାଇଛି। ଗ୍ରାମ୍ୟ ରାସ୍ତା ଉନ୍ନତିକରଣ ପାଇଁ କଣ୍ଟାମାଳ ବ୍ଲକ ତରଫରୁ ୫ମ ଏସଏଫସିଜିଏଲଏ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଥିଲା; କିନ୍ତୁ ବିଭାଗୀୟ ଅଧିକାରୀ ଏହି ରାସ୍ତାରେ କୌଣସି ପ୍ରକାର କାର୍ଯ୍ୟ କରି ନାହାନ୍ତି; ହେଲେ ୨ ଲକ୍ଷ ୧୯୧୯ ଟଙ୍କା ଉଠାଇ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଆମ୍ବେଦକର ଦଳିତ ସମାଜ ବିକାଶ ପରିଷଦ ବୌଦ୍ଧର ଜିଲ୍ଲା ସମ୍ପାଦକ ମହାଦେବ କଲତା ଏ ନେଇ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ବ୍ଲକ ତରଫରୁ ୨୦୨୦-୨୧ ମସିହାରେ ଏହି ରାସ୍ତା କାମ ହୋଇଥିବା ଏକ ଫଳକ ରହିଛି; ହେଲେ ରାସ୍ତାରେ ମୋରମ ମୁଠାଏ ମଧ ପଡ଼ିନି। ଏହିପରି ଦୁର୍ନୀତି ବିରୋଧରେ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଭୟରେ କେହି ମୁହଁ ଖୋଲୁ ନାହାନ୍ତି। ତେବେ ଏନେଇ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ କାମ ସବୁ ଠିକ୍ ହୋଇଛି। କିଛି ଟଙ୍କା ଆତ୍ମସାତ କରାଯାଇନାହିଁ। ଅଭିଯୋଗ ସବୁ ମିଥ୍ୟା ବୋଲି କହିଥିଲେ। ସୂଚନାଯୋଗ୍ୟ, ବିଲାସପୁର ପଞ୍ଚାୟତର ଅନେକ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇଯାଇଛି।

ବୀରନରସିଂହପୁର ମାର୍କେଟ ୟାର୍ଡରେ ୯ ଚାଷୀଙ୍କ ଧାନ ଜବତର ପ୍ରତିବାଦ

## ଏଆର୍‌ସିଏସ୍, ଆର୍‌ଏମ୍‌ସି ସମ୍ପାଦକଙ୍କୁ ତାଲା ପକାଇଦେଲେ ଚାଷୀ

ବୌଦ୍ଧ, ୨୨।୬(ସମିସ)

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରନରସିଂହପୁର ମାର୍କେଟ ୟାର୍ଡରେ ମଥୁରା ପାକ୍ସର ୯ ଜଣ ଚାଷୀଙ୍କ ଧାନ ପ୍ରଶାସନ ଜବତ କରିବା ଘଟଣାର ଚାଷୀ ପ୍ରତିବାଦ କରିଛନ୍ତି। ଉତ୍ୟକ୍ତ ଚାଷୀ ମାର୍କେଟ ୟାର୍ଡରେ ତାଲା ପକାଇ ଦେଇଛନ୍ତି। ଏହାଫଳରେ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଫକୀର ଚରଣ ବାଘ ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ୟାର୍ଡ ମଧ୍ୟରେ ରହି ଯାଇଥିଲେ। ଗତ ୧୯ ତାରିଖ ଦିନ ମଥୁରା ପାକ୍ସର ୯ ଜଣ ଚାଷୀ ଟୋକନ ପାଇ ମଣ୍ଡିକୁ ଧାନ ଆଣି ରଖିଥିଲେ। ପାକ୍ସ ସମ୍ପାଦକଙ୍କୁ ପଞ୍ଚାୟତକୁ ଆସିଥିବା ବିକାଶ ବାହନ ରଥ କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ନିୟୋଜିତ କରିଥିଲା। ଏଣୁ ଚାଷୀଙ୍କ ନାମ ମଣ୍ଡି ଧାନ ଆଗମନ ଖାତାରେ ଚଢି ପାରି ନ ଥିଲା। ଏହି ସମୟରେ ମଣ୍ଡି ପରିଦର୍ଶନରେ ଯାଇଥିବା ଉପ ଜିଲ୍ଲାପାଳ ପ୍ରବୀଣ ବାଣ୍ଡୁଆ ଚାଷୀଙ୍କ ଧାନକୁ ବେଆଇନ ଧାନ ଦର୍ଶାଇ ଜବତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ଫଳରେ ୨ ଦିନ ହେଲା ମଣ୍ଡିରେ ଧାନ ପଡ଼ି ରହିଛି। ରବିବାର ସନ୍ଧ୍ୟାରେ ମଣ୍ଡି ପରିଦର୍ଶନରେ ଯାଇଥିବା ଏଆରସିଏସ ଓ ଆରଏମସି ସମ୍ପାଦକ ମଣ୍ଡି ଭିତରେ ଥିବା ବେଳେ ଚାଷୀ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ।



■ କଣ୍ଟାବାଞ୍ଜି ବନ ବିଭାଗର ଚଢ଼ଉ

# ଲକ୍ଷାଧିକ ଟଙ୍କାର ଖଇର କାଠ ଓ କେନ୍ଦୁଗଣ୍ଡି ଜବତ

**କଣ୍ଟାବାଞ୍ଜି, ୨୨।୬(ସମିସ):** ବଲାଙ୍ଗିର ଜିଲ୍ଲାର ଜଙ୍ଗଲପାହାଡ଼ ଘେରା ସବୁଜ ବଣରେ ଭରପୁର କଣ୍ଟାବାଞ୍ଜି ରେଞ୍ଜ ଅଞ୍ଚଳରେ କାଠ ମାଫିଆ ସକ୍ରୀୟ ହୋଇ ଟ୍ରକ ଜରିଆ ରାଜ୍ୟ ବାହାରକୁ ବେଆଇନ ଭାବେ ମୂଲ୍ୟବାନ କାଠ ଚାଲାଣ କରୁଛି। ଏକ ନିଛାଟିଆସ୍ଥାନରେ କୁଇଣ୍ଟାଲ କୁଇଣ୍ଟାଲ ଖଇର ଓ କେନ୍ଦୁଗଣ୍ଡି ଗଛିତ ରଖିଥିବା ବେଳେ କଣ୍ଟାବାଞ୍ଜି ବନ ବିଭାଗ ଚଢ଼ଉ କରି କାଠ ଜବତ କରିଛି। ସୂଚନା ଅନୁସାରରେ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବନ୍ୟାଞ୍ଚଳ ଅଧିନସ୍ଥ ଧାମନଡଙ୍ଗାରୁ କୁକୁଡ଼ାହାଡ ଯିବା ରାସ୍ତାର ଏକ ନିଛାଟିଆ ସ୍ଥାନରେ କାଠ ମାଫିଆମାନେ ଲକ୍ଷାଧିକ ଟଙ୍କାର ଖଇର କାଠ ଓ କେନ୍ଦୁ ଗଣ୍ଡି ଗଛିତ ରଖି ଚାଲାଣ କରିବାକୁ ପୁରା ପ୍ରସ୍ତୁତି କରିଥିଲେ। କୌଣସି ସୂତ୍ରରୁ କଣ୍ଟାବାଞ୍ଜି ବନ ବିଭାଗ ଚଢ଼ଉ କରି ୧୦ଟନ୍‌ରୁ ଊର୍ଦ୍ଧ୍ୱ ଖଇର କାଠ ଓ ଏକ ଟ୍ରାକ୍ଟର କେନ୍ଦୁ ଗଣ୍ଡି ଜବତ କରିଛି। ହେଲେ ବନ ବିଭାଗ ମାଫିଆ କିମ୍ବା କୌଣସି କାଠ ଚାଲାଣ ଯାନବାହାନ ଧରି ପାରିନାହିଁ। ମୁଖ୍ୟ କାଠ ମାଫିଆଙ୍କୁ ଧରିବାକୁ ବନ ବିଭାଗ ତଦନ୍ତ ଆରମ୍ଭ କରିଥିବା ବେଳେ ଜବତ ହୋଇଥିବା ସମସ୍ତ କାଠ କଣ୍ଟାବାଞ୍ଜି ବନ ବିଭାଗ କାର୍ଯ୍ୟାଳୟକୁ ନିଆଯିଉଥିବା ବନପାଳ ସୁନିଳ ଛତ୍ରିଆ ପ୍ରକାଶ କରିଛନ୍ତି। ସେପଟେ ଅନେକ ବର୍ଷ ହେଲା କଣ୍ଟାବାଞ୍ଜି ରେଞ୍ଜର ବିଭିନ୍ନ ଅଞ୍ଚଳରୁ ରାଜ୍ୟ ବାହାରକୁ ଲଗାତର ଭାବରେ ଚାଲାଣ ହେଉଛି ମୂଲ୍ୟବାନ କାଠ। ଛତିଶଗଡ଼ର ଜଣେ ପ୍ରଭାବଶାଳି କାଠ ମାଫିଆ ଏହି ଅଞ୍ଚଳ ଟ୍ରକ୍ ଯୋଗେ ହଜାର ହଜାର କୁଇଣ୍ଟାଲ କାଠ ନେଇ ସେଠାରେ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ମାଲେମାଲ ହେଉଥିବା ଜଣାପଡ଼ିଛି। ତେବେ କାଠ ମାଫିଆଙ୍କୁ ଧରିବାକୁ ବନ ବିଭାଗ କେତେ ତତ୍ପରତା ପ୍ରକାଶ କରୁଛି ଦେଖିବାକୁ ରହିଲା।



# ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କୁ ଧରିପାରୁନି କେସିଙ୍ଗା ପୁଲିସ

**କେସିଙ୍ଗା, ୨୨।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳରେ ଅନେକ ଚିଟଫଣ୍ଡ ଜମାକାରୀ ଠକେଇର ଶିକାର ହୋଇଛନ୍ତି। କଷ୍ଟ ଉପାର୍ଜିତ ଟଙ୍କା ଫେରି ପାଇବା ଆଉ ସେମାନଙ୍କ ଆଶା ନାହିଁ। ବର୍ଷ ପରେ ବିତି ଚାଲିଛି; ହେଲେ ପୁଲିସ ଚିଟଫଣ୍ଡ ଠକକୁ ଗିରଫ କରିପାରୁନି। ଏହି ଠକ ଜଣକ ହେଉଛି ଭଦ୍ରକ ଜିଲ୍ଲା ଜଗନ୍ନାଥପୁରର ସରୋଜ ରାଉଳ। ଜନ୍ମଭୂମି ଗ୍ରୁପ ନାମକ ଏକ କମ୍ପାନୀର ମାଲିକ କହି ସେ କଳାହାଣ୍ଡି ଜିଲ୍ଲାରେ କାରବାର ଚଳାଇଥିଲା। କମ୍ପାନୀ ନାମରେ ଥିବା ବିଭିନ୍ନ ପ୍ରକାର ମାନପତ୍ର ଦେଖାଇ କଳାହାଣ୍ଡି ଜିଲ୍ଲାର ଅନେକ ଗରିବ, ଅସହାୟ ବ୍ୟକ୍ତିଙ୍କୁ ଠକିଥିଲା। ଅନେକ ପ୍ରକାର ଆଶା ଓ ଲାଭ ଦେଖାଇ ଥିଲା। ବିଭିନ୍ନ ପ୍ରକାର ମିଛ ସୂଚନା ଓ ପ୍ରମାଣ ବଳରେ ସହଜରେ ଗରିବ ଲୋକଙ୍କୁ ତା ଠକେଇ ଜାଲରେ ପକାଇ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିଲା। ଏହି ଠକେଇରେ କେସିଙ୍ଗା ବ୍ଲକ କିକିଆ ଗ୍ରାମର ଜଣେ ବ୍ୟକ୍ତି ସରୋଜକୁ ସାହାଯ୍ୟ କରୁଥିଲା। ଓଡ଼ିଶାରେ ଯେବେ ସରକାରଙ୍କ ତରଫରୁ ଚିଟଫଣ୍ଡ ଠକେଇ ସମ୍ବନ୍ଧରେ ଖବର ପ୍ରକାଶିତ ପାଇଲା ଲୋକ ସଚେତନ ହୋଇଥିଲେ। ଏହାପରେ ସରୋଜକୁ ପଇସା ଫେରସ୍ତ କରିବା ପାଇଁ ଜମାକାରୀ କହିଥିଲେ। ସେ ବିଭିନ୍ନ ପ୍ରକାର ବାହାନା କରି ଟଙ୍କା ଫେରସ୍ତ କଲା ନାହିଁ। ବରଂ ଲୋକଙ୍କୁ ଧମକ ଚମକ ଦେବା ଆରମ୍ଭ କଲା। ଲୋକେ ସ୍ଥାନୀୟ ଥାନାକୁ ଜଣାଇଥିଲେ; କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏଣୁ କେସିଙ୍ଗା ବ୍ଲକ ଉକ୍ରେଲା ଗ୍ରାମର ଓମ ପ୍ରକାଶ ନାଗ ଏବଂ ଯଦୁମଣି ମହାପାତ୍ର ନାମକ ଦୁଇ ଜଣ ଯୁବକ କୋର୍ଟରେ ଆଶ୍ରୟ ନେଇଥିଲେ। କେସିଙ୍ଗା ଜେଏମ୍‌ଏଫ୍‌ସିରେ ଏକ ମାମଲା ରୁଜୁ କରାଯାଇଥିଲା। ଅପରାଧୀଙ୍କୁ କୋର୍ଟରେ ହାଜର କରିବା ପାଇଁ ଆଦେଶ ଦିଆଯାଇଥିଲା; କିନ୍ତୁ ସେତେବେଳର କେସିଙ୍ଗା ଆଇଆଇସି ଅଭିଯୁକ୍ତକୁ ଅଦାଲତରେ ହାଜର କରିପାରି ନ ଥିଲେ। ୨୫।୯।୨୦୧୫ରୁ ୨୨।୧୦।୨୦୨୪ ପର୍ଯ୍ୟନ୍ତ କେସିଙ୍ଗା ଜେଏମ୍‌ଏଫ୍‌ସି ସ୍ଥାନୀୟ ଥାନାକୁ ଅନେକ ଆଦେଶ ପତ୍ର ଦେଇଛି; କିନ୍ତୁ କେସିଙ୍ଗା ପୁଲିସ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇପାରୁନାହିଁ।

## ଦୁର୍ନୀତିର ଗନ୍ତାଘର ପାଲଟିଛି ନୂଆପଡ଼ା ଜିଲ୍ଲା ଶିକ୍ଷା ବିଭାଗ

# ଡେପୁଟେସନ ନାଁରେ ହାତ ଚିକ୍କଣ କରୁଛନ୍ତି କିରାଣି

**ନୂଆପଡ଼ା, ୨୨।୬(ସମିସ)**

ନୂଆପଡ଼ା ଭଳି ଏକ ଉପାନ୍ତ ଜିଲ୍ଲାରେ ଥିବା ଶିକ୍ଷା ବିଭାଗ କାର୍ଯ୍ୟାଳୟ ଲାଭଖୋର କିରାଣି, କର୍ମଚାରୀଙ୍କ କବଜାରେ ରହିଛି। ଜିଲ୍ଲାପାଳ ତଥା ରାଜ୍ୟ ସରକାରଙ୍କ ଆଖିରେ ଧୂଳି ଦେଇ ବ୍ୟାପକ ଅନିୟମିତତା କରାଯାଉଛି। ନୂଆପଡ଼ା ଜିଲ୍ଲା ଶିକ୍ଷା ବିଭାଗରେ କେତେକ କର୍ମଚାରୀ ବର୍ଷ ବର୍ଷ ଧରି ଆସ୍ଥାନ ଜମାଇ ବସିଛନ୍ତି। ନେତା ଏବଂ ପ୍ରଶାସକଙ୍କୁ ହାତ କରି ଶହ ଶହ ଶିକ୍ଷକ, କର୍ମଚାରୀଙ୍କୁ ଡେପୁଟେସନ କରି ଟଙ୍କା ରୋଜଗାର କରୁଥିବା ଅଭିଯୋଗ ହେଉଛି। ତେବେ ବଦଳି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ଅନଲାଇନରେ ଆବେଦନ ପ୍ରକ୍ରିୟା କରାଯାଇଛି। ଅତି ଜରୁରୀକାଳୀନ ସ୍ଥିତିରେ ଜିଲ୍ଲାପାଳଙ୍କ ମଞ୍ଜୁରୀକ୍ରମେ ଶିକ୍ଷକ ଡେପୁଟେସନ କରାଯିବାର ନିୟମ ରହିଛି; ହେଲେ ଏସବୁକୁ ଖାତିର ନ କରି ଶହ ଶହ ଡେପୁଟେସନ କରି ଟଙ୍କା ସଂଗ୍ରହ କରାଯାଇଥିବା ଚର୍ଚ୍ଚା ହେଉଛି। ୨ ବର୍ଷ ମଧ୍ୟରେ ନୂଆପଡ଼ା ବ୍ଲକରେ ୪୩ଜଣଙ୍କ ଡେପୁଟେସନ ସମେତ ସାରା ଜିଲ୍ଲାରେ ୨ଶହରୁ ଅଧିକ ଶିକ୍ଷକଙ୍କ ଡେପୁଟେସନରେ ବଦଳି କରାଯାଇଛି। ନିକଟରେ କୋମନା ବ୍ଲକର ୫ଜଣ ଶିକ୍ଷକଙ୍କୁ ଡେପୁଟେସନ କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ପ୍ରତ୍ୟେକଙ୍କଠାରୁ ୩୦ହଜାର ଟଙ୍କା ସଂଗ୍ରହ କରାଯାଇଥିବା କୁହାଯାଉଛି। ଏହା ଡିଏଲଟିସି ଦ୍ୱାରା ମଞ୍ଜୁରୀ କରାଯାଇ ନ ଥିବା ବେଳେ କମ୍ ଶିକ୍ଷକ ଥିବା ବିଦ୍ୟାଳୟରୁ ମଧ୍ୟ ଶିକ୍ଷକଙ୍କୁ କାଢି ନିଆଯାଇଥିବା ନଜିର ରହିଛି। ଏପରିକି ଶିକ୍ଷକମାନଙ୍କ ଅନିଚ୍ଛାରେ ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗର ପତ୍ର (୧୩୪୫୩/୨୫) ଅନୁସାରେ ବଦଳି ସମାନୁପାତିକରଣ ସକାଶେ ନିର୍ଦ୍ଦେଶ କରାଯାଇଛି। ଏହି ଅନୁଯାୟୀ ନୂଆପଡ଼ା ଜିଲ୍ଲାରେ ମଧ୍ୟ ଏହାର କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ କଡାକଡି ନିର୍ଦ୍ଦେଶ କରିଛନ୍ତି। ବର୍ତ୍ତମାନ ଏଥି ସକାଶେ ଶିକ୍ଷକମାନେ ଅନଲାଇନ ଯୋଗେ ଆବେଦନ ମଧ୍ୟ କରୁଛନ୍ତି; ହେଲେ କେତେକ କିରାଣି, ଅଧିକାରୀ ମଧୁଚନ୍ଦ୍ରିକା କରି ଅଫଲାଇନରେ ଡେପୁଟେସନ ଚଳାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଉଦାହରଣ ଭାବେ କୋମନା ବ୍ଲକରେ କେତେଜଣଙ୍କୁ ଏଭଳି ଡେପୁଟେସନରେ ବଦଳି କରାଯାଇଛି। ଜିଲ୍ଲାପାଳଙ୍କ ବିନା ଅନୁମୋଦନରେ ଏହି ବଦଳି ହୋଇଛି। ଜିଲ୍ଲାପାଳଙ୍କ ନିବାସ କାର୍ଯ୍ୟାଳୟରୁ ମାତ୍ର ୩ଶହ ମିଟର ଦୂରରେ ଏଭଳି କଳାକାରନାମା ଚାଲୁଛି।

**ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର**

# ଲୋକଙ୍କ ଆସ୍ଥା ହରାଉଛି ଜୁନାଗଡ଼ ଏନ୍‌ଏସି

**ଜୁନାଗଡ଼, ୨୨।୬(ସମିସ):** ରାଜ୍ୟର ଅନ୍ୟତମ ପୁରାତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଜୁନାଗଡ଼। ୧୯୭୦ ମସିହାରୁ ପ୍ରତିଷ୍ଠିତ ଏହି ଏନଏସି ଅବ୍ୟବସ୍ଥା ଘେରରେ ଚାଲିଛି। ଏହା ଉପରେ ନିର୍ଭରଶୀଳ ଲୋକେ ବ୍ୟାପକ ହଇରାଣ ହେଉଥିବା ଅଭିଯୋଗ ହେଉଛନ୍ତି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଭୟ ଧର୍ମଗଡ଼ ଓ ଜୁନାଗଡ଼ ଦାୟିତ୍ୱରେ ରହିଛି। ବିଭିନ୍ନ କାର୍ଯ୍ୟ ଯୋଗୁଁ ଲୋକେ କାର୍ଯ୍ୟାଳୟକୁ ଆସୁଥିଲେ ହେଁ ତାଙ୍କୁ ନ ପାଇ ହଇରାଣ ହେଉଛନ୍ତି। ସମ୍ପ୍ରତି ଡାଇରିଆକୁ ନେଇ ସମଗ୍ର ରାଜ୍ୟରେ ଏକ ସମ୍ବେଦନଶୀଳ ବାତାବରଣ ସୃଷ୍ଟି ହୋଇଛି। ଜୁନାଗଡ଼ ଏନଏସି କିନ୍ତୁ ଏଥିପ୍ରତି ସମ୍ବେଦନଶୀଳ ନୁହେଁ ବୋଲି ଆଲୋଚନା ହେଉଛି। ବିଭିନ୍ନ ୱାର୍ଡର ନାଳନର୍ଦ୍ଦମା ଦୟନୀୟ ଅବସ୍ଥାରେ ରହିଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ନେଇ ମଧ୍ୟ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏପରି ସ୍ଥଳେ ସ୍ଥାନୀୟ ପ୍ରଶାସନ ଏସବୁକୁ ଗୁରୁତ୍ୱ ଦେବା ବଦଳରେ କିପରି ଉନ୍ନୟନମୂଳକ କାର୍ଯ୍ୟ ନାଁରେ ଠିକା କାମ କରି ଲୁଣ୍ଠନ କରିବେ ଏହାର ବ୍ୟବସ୍ଥା କରୁଥିବା ଅଭିଯୋଗ ହେଉଛି। କର୍ମଚାରୀମାନେ ଅଫିସରେ ଅନେକ ସମୟରେ ଅନୁପସ୍ଥିତ ରହୁଛନ୍ତି। ସହରରେ ନ ରହି ଭବାନୀପାଟଣାରେ ରହୁଛନ୍ତି। ଦୀର୍ଘ ଦିନରୁ ରହି ଆସୁଥିବା ଯନ୍ତ୍ରୀମାନେ ଇନ୍ଦ୍ରଚନ୍ଦ୍ର ମାନୁ ନାହାନ୍ତି। ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ସରକାରୀ ସ୍ତରରେ ହେଉଥିବା ପ୍ରସାର ପ୍ରଚାର କାର୍ଯ୍ୟକ୍ରମଗୁଡିକୁ ଅନ୍ଧାରରେ ରଖିବା ଚେଷ୍ଟା କରାଯାଉଛି। ପରିମଳ ବ୍ୟବସ୍ଥା ପରିଚାଳନା, ବିଦ୍ୟୁତ୍ ଯୋଗାଣ, ଶୌଚାଳୟ ଅବ୍ୟବସ୍ଥା ଆଦି ଅନେକ ସମସ୍ୟାରେ ସହରବାସୀ ତଳିତଳାନ୍ତ ହେଉଛନ୍ତି। ତେବେ ଏ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଗଲେ ମଧ୍ୟ ଅଧିକାଂଶ ସମୟ ଅଧିକାରୀଙ୍କ ମୋବାଇଲ ବନ୍ଦ ରହୁଛି। ଯେତେ ବେଳେ ଅନ୍ ହୁଏ ଅଧିକାରୀ କୌଣସି ସାଧାରଣ ଲୋକଙ୍କ ଫୋନ୍ ଉଠାନ୍ତି ନାହିଁ। ଏଥିପାଇଁ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

# ଭାରତୀୟ କିଷାନ ସଂଘର ସମ୍ମିଳନୀ



**ସଇଁତଲା, ୨୨।୬(ସମିସ):** ସଇଁତଲା ସ୍ଥିତ କଲ୍ୟାଣ ମଣ୍ଡପରେ ଭାରତୀୟ କିଷାନ ସଂଘର ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛିଫ ଏଥିରେ କିସାନ ସଙ୍ଘ ରାଜ୍ୟ ସମ୍ପାଦକ ମୋହନ ଚରଣ ନାଏକ ମୁଖ୍ୟ ଅତିଥି, ଜିଲ୍ଲା ସଭାପତି ଡ଼ା.ଶଶିଭୂଷଣ ସାହୁ, ଜିଲ୍ଲା ସମ୍ପାଦକ ଚନ୍ଦ୍ରଭାନୁ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତୀୟ କିସାନ ସଂଘର ବାରମ୍ବାର ଦାବି ଫଳରେ ଦେଓଗାଁ ଚିନିକଳ ପୁନଃ ଚାଲୁ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଲେ ବୋଲି ଅତିଥିଗଣ ମତ ଦେଇଥିଲେ। ଏହି ଅବସରରେ ନୂତନ ଭାବେ ବ୍ଲକ କମିଟି ଗଠନ କରାଯାଇଥିଲା। ଏଥିରେ ସୁଧୀର ପଣ୍ଡା ବ୍ଲକ ସଭାପତି, ବିଦୁର କରନ, ନିଧିରଣା ଉପସଭାପତି, ତ୍ରିଲକ୍ଷ ସାହୁ ସମ୍ପାଦକ, ସନ୍ତୋଷ କୁମାର ଭୋଇ ସହସମ୍ପାଦକ, ତୁଳସି ପ୍ରସାଦ ସାହୁ କୋଷାଧକ୍ଷ, ସଞ୍ଜୀୟ ମଲ୍ଲିକ ଯୁବା ପ୍ରମୁଖ, ଭାବଗ୍ରାହୀ ମେଶ୍ୱା ଜୈବିକ ପ୍ରମୁଖ ମନୋନୀତ ହୋଇଛନ୍ତି। ରାମେଶ୍ୱର ସାହୁ, ଉମେଶ ଭୋଇ, ରଞ୍ଜିତ ସିଂ ବାବୁ, ତପିମଣି ସାହୁ, ଜଳନ୍ଧର ଦାସ, ଭୂପେନ୍ଦ୍ର ବାଗ, ଗିରିଧାରୀ ସାହୁ, ରତ୍ନା ସୁନା, ଦିଲ୍ଲୀପ ରଣା, ଗୌର ବୁଢ଼େକ, ଲବ ପଧାନ, ରଞ୍ଜନ ମହାକୁର, ପ୍ରଶାନ୍ତ ମେହେର, କୈଳାସ ବନଛୋର ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ଶେଷରେ ତ୍ରିଲକ୍ଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



**ବଲାଙ୍ଗିର, ୨୨।୬(ସମିସ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆର୍‌ବି ଓ ବଲାଙ୍ଗିର ପକ୍ଷରୁ ଶନିବାରଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜୁଲାଇ ୧ ତାରିଖରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏସ୍‌ବିଆଇ ଆର୍‌ବି ଓ ବଲାଙ୍ଗିର ଆର୍‌ଏମ୍ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିର ଉଦ୍‌ଘାଟନୀ କର୍ଯ୍ୟକ୍ରମରେ ବଲାଙ୍ଗୀର ଡିଆର୍‌ଡିଏ ଏପିଡି ତରଣୀ ସୁନା ଓ ବଲାଙ୍ଗୀର ଏସ୍‌ବିଆଇ ମାନବସମ୍ବଳ ପରିଚାଳକ ରାମ ପ୍ରସାଦ ପଟ୍ଟନାୟକ ଯୋଗଦେଇ ରକ୍ତଦାନ ଶିବିର ଆୟୋଜନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଥିଲେ। ଶିବିରରେ ଆର୍‌ବି ଓ ବଲାଙ୍ଗିର ଅଧିନସ୍ତ ଶାଖାରୁ ବହୁ ସଂଖ୍ୟାରେ କର୍ମଚାରୀ ରକ୍ତଦାନ କରିଥିଲେ। ଶିବିରରେ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବଲାଙ୍ଗିର ରକ୍ତଭଣ୍ଡାରର ଏମ୍ ଓ ଅଶୋକ କୁମାର ମିଶ୍ର ଓ କାଉନଶିଲର୍ ଶେଖ ଅବଦୁଲ ଅସରଫ ଶିବିରକୁ ପରିଚାଳନା କରିଥିଲେ। ଏସ୍‌ବିଆଇ ଷ୍ଟାଫ୍ ଆସୋସିଏସନ୍‌ରୁ ରୋହିତ କୁମାର ଶତପଥୀ, ରୂପେଶ ଦଳେଇ, ରାଜେଶ ଦାସ, ବଂଶୀଧର ନାଏକ, ଦେବବ୍ରତ ପତି, ସୁରେଶ ସେଠ, ଆନନ୍ଦ ମିଶ୍ର, ରଞ୍ଜୀତ ଡୋଗ୍ରା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ହିଲ୍ ଟାଉନ୍ ସିଭିଲ ସୋସାଇଟିର ପ୍ରତିଷ୍ଠା ଦିବସ

**ଭବାନୀପାଟଣା, ୨୨।୬(ସମିସ):** ହିଲ୍ ଟାଉନ୍ ସିଭିଲ ସୋସାଇଟିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ହିଲ୍ ଟାଉନସ୍ଥିତ ମହାବୀର ହନୁମାନ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୋସାଇଟି ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୋସାଇଟି ସମ୍ପାଦକ ଜିତେନ୍ଦ୍ର ମୁଣ୍ଡ ସ୍ୱାଗତ ଭାଷଣ ଦେଇଥିଲେ। ସୋସାଇଟି ଉପଦେଷ୍ଟା ପ୍ରଫେସର ରଜନୀକାନ୍ତ ବେହେରା ଓ ବ୍ରହ୍ମାନନ୍ଦ ସାମଲ, ଉପସଭାପତି ଗଣପତି ନାଏକ, ବରିଷ୍ଠ ସଦସ୍ୟ ଜଗଦୀଶ ଚନ୍ଦ୍ର ମୁଣ୍ଡ, ସ୍ନେହଲତା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀନିବାସ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।




# ଜାମଗାଁ ହାଇସ୍କୁଲର ପ୍ରାଚୀରପତ୍ର ଉଦ୍‌ଘାଟିତ



**ବଲାଙ୍ଗିର, ୨୨।୬(ସମିସ):** ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଜାମଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଚୀର ପତ୍ର 'ଆମ ଲେଖା ଆମ ଚିତ୍ର' ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଓ ଏସ୍‌ଏମ୍‌ସି ସଭ୍ୟ ପୁରୁଷୋତ୍ତମ ଗୁରହାଣ୍ଡି ଉଦ୍‌ଘାଟିତ କରିଛନ୍ତି। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାଜ କିଶୋର ପଣ୍ଡାଙ୍କ ତତ୍ୱାବଧାନ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ପ୍ରସ୍ତୁତ ହୋଇଥିବା ପ୍ରାଚୀର ପତ୍ର ଆଧ୍ୟାତ୍ମିକ, ସାହିତ୍ୟ, ସଂସ୍କୃତି ତଥା ନୈତିକତା ତଥ୍ୟ ଉପରେ ପର୍ଯ୍ୟବେଶିତ। ଶିକ୍ଷୟିତ୍ରି ନମିତା ପାଣିଗ୍ରାହୀ, ରଞ୍ଜିତା ରଣା, ଶିକ୍ଷକ ଶିବ ଶଙ୍କର ପାଣିଗ୍ରାହି, ମହେଶ୍ୱର ଝାଙ୍କର ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କୋମଳମତି ଛାତ୍ରଛାତ୍ରୀଙ୍କ ମନରେ ଭାଷା, ସାହିତ୍ୟ, ଚିତ୍ର ପ୍ରତି ସୃଜନାତ୍ମକ ମନୋଭାବ ଜାଗ୍ରତ କରିବା କ୍ଷେତ୍ରରେ ଏହି ପ୍ରାଚୀର ପତ୍ରର ଦିଗନ୍ତ ପ୍ରସାରି ଭୂମିକା ରହିଛି ବୋଲି ଶିକ୍ଷକ ମହଲରୁ ମତ ପ୍ରକାଶ ପାଇଛି।

# ଜେଆଇଟିଏମରେ 'ଭାରତର ସଚେତନ ଭୋଟର' ଆଲୋଚନାଚକ୍ର

**ବଲାଙ୍ଗିର, ୨୨।୬(ସମିସ):** ଗଣତନ୍ତ୍ରର ମୂଳମନ୍ତ୍ରର ହେଲା ଶିକ୍ଷା। ଶିକ୍ଷାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଜାଣିବା ନିତାନ୍ତ ଆବାଶ୍ୟକ। ଛାତ୍ରଛାତ୍ରୀ ଏହି ପ୍ରସଙ୍ଗରେ ଅଭିହିତ ହେବା ଆବଶ୍ୟକ। ଛାତ୍ରଛାତ୍ରୀଙ୍କ ମନରେ ସଚେତନତା ସୃଷ୍ଟି କରିବା ପାଇଁ ସେଞ୍ଚୁରିଅନ ବିଦ୍ୟାଳୟ ପକ୍ଷରୁ ଶନିବାର 'ଭାରତର ସଚେତନ ଭୋଟର'ଶୀର୍ଷକ ଆଲୋଚନାଚକ୍ରର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ବିଦ୍ୟାଳୟର ଇଲେକ୍ଟୋରାଲ କ୍ଲବ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ପ୍ରଦୀପ ଷଡ଼ଙ୍ଗୀଙ୍କର ତତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଅନୁଷ୍ଠାନର ଉପାଧକ୍ଷା ଡ଼ ପୂଣ୍ୟତୋୟା ବିଶ୍ୱାଳ, ଅଧ୍ୟାପକ ନବ କିଶୋର ଚାନ୍ଦ, ଅଧ୍ୟାପିକା ଶିରୀସା ପତି ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଚାରକ ଗୋଷ୍ଠୀ ଆଲୋଚିତ ପ୍ରସଙ୍ଗରେ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ଭାବରେ ମାର୍ଗ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଛାତ୍ରୀ ଆଲିସ୍କା ବାରିକ ଓ ପୁଷ୍ପାଞ୍ଜଳି ଦ୍ୱାରୀ ସଠିକ ଭାବରେ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ଏପରି ଅଭିନବ ପ୍ରୟାସ ପାଇଁ ଅଭିଭାବକ ପ୍ରଶଂସା କରିଥିଲେ।

# ୪ ବର୍ଷ ହେଲା ବିରିମୁହାଣ ସ୍କୁଲ କୋଠା ଅସମ୍ପୂର୍ଣ୍ଣ

**କୋକସରା, ୨୨।୬(ସମିସ):** କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଆମପାଣି ଗ୍ରାମ ପଞ୍ଚାୟତର ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଶିକ୍ଷକ ଅଭାବ ସହ ନୂତନ ଶ୍ରେଣୀ କୋଠା ଅସମ୍ପୂର୍ଣ୍ଣ ଯୋଗୁଁ ବାରଣ୍ଡାରେ ପିଲାଙ୍କ ପାଠପଢ଼ା ଚାଲିଛି। ଆଦିବାସୀ ବହୁଳ ଏହି ବଣପାହାଡ଼ ଘେରା ବିରିମୁହାଣ ଗ୍ରାମରେ ଥିବା ବିଦ୍ୟାଳୟକୁ ସରକାର ପ୍ରାଥମିକରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରିଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ସହ ୫ ଜଣ ଶିକ୍ଷକ ରହିଛନ୍ତି; ହେଲେ ସେଥିମଧ୍ୟରୁ ଜଣେ ଶିକ୍ଷକ ୨ବର୍ଷ ହେବ ଡେପୁଟେସନରେ ଅନ୍ୟ ସ୍କୁଲକୁ ଯାଇଛନ୍ତି। ତେବେ ୪ ଜଣଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକ ଅଫିସ କାର୍ଯ୍ୟ ସମ୍ଭାଳିଲେ ୩ ଜଣ ଶିକ୍ଷକଙ୍କ ହାତରେ ୮ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ପାଠପଢ଼ା ଚାଲିଛି। ଏହା ଫଳରେ ପିଲାଙ୍କ ଶିକ୍ଷାଦାନରେ ଅନେକ ଅସୁବିଧା ହେଉଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ସମେତ ଅତି କମରେ ଜଣେ ମଧ୍ୟ ଶିକ୍ଷୟିତ୍ରୀ ରହିବା କଥା; କିନ୍ତୁ ୪ଜଣ ଶିକ୍ଷକ ମଧ୍ୟରୁ ଏହି ବିଦ୍ୟାଳୟରେ ଜଣେ ହେଲେ ଶିକ୍ଷୟିତ୍ରୀ ନ ଥିବାରୁ ଅବିଭାବକମାନେ ଶିକ୍ଷୟତ୍ରୀ ନିଯୁକ୍ତି କରିବା ପାଇଁ ଦାବି କରିଛନ୍ତି। ବାଲବାଟିକାକୁ ମିଶାଇ ଏହି ବିଦ୍ୟାଳୟରେ ମୋଟ ୧୩୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଣେ ଗତ ୪ବର୍ଷ ହେବ ବିଦ୍ୟାଳୟର ନିର୍ମାଣାଧୀନ କୋଠା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ତେଣୁ ଶ୍ରେଣୀ କୋଠରୀର ଅଭାବ ହେତୁ ବାରଣ୍ଡାରେ ଶିକ୍ଷାଦାନ ଚାଲିଛି। ବିଦ୍ୟାଳୟର ବିଭିନ୍ନ ସମସ୍ୟା କାରଣରୁ ସ୍କୁଲରେ ପିଲାଙ୍କ ଉପସ୍ଥାନ କମିବାରେ ଲାଗୁଛି। ଏମିତି କି ଅଧିକାଂଶ ପିଲାମାନେ ଅଧାରୁ ପାଠ ଛାଡିବାକୁ ବାଧ୍ୟ ହେଉଥିବା ଜଣାପଡ଼ିଛି। ଆଗକୁ ବର୍ଷା ଋତୁ। ଏଣୁ ଶିକ୍ଷା ବିଭାଗ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଜରୁରି। ବିଦ୍ୟାଳୟରେ ଜଣେ ଶିକ୍ଷୟତ୍ରୀ ଦେବା ପାଇଁ ଗାଁର ବନବାସୀ ମାଝୀ, ଧାନଫୁଲ ମାଝୀ, ସୁଧୀର ପୁଝାରୀ, ବେଲାଲ ସିଂ ବେଶ୍ରା ପ୍ରମୁଖ ଦାବି କରିଛନ୍ତି। ଏ ନେଇ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ ଭାଟିଙ୍କୁ ପଚାରିବାରୁ ଶିକ୍ଷକ ସମସ୍ୟା ଉପରେ ଦୃଷ୍ଟି ଦେବା ସହ ଅସମ୍ପୂର୍ଣ୍ଣ ଶ୍ରେଣୀ କୋଠା ବିଷୟରେ ବ୍ଲକ ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଛନ୍ତି।

## ଭିନ୍ନକ୍ଷମ ସାର୍ଟିଫିକେଟ କେଳେଙ୍କାରୀ

# ସୁସ୍ଥ ସବଳ ଲୋକଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ

**ପାଟଣାଗଡ଼, ୨୨।୬(ସମିସ)**

ସୁସ୍ଥ ସବଳ ଲୋକଙ୍କୁ ଭିନ୍ନକ୍ଷମ ସଜାଇ ଦିଆଯାଉଛି।ପାଞ୍ଚରୁ ଦଶ ହଜାର ଖର୍ଚ୍ଚ କଲେ ଘରେ ଥାଇ ପହଞ୍ଚି ଯାଉଛି ଭିନ୍ନକ୍ଷମ ସାର୍ଟିଫିକେଟ।ସାର୍ଟିଫିକେଟ ମିଳିବା ପାଇଁ ତିନିମାସର ସମୟ ଅବଧି ଥିଲେ ମଧ୍ୟ ଅନଲାଇନ୍ କରିବାରଦୁଇତିନିଦିନମଧ୍ୟରେଦଲାଲଜରିଆରେ ମିଳିଯାଉଛି ଭିନ୍ନକ୍ଷମ ସାର୍ଟିଫିକେଟ।ଏହି ସାର୍ଟିଫିକେଟ ବଳରେ ସରକାର ଆଖିରେ ଆଙ୍ଗୁଠି ଗେଞ୍ଜି ହାତଉଛନ୍ତି ଭତ୍ତା ଟଙ୍କା। ଏହି କେଳେଙ୍କାରୀ ର ରାକେଟ ଲମ୍ବିଛି ଜିଲ୍ଲାସାରା।ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଭିନ୍ନକ୍ଷମ ବିଭାଗରେ କାର୍ଯ୍ୟରତ ପାଟଣାଗଡ଼ ବ୍ଲକ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଗ୍ରାମର ଜନୈକ କର୍ମଚାରୀ ସାଜିଛି ଏହି କେଳେଙ୍କାରୀର ମାଷ୍ଟର ମାଇଣ୍ଡ।ଏହି କର୍ମଚାରୀ ଜଣକ ଚଳାଇଥିବା ଭିନ୍ନକ୍ଷମ ସାର୍ଟିଫିକେଟ କେଳେଙ୍କାରୀ ର ପ୍ରମାଣ ଲାଗିଛି 'ସକାଳ' ହାତରେ।ଏହି ରାକେଟକୁ ଲୋକଲୋଚନକୁ ଆଣିବା ପାଇଁ କେତେ ଜଣ ଭିନ୍ନକ୍ଷମ ଓ ତିନି ଜଣ ସୁସ୍ଥ ପୁରୁଷ ଓ ମହିଳାଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ତିଆରି ପାଇଁ ଉକ୍ତ କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲେ। ମୂଲଚାଲ ଛିଣ୍ଡିଲା ପରେ ସାର୍ଟିଫିକେଟ ତିଆରି କରିବା ପାଇଁ ସହମତି ଦେଲା।ଭିନ୍ନକ୍ଷମ ସାର୍ଟିଫିକେଟ ରେ ଅଶି ପ୍ରତିଶତ ପାଇଁ ଦଶ ହଜାର ଓ କେବଳ ଭିନ୍ନକ୍ଷମ ପାଇଁ ପାଞ୍ଚ ହଜାର ଟଙ୍କାରେ କଥା ଛିଣ୍ଡିଲା। ପରେ ଅନଲାଇନ କରିବାକୁ ସମସ୍ତଙ୍କ ଆଧାରକାର୍ଡ, ଭୋଟର ଆଇକାର୍ଡ ସହ ଏକ ଫୋଟୋ ପଠାଗଲା। ପରେ ଜିଲ୍ଲା ଡାକ୍ତରଖାନା ରେ ଥିବା କାର୍ଯ୍ୟାଳୟ କୁ ଡାକ୍ତରୀ ପରୀକ୍ଷା ପାଇଁ କେତେ ଜଣଙ୍କୁ ଯିବାକୁ ପଡ଼ିଥିଲା।ନିର୍ଦ୍ଦ୍ୱନ୍ଦରେ ସମସ୍ତଙ୍କ ଆବେଦନ ପାସ ହୋଇଯାଇଥିଲା। ନୂତନ ଭିନ୍ନକ୍ଷମ ସାର୍ଟିଫିକେଟ ଆବେଦନ ପାଇଁ ଆସିଥିବା ନୂଆ ଲୋକଙ୍କୁ ଉକ୍ତ କର୍ମଚାରୀ ଜଣକ ଦୁର୍ବ୍ୟବହାର କରିବାସହ ବାହାର ଦୋକାନ ରେ ଅନଲାଇନ କରିବା ପରେ ତିନି ମାସ ପରେ ସାର୍ଟିଫିକେଟ ମିଳିବ ବୋଲି କହୁଥିବା ଭିଡିଓ ପ୍ରମାଣ ମଧ୍ୟ ହସ୍ତଗତ ହୋଇଛି। ଅନ୍ୟପଟେ କର୍ମଚାରୀ ଜଣକ କରୁଥିବା କାମରେ ଡାକ୍ତରୀ ପରୀକ୍ଷାର ଦୁଇ ଦିନ ପରେ ସମସ୍ତଙ୍କ ଭିନ୍ନକ୍ଷମ ସାର୍ଟିଫିକେଟ ହ୍ୱାଟ୍ସଆପ ଯୋଗେ ପଠାଇଦେଇଥିଲା।ଅପରପକ୍ଷରେ ଉକ୍ତ କର୍ମଚାରୀ ଜଣକ ଟଙ୍କା ନେଉଥିବା ସମୟର ଭିଡିଓ ମଧ୍ୟ 'ସକାଳ' ହାତରେ ଲାଗିଛି। ଅପରପକ୍ଷରେ ଜିଲ୍ଲାରେ ଏଭଳି ଚଞ୍ଚକତା କରି ଏହି ଭିନ୍ନକ୍ଷମ ସାର୍ଟିଫିକେଟ ହାତେଇ ସରକାରଙ୍କ ଭତ୍ତା ଯୋଜନାରେ ସାମିଲ ହୋଇ ପ୍ରତିମାସ ଭତ୍ତା ଟଙ୍କା ହାତଉଥିବା ଭଳି ଗୁରୁତର ଅଭିଯୋଗ ଆସିଛି।ତେବେ ସାର୍ଟିଫିକେଟ ରେ ଅଶି ପ୍ରତିଶତ ଥିବା ବ୍ୟକ୍ତିଙ୍କୁ ୩୫୦୦ ଓ କମ ଥିବା ବ୍ୟକ୍ତିଙ୍କୁ ୧୨୦୦ ଟଙ୍କା ଭତ୍ତା ଦିଆଯାଉଛି। ଭିନ୍ନକ୍ଷମ ସାର୍ଟିଫିକେଟରେ ଏଭଳି କେଳେଙ୍କାରୀ ହେଉଥିବା ଘଟଣା ପ୍ରଘଟ ପରେ ପ୍ରକୃତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।ତେବେ ଭିନ୍ନକ୍ଷମ ସାର୍ଟିଫିକେଟ କେଳେଙ୍କରୀର ମାଷ୍ଟର ମାଇଣ୍ଡ ସାଜିଥିବା ଉକ୍ତ କର୍ମଚାରୀ ଜଣକ ବେଆଇନ ଉପାୟରେ ଲୋକଙ୍କୁ ଠକି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିବା ଅଭିଯୋଗ ହେଉଛି। ଏ ବିଷୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ଘଟଣାକୁ ହାଲୁକା ଭାବେ ନେଇ କଣ ଯଦି ପ୍ରମାଣ ଅଛି ଦିଅନ୍ତୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ରାଜ୍ୟ ସରକାର ଦୃଷ୍ଟି ଦେଇ ଭିଜିଲାନ୍ସ ତଦନ୍ତ କରିବାକୁ ଜନସାଧାରଣ ମହଲରେ ଦାବି ହେଉଛି।

**ରାକେଟ୍‌ରେ ବିଭାଗୀୟ କର୍ମଚାରୀଙ୍କ ସମ୍ପୃକ୍ତି**

# ଚକ୍ଷୁ ଚିକିତ୍ସା ଓ ସଚେତନତା ଶିବିର




**ବଲାଙ୍ଗିର, ୨୨।୬(ସମିସ):** ବଲାଙ୍ଗିର ଜିଲ୍ଲାର ପୁଇଁନ୍ତଲା ବ୍ଲକ ପର୍ଥଲ୍ଲା ପଞ୍ଚାୟତର ଫଲସାପଦର ଗ୍ରାମରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାସିଡିଏ (ବଲାଙ୍ଗିର)ଓ ଦେଶାଇ ଫାଉଣ୍ଡେସନ ତଥା ମହାନଦୀ ନେତ୍ର ଚିକିତ୍ସାଳୟ, ସୋନପୁର ମିଳିତ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ୱାସିଡିଏ ବଲାଙ୍ଗିର, ଜିଲ୍ଲା ସଂଯୋଜିକା ଆନନ୍ଦିନୀ ରଥ ସ୍ୱାଗତ ଅଭିଭାଷଣ ସହିତ ଆଖିର କିପରି ଉପଯୁକ୍ତ ଯତ୍ନ ନେବ ଆଲୋଚନା କରିଥିଲେ। ଡ.ଧନୁଜରାମ ନାଏକ ଆଖିର କିପରି ଯତ୍ନ ନେବା ସୁଷମ ଖାଦ୍ୟପେୟ ଓ ମହାନଦୀ ନେତ୍ର ଚିକିତ୍ସାଳୟର ସୁବିଧା ସୁଯୋଗ ଉପରେ ସମ୍ୟକ ଭାବରେ ଉପସ୍ଥାପନା କରିଥିଲେ। ଶିବିରରେ ପ୍ରାୟ ୧୨୨ ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ଫଲସାପଦର ସମେତ ପର୍ଥଲ୍ଲା, ଦୁହେଲ, କୁନ୍ଦେଇଗଡ଼, ତାଲପାଲିର ଗ୍ରାମବାସୀ ସାମିଲ ହୋଇଥିଲେ। ରୋଗୀଙ୍କ ଚକ୍ଷୁ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା। ୧୮ ଜଣ ବ୍ୟକ୍ତିଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପାଣ୍ଡେପାଲି ସ୍ଥିତ ନେତ୍ର ଚିକିତ୍ସାଳୟକୁ ପଠାଯାଇଛି। କାର୍ଯ୍ୟକ୍ରମରେ ଦେଶାଇ ଫାଉଣ୍ଡେସନର ଡିଏଫ ମମତା ନାଗ, ଅନିତା ନାଗ, ଉପାସିନୀ ସାହୁ ତଥା ଗ୍ରାମର ଅଙ୍ଗନବାଡି ଦିଦି ସୁଜାତା ମେହେର ଓ ଆଶା ଦିଦି ପୁଷ୍ପାଞ୍ଜଳି ବୁଢେକ ସହଯୋଗ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୦୮
- ୟୁରୋ ୯୯.୩୭ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୨୦,୧୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୪୦୮.୦୦
- ନିଫ୍ଟି ୨୫,୧୧୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଇରାନ୍ ଉପରେ ଆମେରିକାର ପ୍ରହାର

# ଅଶୋଧିତ ତୈଳ ୧୦୦ ଡଲାର ଟପିବ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)



ଇରାନ-ଇସ୍ରାଏଲ ଯୁଦ୍ଧରେ ଆମେରିକା ପ୍ରବଶେ କରିଛି। ଇରାନର ପରମାଣୁ କେନ୍ଦ୍ର ଉପରେ

- ହର୍ମୁଜ୍ ପ୍ରଣାଳୀ ବନ୍ଦ ହେଲେ ୧୩୦ ଡଲାର ଛୁଇଁବ
- ଜୁନ୍‌ରେ ୨୪ ପ୍ରତିଶତ ବଢ଼ିଛି ତେଲ ଦର

ଆମେରିକା ବିମାନ ଆକ୍ରମଣ କରିଛି। ଏହି ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ପୁଣି ଥରେ ଭୂ-ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ଏହାର ପ୍ରଭାବରେ ସୋମବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇପାରେ। ଏମିତିକି ସୋମବାର ବିଶ୍ୱର ସେୟାର ବଜାରରେ ବଡ଼ ହ୍ରାସ ହୋଇପାରେ। ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ସୋମବାର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୮୦ ଡଲାରରୁ ଆରମ୍ଭ ହୋଇ ୯୦ ଡଲାର ବ୍ୟାରେଲ ପର୍ଯ୍ୟନ୍ତ ପହଞ୍ଚିପାରେ। ଯଦି ହର୍ମୁଜ୍ ପ୍ରଣାଳୀ ବନ୍ଦ ହୁଏ, ତେବେ ଅଶୋଧିତ ତେଲର ମୂଲ୍ୟ ମଧ୍ୟ ୧୩୦ ଡଲାର ପ୍ରତି ବ୍ୟାରେଲ ପର୍ଯ୍ୟନ୍ତ ପହଞ୍ଚିପାରେ। ଏହାର ଅର୍ଥ ହେଉଛି ବିଶ୍ୱର ଅଶୋଧିତ ତେଲ ଆମଦାନୀ କରୁଥିବା ଦେଶଗୁଡିକ ଏଥିଯୋଗୁ ବଡ଼ କ୍ଷତି ସହିବେ। ଏଥିରେ ଭାରତ ଅନ୍ୟତମ ଦେଶ। ଭାରତ ଏହାର ଅଶୋଧିତ ତେଲ ଆବଶ୍ୟକତାର ୮୫ ରୁ ୯୦ ପ୍ରତିଶତ ଆମଦାନୀ କରେ।

ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ,, ସୋମବାର ବଜାର କାରବାର ଆରମ୍ଭରୁ ଅଶୋଧିତ ତେଲ ଦର ପ୍ରତି ବ୍ୟାରେଲ ପ୍ରାୟ ୮୦ ଡଲାରରେ ଖୋଲି ଏହା ୧୦୦ ଡଲାର ଉପରେ ଯାଇପାରେ। ସବୁଠାରୁ ଖରାପ ପରିସ୍ଥିତିରେ ଯଦି ହରମୁଜ୍ ପ୍ରଣାଳୀ ବନ୍ଦ ହୁଏ ତେବେ ମୂଲ୍ୟ ୧୩୦ ଡଲାର ଉପରେ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି। ଜୁନ୍ ମାସରେ ଏ ପର୍ଯ୍ୟନ୍ତ ଅଶୋଧିତ ତେଲର ମୂଲ୍ୟ ୨୪ ପ୍ରତିଶତ ବୃଦ୍ଧି ପାଇ ପ୍ରତି ବ୍ୟାରେଲ ୭୭ ଡଲାର ହୋଇଛି। ଯେତେବେଳେ କି ମେ' ମାସରେ, ଅ ଶୋଧିତ ତେଲର ମୂଲ୍ୟ ୪ ପ୍ରତିଶତ ବୃଦ୍ଧି ପାଇଛି। ହରମୁଜ୍ ପ୍ରଣାଳୀ ଏକ ରଣନୈତିକ ଚକପଏଣ୍ଟ ଯାହା ବିଶ୍ୱ ତୈଳ ଯୋଗାଣର ପ୍ରାୟ ୨୦ପ୍ରତିଶତ ପରିଚାଳନା କରିଥାଏ। ଏହାକୁ ନେଇ ଏବେ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ, କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଉତ୍ତେଜନା ବହୁତ ବୃଦ୍ଧି ପାଇଛି ଏବଂ ଆମେରିକା ଯୁଦ୍ଧରେ ଡେଇଁବା ପରେ, ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରେ। ଏଥିଯୋଗୁଁ ତୈଳ ଦର ପ୍ରତି ବ୍ୟାରେଲ ୯୫ ରୁ ୧୦୦ ଡଲାର ମଧ୍ୟରେ ପହଞ୍ଚିପାରେ। ଏହାସହିତ, ସୋମବାର ଅଶୋଧିତ ତୈଳ ମୂଲ୍ୟରେ ୧୦ ରୁ ୧୫ ପ୍ରତିଶତ ବୃଦ୍ଧି ଦେଖାଯାଇପାରେ। ଅନ୍ୟପକ୍ଷରେ, ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଆମେରିକା ମଧ୍ୟ ତୈଳ ଯୋଗାଣ ବୃଦ୍ଧି କରିବାକୁ ଯାଉଛି।

ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଭାରତକୁ ମଧ୍ୟ ପ୍ରଭାବିତ କରିବ। ଭାରତ ଏହାର ଆବଶ୍ୟକତାର ୮୫ରୁ ୯୦ ପ୍ରତିଶତ ତୈଳ ଆମଦାନି କରେ। ଯଦି ମୂଲ୍ୟ ବୃଦ୍ଧି ପାଏ, ତେବେ ଦେଶ ଅନେକ ଆର୍ଥିକ ଆହ୍ୱାନର ସମ୍ମୁଖୀନ ହୋଇପାରେ। ଅଶୋଧିତ ତୈଳରେ ପ୍ରତି ବ୍ୟାରେଲରେ ୧୦ ଡଲାର ବୃଦ୍ଧି ଭାରତର ଚଳନ୍ତି ଖାତା ନିଅଣ୍ଟକୁ ଜିଡିପିର ୦.୩ ପ୍ରତିଶତ ବୃଦ୍ଧି କରିପାରେ ଏବଂ ମୁଦ୍ରାସ୍ଫୀତି ଚାପ ମଧ୍ୟ ବଢ଼ାଇପାରେ। ଜଣେ ମୁଦ୍ରା ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ସୋମବାର ଭାରତୀୟ ଟଙ୍କା ଡଲାର ତୁଳନାରେ ୫୦ ରୁ ୭୫ପଇସା ମଧ୍ୟରେ ହ୍ରାସ ପାଇପାରେ। ଯାହାର ପ୍ରଭାବ ଜିଡିପି ଉପରେ ମଧ୍ୟ ଦେଖାଯାଇପାରେ। ଏହା ବ୍ୟତୀତ, ସୋମବାର ଭାରତର ଷ୍ଟକ ବଜାରରେ ଭାରି ଚାପ ଦେଖିବାକୁ ମିଳିପାରେ। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନ ହର୍ମୁଜ ପ୍ରଣାଳୀରେ ଯାତାୟାତ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରେ, ତେବେ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୧୨୦-୧୩୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ, ଯାହା ବିଶ୍ୱ ଷ୍ଟକ ବଜାର ଉପରେ ଗଭୀର ପ୍ରଭାବ ପକାଇବ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୭୭ ଡଲାରରେ ରହିଛି। ଏଥିରେ ବିଶେଷ କଥା ହେଉଛି ଯେ ଗତ ଗୋଟିଏ ମାସରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୨୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ, ଶୁକ୍ରବାର ଆମେରିକୀୟ ଅଶୋଧିତ ତୈଳର ମୂଲ୍ୟ ସାମାନ୍ୟ ବୃଦ୍ଧି ସହିତ ବ୍ୟାରେଲ ପିଛଶ ୭୫ ଡଲାରକୁ ଖସିଆସିଛି। ତଥାପି, ଗୋଟିଏ ମାସରେ ଆମେରିକୀୟ ଅଶୋଧିତ ତୈଳର ମୂଲ୍ୟ ପ୍ରାୟ ୨୨ ପ୍ରତିଶତ ବୃଦ୍ଧି ପାଇଛି।

### ଯୁଦ୍ଧ ବଢ଼ିଲେ ଭାରତ ସହିବ ବଡ଼ କ୍ଷତି

# ମହଙ୍ଗା ହେବ ବଜାର

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ଏବେ ଏକ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଏହି ଯୁଦ୍ଧ ଆହୁରି ବଢ଼େ ତେବେ ଏହାର ସବୁଠାରୁ ବଡ଼ ପ୍ରଭାବ ପଶ୍ଚିମ ଏସିଆର ଦେଶଗୁଡ଼ିକ ସହିତ ଭାରତର ବାଣିଜ୍ୟ ଉପରେ ପଡ଼ିବ। ଏଥିରେ ଇରାନ, ଇରାକ, ଜୋର୍ଡାନ, ଲେବାନନ, ସିରିଆ ଏବଂ ୟେମେନ ଭଳି ଦେଶ ଅନ୍ତର୍ଭୁକ୍ତ, ଯେଉଁଠିକି ଭାରତର ମୋଟ ରପ୍ତାନି ୮.୬ ବିଲିୟନ ଡଲାର ଏବଂ ଆମଦାନି ୩୩.୧ ବିଲିୟନ ଡଲାର ରହିଛି।



ମୁମ୍ବାଇର ରପ୍ତାନିକାରୀ ଏବଂ ଟେକ୍ନୋକ୍ରାଫ୍ଟ ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆର ପ୍ରତିଷ୍ଠାତା ଶରଦ କୁମାର ସରାଫ ଚେତାବନୀ ଦେଇଛନ୍ତି ଯେ ଏହି ଯୁଦ୍ଧ ଭାରତର ବାଣିଜ୍ୟ ଉପରେ ଏକ ବଡ଼ ପ୍ରଭାବ ପକାଇବ। ଭାରତ ଆର୍ଥିକ ବର୍ଷ ୨୦୨୪-୨୫ରେ ଇରାନକୁ ମୋଟ ୧.୨୪ ବିଲିୟନ ଡଲାରର ରପ୍ତାନି କରିଥିଲା, ଯେଉଁଥିରେ ବାସମତୀ ଚାଉଳ ୭୫୩.୨ ନିୟୁତ ଡଲାର), କଦଳୀ, ସୋୟାବିନ୍ ମିଲ୍, ଚଣା ଏବଂ ଚା' ଭଳି କୃଷି ଉତ୍ପାଦ ପ୍ରମୁଖ ଥିଲା। ଏହି ସମୟ ମଧ୍ୟରେ ଭାରତ ଇରାନରୁ ୪୪୧.୮ ନିୟୁତ ଡଲାରର ଆମଦାନୀ ମଧ୍ୟ କରିଥିଲା। ଇସ୍ରାଏଲ ସହିତ ଭାରତର ବାଣିଜ୍ୟ ୨.୧ ବିଲିୟନ ଡଲାର (ରପ୍ତାନି) ଏବଂ ୧.୬ ବିଲିୟନ ଡଲାର (ଆମଦାନୀ) ଥିଲା। ଜିଟିଆର୍‌ଆଇ ଅନୁଯାୟୀ, ଆମେରିକାର ପ୍ରତିବନ୍ଧକ ଯୋଗୁଁ ଏହି ଉଭୟ ଦେଶ ପୂର୍ବରୁ ଆର୍ଥିକ ଚାପରେ ଅଛନ୍ତି। ବର୍ତ୍ତମାନ ଯୁଦ୍ଧ ଯୋଗୁଁ, ବର୍ଦ୍ଧିତ ପେମେଣ୍ଟ ବ୍ୟବସ୍ଥା ଏବଂ ପରିବହନ ବିପଦ ଯୋଗୁଁ ଭାରତର ବାଣିଜ୍ୟ ଆହୁରି ପ୍ରଭାବିତ ହୋଇପାରେ। ଏଥିରେ ସବୁଠାରୁ ବଡ଼ ଚିନ୍ତା ହେଉଛି ହର୍ମୁଜ୍ ପ୍ରଣାଳୀ, ଯେଉଁଠାରୁ ଭାରତର ୬୦-୬୫% ଅଶୋଧିତ ତୈଳ ଯୋଗାଣ ହୁଏ। ଇରାନ ଏହି ଜଳପଥକୁ ବନ୍ଦ କରିବାକୁ ଧମକ ଦେଇଛି। ଏହି ମାର୍ଗ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଏହା କେବଳ ବିଶ୍ୱ ତୈଳ ବାଣିଜ୍ୟର ପ୍ରାୟ ୨୦ ପ୍ରତିଶତ ପରିଚାଳନା କରେ। ଏହି ପ୍ରଣାଳୀ ଇରାନ ଏବଂ ଓମାନ / ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଅବସ୍ଥିତ। ଏହା ମାଧ୍ୟମରେ ସାଉଦି ଆରବ, ଇରାନ, ଇରାକ, କୁଓ୍ୱେତ ଏବଂ କତାରରୁ ତେଲ ଏବଂ ଏଲଏନଜି ରପ୍ତାନି କରାଯାଏ। ଯଦି ଏଠାରେ ଯୋଗାଣ ବାଧାପ୍ରାପ୍ତ ହୁଏ, ତେବେ ଭାରତରେ ଇନ୍ଧନ ମହଙ୍ଗା ହୋଇଯିବ, ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ଟଙ୍କା ଉପରେ ଚାପ ପଡ଼ିବ ଏବଂ ଆର୍ଥିକ ସନ୍ତୁଳନ ଖରାପ ହୋଇପାରେ।

ହୁଥି ବିଦ୍ରୋହୀଙ୍କ ଆକ୍ରମଣ ଯୋଗୁଁ ଲାଲ ସାଗର ମାର୍ଗ ପୂର୍ବରୁ ପ୍ରଭାବିତ ହୋଇଛି, ଯାହା ଭାରତ-ୟୁରୋପ ଏବଂ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟକୁ ପ୍ରଭାବିତ କରିଛି। ଭାରତର ୮୦% ୟୁରୋପୀୟ ବାଣିଜ୍ୟ ଏବଂ ମୋଟ ରପ୍ତାନିର ୩୪% ଏହି ସମୁଦ୍ର ପଥ ଦେଇ ହୋଇଥାଏ। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମଧ୍ୟ ଚେତାବନୀ ଦେଇଛି ଯେ ଯଦି ପରିସ୍ଥିତି ସମାନ ରହେ, ତେବେ ୨୦୨୫ରେ ବିଶ୍ୱ ବାଣିଜ୍ୟ ୦.୨% ହ୍ରାସ ପାଇପାରେ, ଯେତେବେଳେ କି ପୂର୍ବରୁ କାରବାରରେ ୨.୭% ଅଭିବୃଦ୍ଧି ଆକଳନ କରାଯାଇଥିଲା। ଭାରତ ଇରାନ ସହିତ ଐତିହାସିକ ଏବଂ ରଣନୈତିକ ସମ୍ପର୍କ ରହିଛି। ଛାବାହାର ବନ୍ଦର, ଯାହା ଭାରତକୁ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆକୁ ସିଧାସଳଖ ପ୍ରବେଶ ପ୍ରଦାନ କରେ।


# ଲାଲ୍‌ଚନ୍ଦ୍‌ର ମନ୍‌ସୁନ୍ ସେଲ୍




ଭୁବନେଶ୍ୱର,୨୨।୬(ସମିସ): ଲାଲ୍‌ଚନ୍ଦ ଜୁଏଲର୍ସ ଏହାର ଗ୍ରାହକମାନଙ୍କ ଲାଗି 'ମନ୍‌ସୂନ୍ ସେଲ୍' ଅଫର ଆଣିଛି। ଏଥିରେ ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ମେସିନ୍-ନିର୍ମିତ ସୁନା ଚେନ୍‌ରେ ଗଢ଼ା ମଜୁରୀ ଫ୍ଲାଟ୍ ୭୯୯ ଟଙ୍କା/ଗ୍ରାମ୍ ରହିଛି। ସେହିପରି ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ଡିଜାଇନର୍ ସୁନା ଅଳଙ୍କାରରେ ଗଢ଼ା ମଜୁରୀ ଫ୍ଲାଟ୍ ୧୧୯୯ ଟଙ୍କା/ଗ୍ରାମ୍, ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ଆଣ୍ଟିକ୍ ଏବଂ ଇଟାଲିଆନ୍ ଡିଜାଇନ୍‌ର ସୁନା ଅଳଙ୍କାରରେ ଗଢ଼ା ମଜୁରୀ ଫ୍ଲାଟ୍ ୧୩୯୯ ଟଙ୍କା/ଗ୍ରାମ୍ ଏବଂ ରୁପା ଗହଣାର ଗଢ଼ା ମଜୁରୀରେ ଫ୍ଲାଟ୍ ୫୦% ରିଆତି ରହିଛି। ଏହାଛଡା ଲାଲ୍‌ଚନ୍ଦ୍‌ର ମନ୍‌ସୂନ୍ ସେଲ୍‌ରେ ଗ୍ରାହକ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦,୦୦୦ ଟଙ୍କା/କ୍ୟାରେଟ୍ ରିହାତି, ନିର୍ଦ୍ଦିଷ୍ଟ ହାତଘଣ୍ଟାର ଏମ୍‌ଆର୍‌ପି ଉପରେ ଫ୍ଲାଟ୍ ୨୦% ରିଆତି,ବ୍ରାଣ୍ଡେଡ୍ ସାମଗ୍ରୀ ଉପରେ ଫ୍ଲାଟ୍ ୧୫% ରିଆତି ରହିଛି। ଏତଦ୍‌ବ୍ୟତୀତ ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜ୍‌ରେ ଗ୍ରାହକ ୧୦୦% ସୁନା ମୂଲ୍ୟ ପାଇପାରିବେ। ଆଗାମୀ ଲଖ୍‌ପତି ଲକି ଡ୍ର' ଜୁଲାଇ ମାସରେ ଅନୁଷ୍ଠିତ ହେବ ବୋଲି ଲାଲ୍‌ଚନ୍ଦ ଜୁଏଲର୍ସପକ୍ଷରୁ କୁହାଯାଇଛି।


# ଲ୍ୟାରି ଏଲିସନ୍ ବିଶ୍ୱର ଦ୍ୱିତୀୟ ଧନୀ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

- ଜେଫ୍ ବେଜୋସ, ମାର୍କ ଜୁକରବର୍ଗଙ୍କୁ ପଛରେ ପକାଇଲେ
- ସମ୍ପତ୍ତି ୨୫୦.୯ ବିଲିୟନ୍ ଡଲାର



୮୦ ବର୍ଷ ବୟସରେ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହେଲେ ଟେକ୍ନୋଲୋଜି କମ୍ପାନୀ ଓରାକଲ ପ୍ରତିଷ୍ଠାତା ଲ୍ୟାରି ଏଲିସନ୍। ସେ ଆମଜାନର ଜେଫ୍ ବେଜୋସ୍ ଏବଂ ମେଟାର ମାର୍କ ଜୁକରବର୍ଗଙ୍କୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହୋଇଛନ୍ତି। ଫର୍ଚ୍ୟୁନ ରିପୋର୍ଟ ଅନୁସାରେ ତାଙ୍କର ବିଜନେସ୍ ଷ୍ଟକ୍‌ରେ ୪୦ ମିଲିଅନ ଡଲାର ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ତାଙ୍କ ସମ୍ପତ୍ତି ମୂଲ୍ୟ ୨୫୦.୯ ବିଲିୟନ ଡଲାର ହୋଇଯାଇଛି। ଧନୀ ତାଲିକାରେ ଏଲିସନ୍ ବର୍ତ୍ତମାନ କେବଳ ଟେସଲା ସିଇଓ ଏଲନ ମସ୍କଙ୍କ ପଛରେ ରହିଛନ୍ତି। ମସ୍କ ୪୦୫.୮ ବିଲିୟନ ଡଲାର ସମ୍ପତ୍ତି ସହ ବିଶ୍ୱର ଏକ ନମ୍ବର ଧନୀ ବ୍ୟକ୍ତି ହୋଇଛନ୍ତି। ଏଲିସନଙ୍କ ପାଖରେ କମ୍ପାନୀର ପ୍ରାୟ ୪୧ ପ୍ରତିଶତ ସେୟାର ଅଛି ଏବଂ ଓରାକେଲର ସେୟାର ବୃଦ୍ଧି ପାଇବା ପରେ, ତାଙ୍କ ସମ୍ପତ୍ତି ଗୋଟିଏ ଦିନରେ ୨୫ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ତା›ପରେ ପୁଣିଥରେ ଆଉ ୧୬ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ଗତ ମଙ୍ଗଳବାର କମ୍ପାନୀ ଏହାର ଆୟ ରିପୋର୍ଟ ପ୍ରକାଶ କରିବାର ଗୋଟିଏ ଦିନ ପୂର୍ବରୁ, ଏଲିସନଙ୍କ ନେଟ୍ ସମ୍ପତ୍ତି ୨୧୩ ବିଲିୟନ ଡଲାର ଥିଲା। ଓରାକେଲର ଅଧ୍ୟକ୍ଷ ଏବଂ ଚିଫ୍ ଟେକ୍ନୋଲୋଜି ଅଫିସର ଲ୍ୟାରି ଏଲିସନ୍ ଅନ୍ୟମାନଙ୍କ ସହ ୧୯୭୭ ମସିହାରେ ଏକ ଡାଟାବେସ୍ ସଫ୍ଟୱେର୍ କମ୍ପାନୀ ଭାବରେ ଓରାକେଲ୍ ପ୍ରତିଷ୍ଠା କରିଥିଲେ। ସମୟ ଅନୁସାରେ ଏହି କମ୍ପାନୀ ବିଶ୍ୱସ୍ତରୀୟ କ୍ଲାଉଡ୍ କମ୍ପ୍ୟୁଟିଂର ପାୱାର ହାଉସରେ ପରିଣତ ହୋଇଥିଲା। ଯାହା ଏଲିସନ୍‌ଙ୍କୁ ବିଶ୍ୱର ୧୦ ଧନୀ ବ୍ୟକ୍ତି ତାଲିକାରେ ସାମିଲ୍ କରାଇଥିଲା। ହେଲେ ଏବେ ୮୦ ବର୍ଷ ବୟସରେ ସେ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହୋଇଛନ୍ତି। ଏଲିସନ ନିଜର ରୋକ୍‌ଠୋକ୍ ବ୍ୟକ୍ତିତ୍ୱ ଓ ଅସାଧାରଣ ଜୀବନଶୈଳୀ ପାଇଁ ଜଣାଶୁଣା। ଜୀବନକୁ ବିଳାସପୂର୍ଣ୍ଣ କରିବାରେ ତାଙ୍କର ଅଧିକ ଖର୍ଚ୍ଚ ହୋଇଥାଏ। ଏଲିସନ ୨୦୧୨ରେ ହାୱାଇର ଷଷ୍ଠ ବୃହତମ ଦ୍ୱୀପ ଲାନାଇର ୯୮% ଏରିଆକୁ ପ୍ରାୟ ୩୦୦ ନିୟୁତ ଡଲାରରେ କିଣିଥିଲେ।

କେବଳ ସେତିକି ନୁହେଁ, ତାଙ୍କ ପାଖରେ ନିଜର ସ୍ୱତନ୍ତ୍ର ବିମାନ ରହିଥିବା ବେଳେ ପାଇଲଟ ଭାବରେ ଲାଇସେନ୍ସ ବି ଅଛି। ଏଲନ ମସଙ୍କର ସେ ଜଣେ ଭଲ ବନ୍ଧୁ ହୋଇଥିବା ବେଳେ ଟେସ୍‌ଲାରେ ସେ ବଡ଼ ନିବେଶ କରିଛନ୍ତି। ଏକଥା ସେ ନିଜେ କହିଥିଲେ। ତେବେ ସବୁଠାରୁ ବଡ଼ କଥା ହେଲା ଆଇଏମ୍‌ଏଫ୍ ଆକଳନ ଅନୁଯାୟୀ, ଏଲିସନଙ୍କ ମୋଟ ସମ୍ପତ୍ତି କେବଳ ଆରବପତିଙ୍କ ସମ୍ପତ୍ତିଙ୍କୁ ଟପି ନାହିଁ ବରଂ ଏହା କେତେକ ଦେଶର ମୋଟ ଜିଡିପିକୁ ମଧ୍ୟ ଅତିକ୍ରମ କରିଯାଇଛି।

# ଡିଜିସିଏର ସତର୍କବାଣୀ; ବଢ଼ୁଛି ଏୟାର୍ ଇଣ୍ଡିଆର ସମସ୍ୟା

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆର ସମସ୍ୟା ଥମିବାର ନାଁ ନେଉନି। ଗୋଟିଏ ପଟେ ଏୟାର ଇଣ୍ଡିଆର ଉଡାଣ ବାତିଲ୍ ହେଉଛି ତ ଅନ୍ୟପଟେ ବୈଷୟିକ ତ୍ରୁଟି ଯୋଗୁ ଉଡାଣ ପୁନଃ କାର୍ଯ୍ୟସୂଚୀ ପ୍ରସ୍ତୁତ ହେଉଛି। ଏଣୁ ଏୟାର ଇଣ୍ଡିଆ ଏବେ ପରିଚାଳନାଗତ ସମସ୍ୟା ମଧ୍ୟରେ ଛନ୍ଦି ହୋଇଯାଇଛି। ଏଥିରେ ଏବେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ସବୁଠୁ ବଡ଼ ଚେତାବନୀ ଜାରି କରିଛନ୍ତି। ଡିଜିସିଏ ଏୟାର ଇଣ୍ଡିଆକୁ ଚେତାବନୀ ଜାରି କରି କହିଛନ୍ତି ଯେ ଯଦି ବିମାନ ପରିଚାଳନାରେ ଏପରି ସମସ୍ୟା ଜାରି ରୁହେ ବେ ଆଗକୁ ଏୟାର ଲାଇନ୍ସର



ଲାଇସେନ୍ସ ବାତିଲ୍ କରାଯାଇ ପରେ। ନିୟାମକଙ୍କଠୁ ମିଳିଥିବା ଏହି ଚେତାବନୀ ଏୟାରଲାଇନ୍ସର ଭବିଷ୍ୟତକୁ ନେଇ ପ୍ରଶ୍ନ ଚିହ୍ନ ଲଗାଇଛି। ନିକଟରେ ଏୟାର ଇଣ୍ଡିଆ ୩ ବରିଷ୍ଠ ଅଧିକାରୀଙ୍କୁ ସେମାନଙ୍କ ପଦରୁ ହଟାଇଛି। ଏଥିରେ ଏୟାର ଇଣ୍ଡିଆର ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ କ୍ରୁ ସିଡ୍ୟୁଲିଂ ମ୍ୟାନେଜର ଓ କ୍ରୁ ସିଡ୍ୟୁଲିଂ ପ୍ଲାନିଂ ଅଫିସରଙ୍କୁ ସେମାନଙ୍କ ପଦରୁ ହଟାଇଯାଇଛି। ରିପୋର୍ଟ ଅନୁସାରେ ଏୟାର ଇଣ୍ଡିଆ ପାଇଲଟ ଡ୍ୟୁଟି ସିଡ୍ୟୁଲିଂ, ପରିଚଳଳନା ଏବଂ ଗମ୍ଭୀର ଉଲ୍ଲଂଘନ ଜଣାପଡିବା ପରେ ଡିଜିସିଏ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିମାନ ନିୟାମକ ସ୍ପଷ୍ଟ କରିଛନ୍ତି ଯେ ଫ୍ଲାଇଟ୍ ସିଡ୍ୟୁଲିଂ ଅଥବା ଉଡ଼ାଣ ସମୟ ସମ୍ପର୍କିତ କୌଣସି ନିୟମ ଉଲ୍ଲଂଘନ ମାମଲାରେ ଏବେ ଏୟାର ଇଣ୍ଡିଆ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି କାର୍ଯ୍ୟାନୁଷ୍ଠାନରେ ଅପରେଟର ପରମିସନ ବାତିଲ୍ ବି ହୋଇପାରେ। କେବଳ ଏତିକି ନୁହେଁ ଡିଜିସିଏ ଏୟାର ଇଣ୍ଡିଆକୁ ୨୦୨୪ ବର୍ଷରେ କରାଯାଇଥିବା ସବୁ ଇନସ୍ପେକ୍ସନ ଓ ଅଡିଟ ବିବରଣୀ ତୁରନ୍ତ ପ୍ରଦାନ କରିବାକୁ କହିଛନ୍ତି। ସେହିପରି ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଡିଜିସିଏ ଦେଶର ପୁରା ବିମାନ ଚଳାଚଳ ପ୍ରଣାଳୀର ୩୬୦ ଡିଗ୍ରି ସ୍କାନିଂ ଆଦେଶ ଦେଇଛନ୍ତି। ଏଥିରେ ବିମାନ ଉଡ଼ାଣ ସଞ୍ଚାଳନ, ରକ୍ଷଣାବେକ୍ଷଣା, ଲାଇସେନ୍ସିଂ, ସୁରକ୍ଷା ପ୍ରବନ୍ଧନ, ପ୍ରଶିକ୍ଷଣ ସଂସ୍ଥାନ, ଏମଆରଓରୁ ଆରମ୍ଭ କରି ଏଟିସି ପର୍ଯ୍ୟନ୍ତ ପୁରା ଯାଞ୍ଚ ହେବ।

# ଡକ୍ଟର ଶିବ ପ୍ରସାଦ ମହାନ୍ତି ଭାରତୀୟ ସାର ସଂଘର ସହାଧ୍ୟକ୍ଷ ନିର୍ବାଚିତ



ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ହିନ୍ଦୁସ୍ତାନ ଉର୍ବାରକ ଏବଂ ରସାୟନ ଲିମିଟେଡ୍ (ଏଚ୍‌ୟୁଆର୍‌ଏଲ୍)ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସିବା ପ୍ରସାଦ ମହାନ୍ତି ଭାରତୀୟ ସାର ସଂଘ(ଏଫ୍‌ଏଆଇ)ର ସହାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଏ ନେଇ ଏଚ୍‌ୟୁଆର୍‌ଏଲ୍ ପକ୍ଷରୁ ଘୋଷଣା କରାଯାଇଛି। ଏହି ସମ୍ମାନଜନକ ନିଯୁକ୍ତି ସାର କ୍ଷେତ୍ରରେ ସ୍ଥାୟୀ କୃଷି ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବାରେ ଡକ୍ଟର ମହାନ୍ତିଙ୍କ ନିରନ୍ତର ନେତୃତ୍ୱକୁ ପ୍ରତିଫଳିତ କରୁଛି। ଏହି ପ୍ରମୁଖ ଭୂମିକାରେ ତାଙ୍କର ନିର୍ବାଚିତ ହେବା ଶିଳ୍ପ ମଧ୍ୟରେ ଗଭୀର ସହଯୋଗ ଏବଂ ରଣନୈତିକ ଅଭିବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସହାଧ୍ୟକ୍ଷ ଭାବରେ ଡକ୍ଟର ମହାନ୍ତି ରାଷ୍ଟ୍ର ପାଇଁ ସନ୍ତୁଳିତ ସାର ବ୍ୟବହାର, ନୀତିଗତ ସମର୍ଥନ ଏବଂ ଖାଦ୍ୟ ସୁରକ୍ଷାର ମିଶନକୁ ଆଗକୁ ବଢ଼ାଇବା ପାଇଁ ଏଫ୍‌ଏଆଇ ସଦସ୍ୟ କମ୍ପାନୀଗୁଡ଼ିକ ସହିତ କାମ କରିବେ।

# ୨୦୨୪-୨୫ରେ ୨.୨୩ ଲକ୍ଷ କୋଟିର ଜିଏସ୍‌ଟି ଚୋରି

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ୨୦୨୪-୨୫ରେ୨.୨୩

### ତଦନ୍ତ ନିର୍ଦ୍ଦେଶ ଦେଲେ ଅର୍ଥମନ୍ତ୍ରୀ

ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଠକେଇ ଚିହ୍ନଟ କରିଛି। ଗୁରୁବାର ଏଠାରେ ଅନୁଷ୍ଠିତ ସିବିଆଇସି ସମ୍ମିଳନୀରେ ଦିଆଯାଇଥିବା ସରକାରୀ ତଥ୍ୟରେ ଏହା ପ୍ରକାଶ ପାଇଛି। ଏହାପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ମିଳନୀରେ ଅଧ୍ୟକ୍ଷତା କରି ଅର୍ଥମନ୍ତ୍ରୀ ସୀମା ଶୁଳ୍କ ଏବଂ ସିଜିଏସ୍‌ଟି ମାମଲାର ତଦନ୍ତ ଶୀଘ୍ର ସମାପ୍ତ କରିବାକୁ, ଟିକସ ଠକେଇ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଜିଏସ୍‌ଟି ପଞ୍ଜିକରଣ ଏବଂ ଅଭିଯୋଗ ସମାଧାନରେ ସମୟୋଚିତ ଉନ୍ନତି ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ଆର୍ଥିକବର୍ଷରେ ପ୍ରାୟ ୬୨.୨୧ ପ୍ରତିଶତ ଜିଏସ୍‌ଟି ଦାତାଙ୍କ ଅଡିଟ୍ କରାଯାଇଥିଲା ଏବଂ ୨୦୨୫ ଆର୍ଥିକ ବର୍ଷରେ ଏହି ସଂଖ୍ୟା ୮୮.୭୪ ପ୍ରତିଶତକୁ ବୃଦ୍ଧି ପାଇଛି। ଅଧିକାରୀମାନେ କହିଛନ୍ତି ଯେ ତିନି ବର୍ଷରେ କୌଣସି କରଦାତାଙ୍କର ଏକାଧିକ ଥର ଅଡିଟ୍ କରାଯାଇନାହିଁ। ରିଫଣ୍ଡରେ ଉନ୍ନତି




ବିଷୟରେ ସୂଚନା ଦେଇ କୁହାଯାଇଥିଲା ଯେ ୬୦ ଦିନର ନିର୍ଦ୍ଧାରିତ ଅବଧି ମଧ୍ୟରେ ୮୫ ପ୍ରତିଶତ ଦାବି ସମାଧାନ କରାଯାଇଛି। ୨୦୨୪-୨୫ ମଧ୍ୟରେ ଜିଏସ୍‌ଟିଆର୍-୩ବି ରିଟର୍ଣ୍ଣ ଦାଖଲ କରିବାର ଜାତୀୟ ହାର ୯୪.୩ ପ୍ରତିଶତ ଥିଲା। ଏହି ସମୟରେ, ଅଭିଯୋଗ ସମାଧାନରେ ମଧ୍ୟ ଉନ୍ନତି ଦେଖାଯାଇଛି ଏବଂ ହାରାହାରି ସମାଧାନ ସମୟ ନିର୍ଦ୍ଧାରିତ ୨୧ ଦିନରୁ ହ୍ରାସ ପାଇ ୯ ଦିନ ହୋଇଛି। ବିଜ୍ଞପ୍ତିରେ କୁହାଯାଇଛି, କେନ୍ଦ୍ରୀୟ ସାର୍ବଜନୀନ ଅଭିଯୋଗ ସମାଧାନ ଏବଂ ମନିଟରିଂ ସିଷ୍ଟମ ଉପରେ ୯୫ ରୁ ୯୭ ପ୍ରତିଶତ ଆବେଦନ ୩୦ ଦିନ ମଧ୍ୟରେ ସମାଧାନ କରାଯାଉଛି, ଯାହା ଏକ ଉତ୍କୃଷ୍ଟ ପ୍ରଦର୍ଶନ। ଏହି ପ୍ରଦର୍ଶନ ଗତ ବର୍ଷ ଫେବୃଆରୀଠାରୁ ଏହି ସିଷ୍ଟମରେ ରାଙ୍କିଙ୍ଗରେ ୯୦ ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ମଧ୍ୟରେ ସିବିଆଇସିକୁ ଶୀର୍ଷ ପାଞ୍ଚଟି ସ୍ଥାନରେ ପହଞ୍ଚାଇଛି। ସୀତାରମଣ ବିଭାଗକୁ କରଦାତା ଏବଂ ବାଣିଜ୍ୟ ସଂଗଠନ ମଧ୍ୟରେ ସଚେତନତା ଅଭିଯାନ ବୃଦ୍ଧି କରିବାକୁ କହିଛନ୍ତି। ବିଶେଷକରି ଜିଏସ୍‌ଟି ପଞ୍ଜିକରଣ ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଉପରେ ଅର୍ଥମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ରାଜନେତାଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣାବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ ।

**ବିଛା:** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

## ଆଜିର ଇତିହାସ

- ୧୭୬୧- ମହାନ ମରାଠା ପେଶୱା ବାଲାଜୀ ବାଜିରାଓଙ୍କ ବିୟୋଗ ।
- ୧୯୫୩- ଭାରତୀୟ ଜନସଂଘର ସଂସ୍ଥାପକ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେହାନ୍ତ ।
- ୧୯୮୦- ଇନ୍ଦିରା ଗାନ୍ଧୀଙ୍କ ପୁତ୍ର ସଞ୍ଜୟ ଗାନ୍ଧୀଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ।
- ୧୯୯୪-ଉତ୍ତର କୋରିଆ ପରମାଣୁ କାର୍ଯ୍ୟକ୍ରମ ସ୍ଥଗିତ ରଖିବା ପାଇଁ ଘୋଷଣା କଲା ।
- ୨୦୧୬- ବ୍ରିଟେନବାସୀ ୟୁରୋପୀୟ ସଂଘରୁ ଅଲଗା ହେବା ସପକ୍ଷରେ ଭୋଟ୍ ଦେଲେ ।

## ପାଞ୍ଚ ମିନିଟ୍‌ରେ ଖାଇଲେ ୩୨ଟି ଆମ୍ବ



ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଫୁଡ୍ ଚ୍ୟାଲେଞ୍ଜର ଭିଡିଓଗୁଡ଼ିକ ଭାଇରାଲ ହୋଇଥାଏ । ଏହି କ୍ରମରେ ବିହାରର ଇଶାନ କୁମାର ମାତ୍ର ପାଞ୍ଚ ମିନିଟ୍‌ରେ ୩୨ଟି ଆମ୍ବ ଖାଇ ଏବେ ଚର୍ଚ୍ଚାରେ ରହିଛନ୍ତି । ବିହାର, ମଧୁବନି ଜିଲ୍ଲାର ସରସୋମ୍ପାହି ଗାଁ ସ୍ଥିତ ସାର୍ ଗଙ୍ଗାନାଥ ଝା ପାଠାଗାରରେ ପ୍ରତିବର୍ଷ 'ମିଥିଳା ଆମ୍ବ ଉତ୍ସବ' ଆୟୋଜିତ ହୋଇଥାଏ । ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ଉତ୍ସବକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । 'ଆମ୍ବ ଖାଅ ପ୍ରତିଯୋଗିତା'ରେ ଛୋଟ ପିଲାଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଅଂଶଗ୍ରହଣ କରିଥିଲେ । ଚଳିତବର୍ଷ ଏହି ଆୟୋଜନରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଇଶାନ କୁମାର ମାତ୍ର ୫ମିନିଟ୍ ମଧ୍ୟରେ ୩୨ ଟି ଆମ୍ବ ଖାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିଭଳି ରାଜେଶ ମଣ୍ଡଳ ପାଞ୍ଚ ମିନିଟ୍‌ରେ ୨୬ଟି ଆମ୍ବ ଖାଇ ଦ୍ୱିତୀୟ ସ୍ଥାନରେ ଏବଂ ହର୍ଷ ନାଥ ଝା ୫ ମିନିଟ୍ ୨୨ଟି ଆମ୍ବ ଖାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜେତାମାନଙ୍କୁ ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଥିଲା । ତେବେ ମିଥିଳାରେ ଆୟୋଜିତ ହେଉଥିବା ଏହି ଉତ୍ସବ ପାଇଁ ବିଭିନ୍ନ ସ୍ଥାନରୁ ଆମ୍ବର ଭିନ୍ନ ଭିନ୍ନ କିସମ ଅଣାଯାଇଥାଏ । ଏହାବାଦ୍ ସ୍ଥାନୀୟ ଚାଷୀଙ୍କଠାରୁ ଆମ୍ବ କିଣାଯାଇ ଏହାକୁ ଉତ୍ସବରେ ପ୍ରଦର୍ଶନ କରାଯାଇଥାଏ । ଡିଜିଟାଲ ଦୁନିଆରୁ ଲୋକଙ୍କୁ କିଛି ସମୟ ବାହାର କରି ଆଣିବା ତଥା ପରମ୍ପରାଗତ ଖାଦ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ଏହି ଉତ୍ସବର ଆୟୋଜନ କରାଯାଉଥିବା ଏହାର ଆୟୋଜକମାନେ କହିଛନ୍ତି ।

## କିଆରାଙ୍କ ପାଇଁ ୟଶ୍ ନେଲେ ଏହି ନିଷ୍ପତ୍ତି





ବଲିଉଡ୍ ଅଭିନେତ୍ରୀ କିଆରା ଆଡ଼ଭାନୀ ଏବେ ଗର୍ଭବତୀ ଥିବାରୁ କିଛି ଫିଲ୍ମରୁ ସେ ବାଦ୍ ପଡ଼ି ଯାଇଛନ୍ତି । 'ଡନ୍-୩'ରୁ ସେ ବାଦ୍ ପଡ଼ିବା ପରେ ଏବେ ତାଙ୍କ ବଦଳରେ ଏଥିରେ କ୍ରିତି ସାନନ୍ ନଜର ଆସିବେ । ଏହାବାଦ୍ କିଆରା ସାଉଥ୍ ସୁପରଷ୍ଟାର୍ ୟଶ୍‌ଙ୍କ ସହ 'ଟକ୍ସିକ୍' ଫିଲ୍ମରେ ନଜର ଆସିବେ । ଏହି ଫିଲ୍ମର କିଛି ଅଂଶ ସୁଟ୍ କରାଯାଇଥିଲେ ବି ଅଧାରୁ ଅଧିକ ସୁଟିଂ ବାକି ଅଛି । ତେବେ ୟଶ୍, କିଆରା ଗର୍ଭବତୀ ଥିବା କଥା ଜାଣି ଫିଲ୍ମକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଫିଲ୍ମର ସୁଟିଂ ବେଙ୍ଗାଲୁରୁରେ ହେଉଥିଲା । ୟଶ୍ କିଆରାଙ୍କ ପାଇଁ ଏବେ ଏହାର ସେଟ୍ ମୁମ୍ବାଇରେ କରିବାକୁ ନିର୍ଦ୍ଦେଶକ ଗୀତୁ ମୋହନଦାସ ଓ ପ୍ରଯୋଜକ ଭେଙ୍କଟ କେ. ନାରାୟଣଙ୍କୁ ଅନୁରୋଧ କରିଛନ୍ତି । କିଆରାଙ୍କୁ ଯେମିତି ଯାତ୍ରା କରିବା ଯୋଗୁଁ କୌଣସି ଅସୁବିଧା ନ ହେବ ୟଶ୍ ଏପରି କରିଥିବା ଜଣାପଡ଼ିଛି । ଏହା ୧୯ ମାର୍ଚ୍ଚ, ୨୦୨୬ରେ ରିଲିଜ୍ ହେବ । ଏହି ଆକ୍ସନ-ଆଡଭେଞ୍ଚର ଫିଲ୍ମରେ ହୁମା କ୍ୟୁରେସି, ତାରା ସୁତାରିଆ, ଅକ୍ଷୟ ଓବରୟ ମଧ୍ୟ ନଜର ଆସିବେ । ଏହି ଫିଲ୍ମ ହିନ୍ଦୀ ବ୍ୟତୀତ କନ୍ନଡ଼, ଇଂରାଜୀ ସହ ଅନ୍ୟ ଛଅଟି ଭାଷାରେ ରିଲିଜ୍ ହେବ । ଫିଲ୍ମର ପୋଷ୍ଟର୍‌ରେ ୟଶ୍‌ଙ୍କ ଲୁକ୍ ଦେଖି ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ।

## ମରିବା ପୂର୍ବରୁ ମାଛ ଯନ୍ତ୍ରଣାରେ ଛଟପଟ ହୁଏ



ପ୍ରତିଦିନ ମଣିଷଙ୍କ ଖାଇବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟକ ମାଛ ମରାଯାଏ । ମାଛ ମରିବା ପୂର୍ବରୁ ଭୀଷଣ ଯନ୍ତ୍ରଣାରେ ଛଟପଟ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ପ୍ରକାଶ ପାଇଛି । କେତେକ ମାଛ ମରିବା ପୂର୍ବରୁ ୨-୨୦ ମିନିଟ୍ ପର୍ଯ୍ୟନ୍ତ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇଥାନ୍ତି ବୋଲି ଏହି ଗବେଷଣାରେ କୁହାଯାଇଛି । ତେବେ ଏହି ଗବେଷଣା ରେନ୍‌ବୋ ଟ୍ରାଉଟ୍ ନାମକ ମାଛ ଉପରେ କରାଯାଇଥିଲା । ଏହି ମାଛକୁ ମାରିବା ପାଇଁ ଏୟାର ଆସ୍‌ଫିକ୍‌ସିଏସନ (ଶ୍ୱାସରୁଦ୍ଧ କରି ମାରିବା) ପଦ୍ଧତିର ସାହାଯ୍ୟ ନିଆଯାଇଥିଲା । ଉକ୍ତ ପ୍ରକ୍ରିୟାରେ ପ୍ରଥମେ ମାଛକୁ ପାଣିରୁ ବାହାର କରାଯାଏ । ଏହାପରେ ମାଛଗୁଡ଼ିକୁ ପବନରେ ଛାଡ଼ି ଦିଆଯାଏ । ଏହି ପ୍ରକ୍ରିୟାରେ ଧୀରେ ଧୀରେ ଅମ୍ଳଜାନ ଅଭାବରୁ ମାଛଟି ଶ୍ୱାସରୁଦ୍ଧ ହୋଇ ମରିଯାଏ । ସେହିପରି ପବନରେ ମାଛଟି କେବଳ ଗୋଟିଏ ମିନିଟ୍ ରହିବା ପରେ ହିଁ ତା'ର ଶରୀରରେ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ । ଏହାଦ୍ୱାରା ମାଛର ଯନ୍ତ୍ରଣା ବୃଦ୍ଧି ପାଏ ଏବଂ ଏହା ୨-୨୦ ମିନିଟ୍ ପର୍ଯ୍ୟନ୍ତ ଚାଲେ । ଏହି କାରଣ ଯୋଗୁଁ ମାଛକୁ ଅସହନୀୟ ଯନ୍ତ୍ରଣା ସହିବାକୁ ପଡ଼ିଥାଏ । ସେହିପରି କିଛି ସ୍ଥାନରେ ମାଛକୁ ମାରିବା ପୂର୍ବରୁ ବରଫରେ ରଖାଯାଏ । ହେଲେ ଏହି ଉପାୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ । ବରଫରେ ମାଛର ମେଟାବଲିଜିମ୍ ଧୀମା ହୋଇଯାଏ । ଏହାଦ୍ୱାରା ସେମାନେ ଚେତାଶୂନ୍ୟ ହେବା ଲାଗି ଅଧିକ ସମୟ ଲାଗେ । ଫଳରେ ସେମାନଙ୍କର ଯନ୍ତ୍ରଣା ସହିବା ସମୟ ଅଧିକ ହୋଇଯାଏ । ସେହିପରି ଏହି ଗବେଷଣାରେ ଏହାର ସମାଧାନ ସମ୍ପର୍କରେ ବି କୁହାଯାଇଛି । ଇଲେକଟ୍ରିକ୍ ଷ୍ଟନିଂ (ବିଦ୍ୟୁତ୍ ଅଚେତନ ବିଧି) କୁ ଆପଣାଇବା ଦ୍ୱାରା ମାଛର ଯନ୍ତ୍ରଣା କମ୍ ହୋଇଥାଏ ବୋଲି ଏଥିରେ କୁହାଯାଇଛି । ତେବେ ଏହି ଗବେଷଣା ସମୟରେ ଗବେଷକମାନେ ୱେଲଫେୟାର୍ ଫୁଟ୍‌ପ୍ରିଣ୍ଟ ଫ୍ରେମ୍‌ୱାର୍କ ନାମକ ଏକ ବୈଜ୍ଞାନିକ ପଦ୍ଧତିର ସାହାଯ୍ୟ ନେଇଥିଲେ । ଏହାଦ୍ୱାରା ପ୍ରତି ମିନିଟ୍‌ର ଯନ୍ତ୍ରଣାକୁ ଆକଳନ କରାଯାଏ । ତେବେ ଏହି ଗବେଷଣା ମାଛମାନଙ୍କ ପ୍ରତି ମାନବୀୟ ବ୍ୟବହାର ପ୍ରଦର୍ଶନ ପାଇଁ ଆହ୍ୱାନ ସୃଷ୍ଟି କରିଛି ।



## ଘୋଷ ଯାତ୍ରା

**ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୁଏ ରଥଯାତ୍ରା । ଏହାକୁ 'ଘୋଷ ଯାତ୍ରା', 'ଶ୍ରୀଗୁଣ୍ଡିଚା ଯାତ୍ରା', 'ପତିତପାବନ ଯାତ୍ରା', 'ଆଡ଼ପମଣ୍ଡପ ଯାତ୍ରା', 'ଦଶାବତାର ଯାତ୍ରା' ବୋଲି ମଧ୍ୟ କୁହାଯାଏ । ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ପୁରୀ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ସେହିପରି ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ପ୍ରଧାନ । ଏହା ପୁରୀ ବ୍ୟତୀତ ବିଭିନ୍ନ ସ୍ଥାନରେ ପାଳିତ ହେଉଛି ।**

ମହାପ୍ରଭୁ ଶ୍ରୀଜଗନ୍ନାଥ ବର୍ଷକୁ ଥରେ ରତ୍ନସିଂହାସନ ଛାଡ଼ି ଭକ୍ତଗହଣକୁ ରଥଯାତ୍ରା ଦିନ ଆସନ୍ତି । ରତ୍ନବେଦୀ ଛାଡି ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ଯାଇଥାନ୍ତି ଚତୁର୍ଦ୍ଧାମୂର୍ତ୍ତି । ଘଣ୍ଟଘଣ୍ଟା, ଭଜନ କୀର୍ତ୍ତନ କାହାଳିରେ ଝୁଲି ଝୁଲି ଆସି ରଥାରୁଢ଼ ହୋଇଥାନ୍ତି ଶ୍ରୀଜୀଉ । ଏହି ଦିନ ଘଣ୍ଟ, ଶଙ୍ଖ ବାଦରେ ବଡ଼ଦାଣ୍ଡ ପ୍ରକମ୍ପିତ ହୁଏ । ଶ୍ରୀମନ୍ଦିରରୁ ପହଣ୍ଡି ହୋଇ ତିନି ରଥରେ ଶ୍ରୀବିଗ୍ରହ ବିଜେ କରନ୍ତି । ସେହିପରି ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ସହ ରଥ ଟାଣିବାକୁ ଉତ୍କଣ୍ଠାର ସହ ଭକ୍ତମାନେ ଚାହିଁଥାନ୍ତି ।

## ମେହେନ୍ଦି ଲଗାଇବାର ମହତ୍ତ୍ୱ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଆଷାଢ଼ ମାସରେ ମେହେନ୍ଦି ଲଗାଇବାର ବିଶେଷ ମହତ୍ତ୍ୱ ଅଛି । ମୁଖ୍ୟତଃ ଏହି ମାସରେ ପାଣିପାଗରେ ପରିବର୍ତ୍ତନ ଦେଖାଦିଏ । ଏଣୁ ଏହି ସମୟରେ ମେହେନ୍ଦି ଲଗାଇଲେ ଏହା ଶରୀରକୁ ଶୀତଳତା ପ୍ରଦାନ କରିବା ସହ ମନକୁ ଶାନ୍ତ ରଖେ ।**

ଆଷାଢ଼ ମାସରେ ମେହେନ୍ଦି ରଙ୍ଗ ଯେତେ ଗାଢ଼ ହେବ, ଏହା ସେତିକି ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ରଙ୍ଗ କେବଳ ହାତକୁ ସୁନ୍ଦର କରି ନ ଥାଏ, ଏହାର ସମ୍ବନ୍ଧ ଗ୍ରହ ସହ ବି ଜଡ଼ିତ ଥାଏ । ଜାତକରେ ମଙ୍ଗଳ ଓ ଶୁକ୍ର ଗ୍ରହକୁ ଶାନ୍ତ କରିବା ଲାଗି ମେହେନ୍ଦି ଲଗାଇବା ଶୁଭ । କାରଣ ମଙ୍ଗଳ ଗ୍ରହ ଶକ୍ତି ଓ କ୍ରୋଧ ସହ ସମ୍ବନ୍ଧିତ ଥିବା ବେଳେ ଶୁକ୍ର ଗ୍ରହ ପ୍ରେମ ଏବଂ ସମ୍ପର୍କ ସହ ଜଡ଼ିତ । ତେଣୁ ମେହେନ୍ଦି ଲଗାଇବା ଦ୍ୱାରା ଏହି ଦୁଇ ଗ୍ରହ ସନ୍ତୁଳନରେ ରହେ ।

କୁହାଯାଏ, ବିବାହିତା ମହିଳା ଆଷାଢ଼ରେ ମେହେନ୍ଦି ଲଗାଇଲେ ବୈବାହିକ ଜୀବନ ସୁଖମୟ ହୋଇଥାଏ । ଘରେ ଶାନ୍ତି ବଜାୟ ରହେ । ସେହିପରି ମାନ୍ୟତା ଅଛି, ସନ୍ତାନ ପ୍ରାପ୍ତି ଲାଗି ମେହେନ୍ଦି ଲଗାଇବା ଶୁଭ । ଆଷାଢ଼ ମାସରେ ଭଗବାନ ବିଷ୍ଣୁଙ୍କ ପୂଜାର ବିଶେଷ ମହତ୍ତ୍ୱ ଅଛି । ଏହି ମାସରେ ଦେବଶୟନ ଏକାଦଶୀ ବ୍ରତ ପାଳନ କରାଯାଏ । ଏହି ଅବସରରେ ମେହେନ୍ଦି ଲଗାଇବା ଭଲ । ଏହି ସମୟରେ ଭଗବାନ ବିଷ୍ଣୁ ଶୟନ ଅବସ୍ଥାରେ ଥାନ୍ତି । ଏହି ସମୟରେ ଭଗବାନ ବିଷ୍ଣୁଙ୍କୁ ମେହେନ୍ଦି ଅର୍ପଣ କରିବା ଶୁଭ । ଜାତକରେ ନକାରାତ୍ମକ ପ୍ରଭାବ ଅନୁଭୂତ ହେଉଥିଲେ ମେହେନ୍ଦି ଲଗାଇବା ଶୁଭ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମେହେନ୍ଦି ଲଗାଇବାର ଉତ୍ତମ ଦିନ ହେଉଛି ବୁଧବାର ଓ ଶୁକ୍ରବାର ।

## ସୃଷ୍ଟି

## ଜନ୍ମବାରରୁ ବ୍ୟକ୍ତିତ୍ୱ



**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଜାତକ, ରାଶି, ଜନ୍ମତିଥିରୁ ଯେଭଳି ଜଣକ ବ୍ୟକ୍ତିତ୍ୱ ଓ ସ୍ୱଭାବ ସମ୍ପର୍କରେ ଜାଣି ହୁଏ । ଠିକ୍ ସେହିପରି ଜନ୍ମବାରରୁ ଜଣଙ୍କ ସ୍ୱଭାବ ଓ ବ୍ୟବହାର ବାବଦରେ ଜାଣିବା ସମ୍ଭବ । ଏହି କ୍ରମରେ କେଉଁ ବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କ ସ୍ୱଭାବ କିଭଳି ହୋଇଥାଏ, ସେ ସମ୍ପର୍କରେ ଜାଣିବା ।**

**ରବିବାର:** ରବିବାର ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି । ସେମାନଙ୍କଠାରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ପ୍ରାଣୀଙ୍କୁ ମଧ୍ୟ ନିଜ ପ୍ରତି ଆକର୍ଷିତ କରିବାର କଳା ଥାଏ । ସେହିପରି ଏଭଳି ଲୋକେ ସହଜରେ ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କୁ ପ୍ରଭାବିତ କରିପାରନ୍ତି । ମୁକ୍ତ ଚିନ୍ତାଧାରାର ହୋଇଥିବା ବେଳେ ସ୍ୱାଧୀନତାକୁ ଭଲପାଆନ୍ତି । ସେହିପରି ଥରେ ଯାହା ନିର୍ଣ୍ଣୟ ନେଇଥାନ୍ତି, ସେମାନେ ସେହି କାମ କରନ୍ତି ।

**ସୋମବାର:** ଏହି ବାରରେ ଜନ୍ମିତ ବ୍ୟକ୍ତି ସ୍ୱଭାବରେ ଯତ୍ନବାନ ହୋଇଥାନ୍ତି । ଲୋକଙ୍କୁ ସୁରକ୍ଷିତ ଓ ସହଜ ଅନୁଭବ କରାଇବାକୁ ସେମାନେ ଭଲପାଆନ୍ତି । ଲୋକଙ୍କ ସହ ସହଜରେ ମିଶି ଯାଆନ୍ତି । ତେଣୁ ଲୋକଙ୍କଠାରୁ ଦୂରେଇବା କଷ୍ଟକର ହୁଏ । ଘରେ ରହିବାକୁ ଭଲପାଆନ୍ତି ଏବଂ ଘରେ ହିଁ ସେମାନେ ବାସ୍ତବିକ ଶାନ୍ତିକୁ ଅନୁଭବ କରନ୍ତି ।

**ମଙ୍ଗଳବାର:** ଯେଉଁ ବ୍ୟକ୍ତି ମଙ୍ଗଳବାର ଜନ୍ମଗ୍ରହଣ କରିଥାନ୍ତି, ସେମାନେ ଉର୍ଜାବାନ ହୋଇଥାନ୍ତି । ସବୁବେଳେ କିଛି ନୂଆ କରିବାକୁ ପ୍ରସ୍ତୁତ ଥାନ୍ତି । ଏଭଳି ଲୋକଙ୍କ ଗୋଡ଼ ହଲାଇବା ଅଭ୍ୟାସ ଥାଏ । ତେବେ ନୂଆ ଜିନିଷ ସନ୍ଧାନ କରିବାକୁ ପସନ୍ଦ କରନ୍ତି ଏବଂ ବୁଝି ବିଚାରି କଥା କୁହନ୍ତି ।

**ବୁଧବାର:** ଯେଉଁମାନେ ବୁଧବାରରେ ଜନ୍ମ ହୋଇଥାନ୍ତି, ସେମାନେ ଯୋଗାଯୋଗ ମାମଲାରେ କୁଶଳୀ ହୋଇଥାନ୍ତି । ଏଭଳି ବ୍ୟକ୍ତିଙ୍କଠାରେ କଥା ମାଧ୍ୟମରେ ଅନ୍ୟକୁ ସହଜରେ ପ୍ରଭାବିତ କରିବାର କ୍ଷମତା ଥାଏ । ବେବେଳେବେଳେ ବେପରୁଆ ମନୋଭାବ ଦେଖାନ୍ତି । ଭ୍ରମଣ ପ୍ରିୟ ହୋଇଥିବା ବେଳେ ଅନ୍ୟମାନଙ୍କଠାରୁ ବେଶି କିଛି ଆଶା ରଖନ୍ତି ନାହିଁ ।

**ଗୁରୁବାର:** ଗୁରୁବାର ଜନ୍ମିତ ବ୍ୟକ୍ତି ସୌଭାଗ୍ୟଶାଳୀ ଓ ଉତ୍ତମ ପରାମର୍ଶଦାତା ହୋଇଥାନ୍ତି । ଠିକ୍ ସମୟରେ ଉନ୍ନତି କରିବା ସହ ଖୁସି ଅନୁଭବ କରନ୍ତି । ସେମାନଙ୍କର ଅନ୍ୟତମ ବିଶେଷତ୍ତ୍ୱ ହେଉଛି, ପରିବାର କଥା ବହୁତ ଚିନ୍ତା କରନ୍ତି । ଏଭଳି ଲୋକ ଶୀଘ୍ର ଏବଂ ସହଜରେ ବିରକ୍ତି ହୋଇଥାନ୍ତି । ତେଣୁ ଜୀବନକୁ ରୋମାଞ୍ଚକର କରିବା ପାଇଁ ନୂଆ ଉପାୟର ଖୋଜନ୍ତି ।

**ଶୁକ୍ରବାର:** ଉକ୍ତ ବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଆକର୍ଷଣୀୟ ଓ ସୃଜନାତ୍ମକ ହୋଇଥାନ୍ତି । ଆରାମ ଓ ବିଳାସପୂର୍ଣ୍ଣ ଜୀବନ ଜିଇଁବାକୁ ପସନ୍ଦ କରନ୍ତି । ସବୁ କାମରେ ପୂର୍ଣ୍ଣତା ଚାହିଁଥାନ୍ତି । ବିଶେଷକରି ପ୍ରେମ ବ୍ୟାପାରରେ ।

**ଶନିବାର:** ଶନିବାର ଜନ୍ମିତ ବ୍ୟକ୍ତି ସ୍ୱଭାବରେ କଠିନ ପରିଶ୍ରମୀ, ବିଶ୍ୱାସଯୋଗ୍ୟ ଏବଂ ଦାୟିତ୍ୱବାନ ହୋଇଥାନ୍ତି । ଯେଉଁ କାମ କରନ୍ତି, ସେଥିରେ ବୁଡ଼ି ରହିବାକୁ ପସନ୍ଦ କରନ୍ତି । ସେମାନଙ୍କରଠାରେ ଉତ୍ତମ ବ୍ୟାବସାୟିକ କଳା ଥାଏ । ସେହିପରି ସ୍ୱଭାବରେ ଲାଜକୁଳା ହୋଇଥିବାରୁ ଏକାକୀ ଓ ଅଲଗା ରହିବାକୁ ଭଲପାଆନ୍ତି । ଏପରିକି ବେଳେ ବେଳେ ପ୍ରେମ ମାମଲାରୁ ଦୂରେଇ ରହନ୍ତି ।

## ଉପହାରରେ ଧାର୍ମିକ ଗ୍ରନ୍ଥ

ଜ୍ୟୋତିଷ ଶାସ୍ତ୍ର ତଥା ପୁରାଣରେ ଦାନର ବିଶେଷ ମହତ୍ତ୍ୱ ଥିବା କୁହାଯାଇଛି । ଉପହାରକୁ ବି ଦାନର ସ୍ୱରୂପ ଭାବେ ବିବେଚନା କରାଯାଏ । ଏହି କ୍ରମରେ ଉପହାରରେ ଭଗବଦ ଗୀତା, ରାମଚରିତ ମାନସ, ରାମାୟଣ, ଠାକୁରଙ୍କ ମୂର୍ତ୍ତି ଆଦି ପ୍ରଦାନ କରଯାଏ । ତେବେ ଏସବୁ ଦେବା ଠିକ୍ ନା ଭୁଲ୍, ସେ ସମ୍ପର୍କରେ ଜାଣିବା ।



- ଧାର୍ମିକ ଗ୍ରନ୍ଥ ଉପହାରରେ ପ୍ରଦାନ କରିବା ଅତ୍ୟନ୍ତ ପବିତ୍ର । ଏହାକୁ ସାତ୍ୱିକ ଓ ଧାର୍ମିକ ବ୍ୟକ୍ତିଙ୍କୁ ଦିଅନ୍ତୁ ।
- ସତକର୍ମ କରୁଥିବା ବ୍ୟକ୍ତିଙ୍କୁ ଭଗବାନଙ୍କ ମୂର୍ତ୍ତି ବା ଭଗବଦ ଗୀତା ଦେବା ଶୁଭ ।
- ତେବେ ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ନ ଥିବା ବ୍ୟକ୍ତିବିଶେଷଙ୍କୁ ଏଭଳି ଜିନିଷ ଉପହାରରେ ଦିଅନ୍ତୁ ନାହିଁ ।
- ସ୍କନ୍ଦ ପୁରାଣ ଅନୁସାରେ ଭଗବଦ ଗୀତା, ରାମଚରିତ ମାନସ, ରାମାୟଣ ଭଳି ପବିତ୍ର ଗ୍ରନ୍ଥ ଅପାତ୍ରରେ ଦାନ କରନ୍ତୁ ନାହିଁ ।

## ଅଫିସ୍ ବ୍ୟାଗ୍‌ରେ କେଉଁ ଜିନିଷ ରଖିବେ ନାହିଁ

ସାଧାରଣତଃ ଅଫିସ୍ ବ୍ୟାଗ୍‌ରେ ଅଫିସ୍ ଜିନିଷ ସମେତ କିଛି ନିତ୍ୟବ୍ୟବହାର୍ଯ୍ୟ ଜିନିଷ ରଖାଯାଏ । ଯାହାକି ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଠିକ୍ ନୁହେଁ । ତେବେ କେଉଁ ଜିନିଷ ଅଫିସ୍ ବ୍ୟାଗ୍‌ରେ ରଖିବେ ନାହିଁ, ତାହା ନିମ୍ନରେ ପ୍ରଦତ୍ତ କରାଗଲା ।

- ଅଫିସ୍ ବ୍ୟାଗ୍‌ରେ ପାନିଆ, ଟୁଥ୍‌ବ୍ରଶ ଆଦି ରଖନ୍ତୁ ନାହିଁ । ଏଭଳି ଜିନିଷ ରଖିବା ଦ୍ୱାରା ନକାରାତ୍ମକ ଶକ୍ତ ସଞ୍ଚାର ହୁଏ । କ୍ୟାରିୟର ଉନ୍ନତିରେ ହୁଏ ନାହିଁ ।
- ଅନେକେ ଅଫିସ୍ ବ୍ୟାଗ୍‌ରେ ଛୋଟ ଛୁରୀ ନଚେତ୍ ନେଲ୍ କଟର ରଖନ୍ତି । ବାସ୍ତୁ ନିୟମ ଦୃଷ୍ଟିରୁ ଏଭଳି କରିବା ଅଶୁଭ । ଏସବୁ ଜିନିଷ ରଖିବା ଦ୍ୱାରା ସହକର୍ମୀଙ୍କ ସହ ବିବାଦ ଉପୁଜେ । ବ୍ୟକ୍ତିତ୍ୱ ପ୍ରଭାବିତ ହେବା ସହ କ୍ୟାରିୟର ବାଧାପ୍ରାପ୍ତ ହୁଏ ।
- ସେହିପରି ଅଫିସ୍ ବ୍ୟାଗ୍‌ରେ ଅପରିଷ୍କାର କପଡ଼ା ରଖନ୍ତୁ ନାହିଁ । ଏହା ଦ୍ୱାରା ସ୍ୱଭାବରେ ପରିବର୍ତ୍ତନ ଆସେ । ବିଶେଷକରି ଚିଡଚିଡାପଣ, କ୍ରୋଧ, ଥକ୍କାପଣ ଦେଖା ଦିଏ । ଫଳରେ ଅଫିସ୍ କାର୍ଯ୍ୟରେ ମନ ଲାଗେ ନାହିଁ ।

### ବୁମ୍‌ରାଙ୍କ ଘାତକ ବୋଲିଂ, ୯ ୯ ରନ୍‌ରେ ଆଉଟ ହେଲେ ବ୍ରୁକ୍

# ଇଂଲଣ୍ଡ ବିପକ୍ଷରେ ଭାରତ ପ୍ରଥମ ଇନିଂସ ଆଗୁଆ

ଲିଡ୍ସ, ୨୨।୬ (ଏଜେନ୍ସି)

ବିଶ୍ୱର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଫ୍ଲାଟ୍ ପିଚ୍‌ରେ ଚମତ୍କାର ବୋଲିଂ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଭାରତ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ୪୭୧ ରନ୍ କରିଥିଲା। ଜବାବରେ ହ୍ୟାରି ବ୍ରୁକ୍‌ର ୯ ୯ ଓ ଶେଷ ଭାଗ ବ୍ୟାଟରଙ୍କ ଉପଯୋଗୀ ଯୋଗଦାନ ଫଳରେ ତୃତୀୟ ଦିନ ଟି ସୁଦ୍ଧା ଇଂଲଣ୍ଡ ୪୬୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଇଂଲଣ୍ଡର ୫ଜଣ ଖେଳାଳିଙ୍କୁ ଆଉଟ କରି ବୁମ୍‌ରା ସର୍ବାଧିକ କ୍ଷତି ଘଟାଇଥିଲେ। କିନ୍ତୁ ତାଙ୍କ ବୋଲିଂରେ ଭାରତୀୟ ଫିଲ୍ଡରମାନେ ମଧ୍ୟ ୪ଟି କ୍ୟାଚ୍ ହାତଛଡ଼ା କରିଥିଲେ। ଅନ୍ୟ ଦୁଇ ପେସ ବୋଲର ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ମହମ୍ମଦ୍ ସିରାଜ ୨ଟି ୱିକେଟ ପାଇଥିଲେ। ଏହା ଫଳରେ ଇଂଲଣ୍ଡ ଇନିଂସରେ ସମସ୍ତ ୧୦ଟି ଯାକ ୱିକେଟ ପେସ୍ ବୋଲରଙ୍କୁ ମିଳିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତ ରବିବାର ଷ୍ଟମ୍ପସ୍ ସୁଦ୍ଧା ୨ ୱିକେଟ୍‌ରେ ୯୦ ରନ୍ ସଂଗ୍ରହ କରିଛି। ଏହି ସମୟରେ ଲୋକେଶ ରାହୁଲ ୪୭ ଓ ଶୁବମନ୍ ଗିଲ୍ ୬ ରନ୍‌ରେ ବ୍ୟାଟିଂ କରୁଥିଲେ । ସାଇ ସୁଦର୍ଶନ ୩୦ ଓ ଯଶସ୍ୱୀ ଜୟସ୍ୱାଲ ୪ ରନ୍‌ରେ ଆଉଟ୍ ହୋଇଛନ୍ତି।



### ■ ଇଂଲଣ୍ଡକୁ ସମ୍ଭାଳିଲେ ହ୍ୟାରୀ ବ୍ରୁକ୍

ଏଠାରେ ଇଂଲଣ୍ଡ ମ୍ୟାଚ୍‌ର ତୃତୀୟ ଦିନ ୩ ୱିକେଟରେ ୨୦୯ ରନ୍‌ରୁ ସତର୍କତାର ସହ ଖେଳିଥିଲା। ପୂର୍ବଦିନ ଶତକ ହାସଲ କରିଥିବା ଓଲି ପୋପ ଆଉ ୬ ରନ୍ କରିବା ପରେ ୧୦୬ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। କିନ୍ତୁ ଶୂନ୍ ରନ୍‌ରେ ଅପରାଜିତ ଥିବା ଇଂଲଣ୍ଡ ସୀମିତ ଓଭର ଅଧିନାୟକ ହ୍ୟାରୀ ବ୍ରୁକ୍ ଚମତ୍କାର ଭଙ୍ଗୀରେ ଭାରତୀୟ ବୋଲରଙ୍କୁ ଆକ୍ରମଣ କରିବା ସହ ଶେଷ ଭାଗ ଖେଳାଳିଙ୍କ ସହାୟତାରେ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ସେ ଖାତା ଖୋଲିବା ପୂର୍ବରୁ କଟ୍ ହୋଇଥିଲେ। କିନ୍ତୁ ତାହା ନୋ ବଲ ଥିଲା। ସେହିପରି ସେ ୮୩ ରନ୍ କରିଥିଲାବେଳେ ବୁମ୍‌ରାଙ୍କ ବୋଲିଂରେ ଯଶସ୍ୱୀ ଜୟସ୍ୱାଲ ଗଲି ଅଞ୍ଚଳରେ ତାଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ବ୍ରୁକ୍ କିନ୍ତୁ ଶତକ ହାସଲ କରି ପାରି ନ ଥିଲେ। ସେ ୯ ୯ ରନ୍ କରିଥିଲାବେଳେ କ୍ରିଷ୍ଣାଙ୍କ ବୋଲିଂରେ ଦେଇଥିବା ସୁଯୋଗକୁ ଶାର୍ଦ୍ଦୁଳ ଠାକୁର କ୍ୟାଚ୍ ନେଇ ଆଉଟ କରିଥିଲେ। ତାଙ୍କୁ ସୁଯୋଗ ଦେବା କେତେ ମହଙ୍ଗା ହେବ ତାହା ପରେ ଜଣାପଡ଼ିବ। ଇଂଲଣ୍ଡର ଅନ୍ୟ ଖେଳାଳିମାନେ ମଧ୍ୟ ଉପଯୋଗୀ ସହାୟତା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୱିକେଟରକ୍ଷକ ଜେମି ସ୍ମିଥ ୫୨ ବଲ୍ ଖେଳି ୪୦, କ୍ରିସ୍ ଓକ୍ସ ୫୫ ବଲ୍ ଖେଳି ୩୮ ଓ ବ୍ରାଇଡନ କାର୍ସ ୨୩ ବଲ୍‌ରୁ ୨୨ ରନ୍ ସଂଗ୍ରହ କରିବା ଫଳରେ ଭାରତଠାରୁ ଇଂଲଣ୍ଡ ମାତ୍ର ୬ ରନ୍ ପଛରେ ରହିଥିଲା।

### ■ ବୁମ୍‌ରାଙ୍କ ବୋଲିଂରେ ୪ଟି କ୍ୟାଚ୍ ଡ୍ରପ୍

ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ଭାରତର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂରେ ଫିଲ୍ଡରମାନେ ୪ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ଏହାର ଫାଇଦା ନିଶ୍ଚିତଭାବେ ଇଂଲଣ୍ଡକୁ ମିଳିଛି। ଏହି ୪ଟି ମଧ୍ୟରୁ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ୩ଟି ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଗୋଟିଏ କ୍ୟାଚ୍ ଡ୍ରପ୍ କରିଥିଲେ। ଖେଳର ଦ୍ୱିତୀୟ ଦିନ ୩ଟି ଓ ତୃତୀୟ ଦିନ ଗୋଟିଏ କ୍ୟାଚ୍ ଡ୍ରପ୍ ହୋଇଥିଲା। କ୍ୟାଚ୍ ଡ୍ରପ୍ ଖେଳର ଏକ ଅଂଶବିଶେଷ ହୋଇପାରେ, କିନ୍ତୁ ଘରୋଇ ମାଟିରେ ଖେଳୁଥିବା ଇଂଲଣ୍ଡ ଏଥିରୁ କେତେ ଫାଇଦା ଉଠାଇବ ତାହା ସମୟ କହିବ। କ୍ୟାଚ୍ ଡ୍ରପ୍ ସତ୍ତ୍ୱେ ବୁମ୍‌ରା ଏହି ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଟେଷ୍ଟ କ୍ରିକେଟର ଗୋଟିଏ ଇନିଂସରେ ସେ ଏହାକୁ ମିଶାଇ ୧୪ଥର ସକାଶେ ଏହି ସଫଳତା ପାଇଛନ୍ତି। ତାହା ମଧ୍ୟରୁ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୩ଟି ଓ ମହମ୍ମଦ୍ ସିରାଜଙ୍କ ଖାତାରେ ୨ଟି ରହିଛି।

#### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୪୭୧ (ଗିଲ-୧୪୭, ପନ୍ତ-୧୩୪, ଜୟସ୍ୱାଲ-୧୦୧, ଷ୍ଟୋକ୍ସ-୪/୬୬, ଟଙ୍ଗ୍-୪/୮୬)।
**ଇଂଲଣ୍ଡ ପ୍ରଥମ ଇନିଂସ** : ୪୬୫ (ପୋପ୍-୧୦୬, ବ୍ରୁକ୍-୯ ୯, ଡକେଟ-୬୨, ବୁମ୍‌ରା-୫/୮୩, କ୍ରିଷ୍ଣା-୩/୧୨୮, ସିରାଜ-୨/୧୨୨)।
**ଭାରତ ଦ୍ୱିତୀୟ ଇନିଂସ**: ୯୦/୨ (ରାହୁଲ-୪୭*, ଗିଲ୍-୬*, ସୁଦର୍ଶନ-୩୦, ଜୟସ୍ୱାଲ-୪ ,କାର୍ସ-୧/୨୭)।

### ଗୋଟିଏ ଟେଷ୍ଟରେ ଦୁଇଥର କଳାପଟି ପିନ୍ଧିଲେ ଖେଳାଳି

ଲିଡ୍ସ, ୨୨।୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ତୃତୀୟ ଦିନରେ ଖେଳାଳିମାନେ କଳାପଟି ପିନ୍ଧି ଖେଳିଥିଲେ। ଆଜି ଇଂଲଣ୍ଡର ପୂର୍ବତନ ଫାଷ୍ଟ ବୋଲର ତଥା ବ୍ରିଟେନରେ ଜନ୍ମିତ ପ୍ରଥମ କୃଷ୍ଣକାୟ କ୍ରିକେଟର ଡେଭିଡ ଲରେନ୍ସଙ୍କ ୬୧ ବର୍ଷରେ ବିୟୋଗ ହୋଇଥିଲା। ତାଙ୍କ ଅମର ଆତ୍ମାକୁ ସମ୍ମାନ ଜଣାଇ ଆଜି ଉଭୟ ଦଳର ଖେଳାଳିମାନେ ହାତରେ କଳାପଟି ପିନ୍ଧି ଖେଳିଥିଲେ। ଏହା ପୂର୍ବରୁ ଭାରତର ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ବିମାନ ଦୁର୍ଘଟଣାରେ ମୃତାହତଙ୍କୁ ସମ୍ମାନ ଜଣାଇ ଉଭୟ ଦଳର ଖେଳାଳିମାନେ ମଧ୍ୟ କଳାପଟି ପିନ୍ଧି ଖେଳିଥିଲେ।

### କୁଇନ୍ସ କ୍ଲବ୍‌ରେ ଆଲ୍‌କାରାଜ୍ ଚାମ୍ପିଅନ

ଲଣ୍ଡନ,୨୨।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଜୁନ ୩୦ରୁ ଏଠାରେ ଆରମ୍ଭ ହେବ। ତେବେ ଏହା ପୂର୍ବରୁ ଅନୁଷ୍ଠିତ କୁଇନ୍ସ କ୍ଲବ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇ ଟପ୍ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ମନୋବଳ ଦୃଢ଼ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଆଲ୍‌କାରାଜ ୭-୫, ୬-୭ (୫), ୬-୨ ସେଟ୍‌ରେ ଚେକ୍ ଗଣରାଜ୍ୟର ଜିରି ଲିହେକଙ୍କୁ ପରାସ୍ତ କରି କୁଇନ୍ସ କ୍ଲବରେ ଚାମ୍ପିଅନ ହୋଇଥିଲେ। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଆଲ୍‌କାରାଜ ୨୦୨୩ ପରେ ପ୍ରଥମ ଏଟିପି-୫୦୦ ଟାଇଟଲ୍ ଜିତିଛନ୍ତି। ସେହିଭଳି ଆଲ୍‌କାରାଜଙ୍କ ଏହା ଗ୍ରାସକୋର୍ଟରେ ୪ର୍ଥ ଟ୍ରଫି।

---

#### ୭୮ ତମ ଜାତୀୟ ସିନିଅର ଜଳକ୍ରୀଡ଼ା ଉଦ୍‌ଘାଟିତ

## ଓଡ଼ିଶା ପାଇଁ ସ୍ୱର୍ଣ୍ଣ ଜିତିଲେ ସ୍ରିଷ୍ଟି

ଭୁବନେଶ୍ୱର,୨୨।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଇଣ୍ଡୋର ଆକ୍ୱାଟିକ ସେଣ୍ଟରରେ ରବିବାର ଜାତୀୟ ସିନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ର ୭୮ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମାନଜନକ ସନ୍ତରଣ



ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ପ୍ରଥମ ଦିନରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ସ୍ରିଷ୍ଟି ଉପାଧ୍ୟାୟ ଘରୋଇ ଦର୍ଶକଙ୍କ ସାମ୍ନାରେ ଏହି ସ୍ୱର୍ଣ୍ଣପଦକ ସଫଳତା ଆଣିଛନ୍ତି। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟର ଫାଇନାଲରେ ସ୍ରିଷ୍ଟି ୧ ମିନିଟ୍ ୦୩.୫୦ ସେକେଣ୍ଡରେ ଫିନିଶ୍ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ (ଆର୍‌ଏସ୍‌ପିବି)ର ଆସ୍ଥା ଚୌଧୁରୀ ମଧ୍ୟ ସମାନ ଟାଇମିଂ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ଫଳରେ ସ୍ରିଷ୍ଟିଙ୍କ ସହ ଆସ୍ଥା ଯୁଗ୍ମ ଭାବେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। କର୍ଣ୍ଣାଟକର ଧିନିଧି ଦେଶିଂହୁଙ୍କୁ କାଂସ୍ୟ ପଦକ ମିଳିଥିଲା। ଦୁଇଜଣ ଖେଳାଳି ପ୍ରଥମ ସ୍ଥାନରେ ରହିଥିବାରୁ ଏଥିରେ ରୌପ୍ୟ ପଦକ କାହାରିକୁ ଦିଆଯାଇ ନ ଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଅଲିମ୍ପିଆନ ଧିନିଧିଙ୍କୁ ପଛରେ ପକାଇ ସ୍ରିଷ୍ଟି ଏହି ସଫଳତା ପାଇଛନ୍ତି। ୧୫ ବର୍ଷୀୟା ଧିନିଧି ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସେହିଭଳି ଓଡ଼ିଶାର ଅନ୍ୟତମ ଜଣାଶୁଣା ସନ୍ତରଣକାରୀ ମନ୍ନତା ମିଶ୍ର ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ସେ ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଫାଇନାଲକୁ ୨ ମିନିଟ୍ ୪୧.୪୩ ସେକେଣ୍ଡରେ ଫିନିଶ କରି ୪ର୍ଥ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଓଡ଼ିଆ ସନ୍ତରଣକାରୀ ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୨:୪୨.୯୮) ୬ଷ୍ଠ ସ୍ଥାନରେ ରହିଥିଲେ।

ସେହିଭଳି ପ୍ରଥମ ଦିବସରେ ଗୋଟିଏ ନୂଆ ଜାତୀୟରେକର୍ଡ ପ୍ରତିଷ୍ଠା ହୋଇଛି। ପୁରୁଷ ୧୦୦ ମିଟର ବଟରଫ୍ଲାଏରେ ତାମିଲନାଡୁର ବି. ବେନେଡେକସନ ରୋହିତ୍ ୫୨.୫୭ ସେକେଣ୍ଡ ସମୟ ନେଇ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରବିବାର ଅପରାହ୍ଣରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାରତୀୟ ସନ୍ତରଣ ମହାସଂଘର ସଭାପତି ଆର୍.ଏନ୍. ଜୟପ୍ରକାଶ, ସମ୍ପାଦକ ମୋନାଲ ଚୋକ୍ସି, ରାଜ୍ୟ ସଂଘର ସମ୍ପାଦକ ଗୋଲାପମଣୀ ମହାନ୍ତ, କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜୁନ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ସାରା ଦେଶର ୪୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଭାଗନେଇଛନ୍ତି।

## ଟି-୨୦ ବିଶ୍ୱକପ୍‌କୁ କାନାଡାର ଯୋଗ୍ୟତା

ଓଣ୍ଟାରିଓ, ୨୨।୬ (ଏଜେନ୍ସି): ପୁରୁଷ ଟି-୨୦ ବିଶ୍ୱକପ୍‌ର ଆଗାମୀ ସଂସ୍କରଣକୁ ୧୩ତମ ଦଳ ଭାବେ କାନାଡା ଯୋଗ୍ୟତା ଅର୍ଜନ କରିଛି। ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ୨୦୨୬ରେ ଖେଳାଯିବ। କାନାଡା ପୂର୍ବରୁ ଦୁଇ ଆୟୋଜକ ଭାରତ ଓ ଶ୍ରୀଲଙ୍କା ସମେତ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଯୋଗ୍ୟତା ଅର୍ଜନ କରିଥିଲେ। ଏଥିପୂର୍ବରୁ ୨୦୨୪ରେ ଆମେରିକାରେ ଅନୁଷ୍ଠିତ ସଂସ୍କରଣକୁ କାନାଡା ଯୋଗ୍ୟତା ଅର୍ଜନ କରିଥିଲା। ଏଥିରେ ଗ୍ରୁପ୍ ପର୍ଯ୍ୟାୟର ୪ଟି ମ୍ୟାଚରୁ କେବଳ ଆୟର୍ଲାଣ୍ଡ ବିପକ୍ଷରେ କାନାଡା ବିଜୟ ହାସଲ କରିଥିଲା।

#### ● ଜାତୀୟ ସିନିଅର ବଧିର କ୍ରୀଡ଼ା

## ଓଡ଼ିଶା ଟାଏକ୍ୱୋଣ୍ଡୋ ଦଳକୁ ୩ ପଦକ



ଭୁବନେଶ୍ୱର, ୨୨।୬ (ସମିସ): ଉତ୍ତର ପ୍ରଦେଶର କାନପୁରଠାରେ ଅନୁଷ୍ଠିତ ୨୭ତମ ଜାତୀୟ ସିନିଅର ବଧିର କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ଟାଏକ୍ୱୋଣ୍ଡୋ ଦଳ ୩ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ଓଡ଼ିଶା ପାଇଁ ମଣ୍ଡଳ ନାୟକ ୮୦ କିଗ୍ରାରୁ କମ୍ ବର୍ଗ ଓ ଶୁଭମ ହେମ୍ବ୍ରମ ୬୯ କିଗ୍ରାରୁ କମ୍ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ୫୮ କିଗ୍ରା ବର୍ଗରେ ମନୋଜ ଦାସ କାଂସ୍ୟପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

#### ଚତୁଃରାଷ୍ଟ୍ରୀୟ କନିଷ୍ଠ ପୁରୁଷ ହକି

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

ବର୍ଲିନ, ୨୨।୬ (ଏଜେନ୍ସି): ଜର୍ମାନୀର ରାଜଧାନୀ ବର୍ଲିନରେ ଚାଲିଥିବା ଚତୁଃରାଷ୍ଟ୍ରୀୟ କନିଷ୍ଠ ପୁରୁଷ ହକିରେ ଭାରତୀୟ ଦଳ ଦ୍ୱିତୀୟ ମୁକାବିଲାରେ ଦମ୍‌ଦାର ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୩-୧ ଗୋଲ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ମାତ୍ ଦେଇଛି। ପ୍ରତିଯୋଗିତାରେ ଭାରତର ଏହା ପ୍ରଥମ ବିଜୟ। ପୂର୍ବରୁ ପ୍ରଥମ ମ୍ୟାଚରେ ଘରୋଇ ଜର୍ମାନୀ ନିକଟରୁ ୭-୧ ଗୋଲ୍‌ରେ ଭାରତ ପରାସ୍ତ ହୋଇଥିଲା। ଭାରତ ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ସ୍ପେନକୁ ଭେଟିବ। ରବିବାର ଖେଳାଯାଇଥିବା ଏହି ମ୍ୟାଚର ୧୫ତମ ମିନିଟ୍‌ରେ ଶ୍ରଦ୍ଧାନନ୍ଦ ତିୱାରୀଙ୍କ ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଭାରତ ଆଉ ଦୁଇଟି ଗୋଲ୍ ଦେଇଥିଲା। ୩୬ତମ ମିନିଟ୍‌ରେ ସୌରଭ ଆନନ୍ଦ ଖୁସୱାହ ଓ ୪୩ତମ ମିନିଟ୍‌ରେ ଅମିର ଅଲି ଏହି ଦୁଇଟି ଗୋଲ୍ ଦେଇଥିଲେ। ଫଳରେ ତୃତୀୟାର୍ଦ୍ଧ ସୁଦ୍ଧା ୩-୦ରେ ଭାରତ ଏକପାଖିଆ ଅଗ୍ରଣୀ ରହି ପ୍ରଭାବ ବିସ୍ତାର କରିଥିଲା। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଅଷ୍ଟ୍ରେଲିଆ ପାଇଁ ଓଲିଭର ୱିଲ୍ ଗୋଟିଏ ଗୋଲ୍ ଶୁଝାଇଦେଇଥିଲେ ମଧ୍ୟ ଦଳକୁ ୩-୧ରେ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଆୟୋଜକ ଜର୍ମାନୀ ବ୍ୟତୀତ ଭାରତ, ଅଷ୍ଟ୍ରେଲିଆ ଓ ସ୍ପେନ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ-ରବିନ୍ ଫର୍ମାଟ୍‌ରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ସର୍ବାଧିକ ପଏଣ୍ଟ ରଖିଥିବା ଦୁଇ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।

## କ୍ରମାଗତ ୭ ପରାଜୟ ପରେ ଶେଷରେ ବିଜୟ

#### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଅନ୍ତୱର୍ପ,୨୨।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ୟୁରୋପ୍ ଲେଗ୍ (ଚରଣ)ରେ କ୍ରମାଗତ ୭ ମ୍ୟାଚ୍ ହାରିବା ପରେ ଶେଷରେ ବିଜୟ ସ୍ୱାଦ ଚାଖିଛି। ରବିବାର ଏଠାରେ ଭାରତ ୪-୩ ଗୋଲ୍‌ରେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା ଘରୋଇ ବେଲ୍‌ଜିୟମକୁ ପରାସ୍ତ କରିଥିଲା। ପୂର୍ବରୁ ଗତକାଲି ବେଲ୍‌ଜିୟମଠାରୁ ୬-୩ ଗୋଲ୍‌ରେ ହାରିଥିବା ଭାରତୀୟ ପୁରୁଷ ଦଳ ଏଥିସହ ମଧୁର ପ୍ରତିଶୋଧ ମଧ୍ୟ ନେଇଛି। ଏଥିସହ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିଜୟ ସହ ଚଳିତ ପ୍ରୋ ଲିଗ୍ ଅଭିଯାନ ଶେଷ କରିଛି। ଭାରତ ୧୬ ମ୍ୟାଚ୍ ଖେଳି ୬ ବିଜୟ ଓ ୧୦ ପରାଜୟ ସହ ମୋଟ୍ ୧୮ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ୭ମ ସ୍ଥାନରେ ରହିଛି। ନେଦରଲାଣ୍ଡସ (୩୭ ପଏଣ୍ଟ), ଅଷ୍ଟ୍ରେଲିଆ (୨୭) ଓ ବେଲ୍‌ଜିୟମ (୨୫) ପଏଣ୍ଟ ସହ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଭାରତୀୟ ମହିଳା ଦଳ ୟୁରୋପ୍ ଚରଣରେ କ୍ରମାଗତ ୬ଷ୍ଠ ପରାଜୟବରଣ କରିଛି। ରବିବାର ଘରୋଇ ବେଲ୍‌ଜିୟମ ମହିଳା ଦଳ ୨-୦ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି। ପୂର୍ବରୁ ଶନିବାର ମଧ୍ୟ ଭାରତୀୟ ମହିଳା ଦଳ ୧-୫ ଗୋଲ୍‌ରେ ବେଲ୍‌ଜିୟମଠାରୁ ହାରିଥିଲା। ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଦଳ ୧୪ ମ୍ୟାଚରୁ ୯ ପରାଜୟ ସହ ୧୦ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ସର୍ବନିମ୍ନ ସ୍ଥାନକୁ ଖସିଯାଇଛି। ଭାରତ ଏହାର ଶେଷ ଦୁଇ ମ୍ୟାଚରେ ଚାଇନା ବିପକ୍ଷରେ ଖେଳିବ। ଯଦି ଉଭୟ ମ୍ୟାଚ୍‌ରେ ଭାରତ ଯଦି ପରାଜୟବରଣ କରି ପଏଣ୍ଟ ଟେବଲ୍‌ର ସର୍ବନିମ୍ନ ସ୍ଥାନରେ ରୁହେ ତେବେ ଏଫ୍‌ଆଇଏଚ୍ ପ୍ରୋ ଲିଗର ୨୦୨୫-୨୬ ସଂସ୍କରଣରୁ ବାଦ୍ ପଡ଼ିବ।

---

#### ରାଜ୍ୟ ଓପନ୍ ଚେସ୍

## ଲବ୍ୟଜ୍ୟୋତିଙ୍କୁ ଟାଇଟଲ୍



ଭୁବନେଶ୍ୱର, ୨୨।୬ (ସମିସ): କେନ୍ଦ୍ରାପଡ଼ାର ଲବ୍ୟଜ୍ୟୋତି ରାଉତରାୟ ଏଠାରେ ରବିବାର ଅନୁଷ୍ଠିତ ଚତୁର୍ଥ ଅଲେଖ ଚନ୍ଦ୍ର ଦେବତା ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଦ୍ୱାରା କେଶୁରା ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଲବ୍ୟଜ୍ୟୋତି ଓ ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଲବ୍ୟଜ୍ୟୋତି ପ୍ରଥମ ଓ ଶୁଭେନ୍ଦୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏମାନଙ୍କ ପଛକୁ ୪ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନେ ହେଲେ ଜଟଣୀର ସ୍ଥିତପ୍ରଜ୍ଞ ସାହୁ, କଟକର ପ୍ରତ୍ୟୁଷ ମହାପାତ୍ର, ଭୁବନେଶ୍ୱରର ବିନୀତ ନାୟକ ଓ ଜଟଣୀର ରଶ୍ମିରଞ୍ଜନ ପାତ୍ର ଯଥାକ୍ରମେ ଦ୍ୱିତୀୟରୁ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ଖେଳଶେଷରେ ସିଡ୍ରିମ୍‌ଜର ଏମ୍‌ଡି ଚିତ୍ତରଞ୍ଜନ ଦେବତା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

#### ମାଷ୍ଟର୍ସ କପ୍ ହକି

## ଓଡ଼ିଶା-ଆନ୍ଧ୍ର କ୍ୱାର୍ଟର ଫାଇନାଲ୍ ଆଜି

ଭୁବନେଶ୍ୱର, ୨୨।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍‌ର ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲ ସୋମବାର ଖେଳାଯିବ। ଓଡ଼ିଶା ହକି ଦଳ ଦ୍ୱିତୀୟ କ୍ୱାର୍ଟରରେ ଆନ୍ଧ୍ର ପ୍ରଦେଶକୁ ଭେଟିବ। ଲାଜରୁସ୍ ବାର୍ଲାଙ୍କ ନେତୃତ୍ୱରେ ଖେଳୁଥିବା ଓଡ଼ିଶା ଭେଟେରାନ ହକି ଦଳ ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ପୁଡୁଚେରୀକୁ ୬-୩ ଗୋଲ୍‌ରେ ଓ ପଞ୍ଜାବକୁ ୫-୨ ଗୋଲ୍‌ରେ ହରାଇ କ୍ୱାର୍ଟର ଫାଇନାଲକୁ ଉଠିଛି। ଉଲ୍ଲେଖଯୋଗ୍ୟ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଭାରତୀୟ ହକି ଖେଳାଳିଙ୍କୁ ନେଇ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଖେଳାଯାଉଛି। ଏଥିରେ ପୁରୁଷ ବିଭାଗରେ ୧୧ଟି ଓ ମହିଳାରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ମହିଳା ବିଭାଗରେ ଓଡ଼ିଶା ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇଛି।

#### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## କଟକ-ଏ ଚାମ୍ପିଅନ

କଟକ,୨୨।୬(ସମିସ)




ବାରବାଟୀ ଷ୍ଟାଡିୟମରେ ରବିବାର ଆୟୋଜିତ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲାରେ କଟକ-ଏ ୬୭ ରନରେ ଭୁବନେଶ୍ୱର-ଏ'କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପୁରସ୍କାର ସ୍ୱରୂପ ବିଜୟୀ କଟକ-ଏ ଦଳକୁ ଟ୍ରଫି ଏବଂ ୧ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ରନର୍ସଅପ ଭୁବନେଶ୍ୱର-ଏ ଦଳକୁ ଟ୍ରଫି ଏବଂ ୫୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ।

ଫାଇନାଲରେ ଘରୋଇ କଟକ-ଏ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅନିଲ ସାହୁଙ୍କ ଶତକୀୟ ପାଳି ସହାୟତାରେ ଦଳ ୪୫ ଓଭରରେ ୮ ୱିକେଟ ହରାଇ ୨୩୭ ରନ ସଂଗ୍ରହ କରିଥିଲା। ଅନିଲ ୧୩୨ ବଲରୁ ୧୦୮ ରନର ଅପରାଜିତ ପାଳି ଖେଳିଥିଲେ। ସେହିଭଳି ପିୟୂଷ ମନ୍ତ୍ରୀ ୧୫ ବଲରୁ ଦ୍ରୁତ ୪୦ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର-ଏ ପକ୍ଷରୁ ଚନ୍ଦ୍ରାଂଶୁ ବାଘେଲ ଏବଂ ପ୍ରଜ୍ଞା କୁମାର ପତ୍ରି ଯଥାକ୍ରମେ ୩ଟି ଓ ୨ଟି ୱିକେଟ ଦଖଲ କରିଥିଲେ। ଜବାବରେ ୨୩୮ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଭୁବନେଶ୍ୱର-ଏ'ର ପାଳି ୧୭୦ ରନରେ ସୀମିତ ରହିଥିଲା। ସ୍ୱାଗତ ମିଶ୍ର ୫୧ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ବିଜୟୀ ଦଳ ତରଫରୁ ସମ୍ବିତ ବେଜା ଏବଂ ଜନ୍ମେଜୟ ଜେନା ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଅପରାଜିତ ଶତକୀୟ ପାଳି ଖେଳିଥିବା ଅନିଲଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣୀ କାଯ୍ୟକ୍ରମରେ ଓସିଏ ସଦସ୍ୟ ଧୀରେନ ପଲାଇ, ସଂଗ୍ରାମ କେଶରୀ ଗୁମାନ ସିଂହ, ନୃସିଂହ ଚରଣ ଚୌଧୁରୀ, ସୁଶାନ୍ତ ମହାନ୍ତି, ନିର୍ବାଣ ରାୟ, ଶିବବ୍ରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS